


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-72 ♦SATURDAY ♦5 SEPTEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୭୨ ♦ଶନିବାର ♦୫ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



ଭିତର ପୃଷ୍ଠାରେ...

ରାଉରକେଲା ଆଦର୍ଶ ଷ୍ଟେସନ୍‌ରେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ

ସିମୁଳିଆରେ ଦୁର୍ଦ୍ଦାନ୍ତ ବିହାରୀ ଡକାୟତକୁ ପୁଲିସ୍‌ର ଏନ୍‌କାଉଣ୍ଟର୍

ମାର୍ଶାଘାଇରେ କାଣ୍ଡ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର


# କାହା ସାହସରେ ଏଫ୍‌ସିଆଇର ମନମାନି

**ଗତବର୍ଷ ଉଠାଇ ନ ଥିଲା ୧୩ ଲକ୍ଷ ଟନ୍ ଚାଉଳ ■ ଏବର୍ଷ ଏପର୍ଯ୍ୟନ୍ତ ଉଠିନାହିଁ ୨୨.୭୨ ଲକ୍ଷ ଟନ୍**



### ବାକି ପଡ଼ିଛି ଧାନ କିଣା ବକେୟା ୮ ହଜାର କୋଟି

### ସଂସଦରେ ଶୁଭୁନାହିଁ ୨୫ ବିଜେପି ସାଂସଦଙ୍କ ସ୍ୱର

■ ଭୁବନେଶ୍ୱର, ୪।୯ (ସମିସ): ଓଡ଼ିଶାରୁ ଚାଉଳ ଉଠାଇବା ପାଇଁ ରାଜ୍ୟ ଯୋଗାଣ ମନ୍ତ୍ରୀ ଦିଲ୍ଲୀରେ ଯାଇ ଦାବି କରୁଛନ୍ତି, ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ସହଯୋଗୀ କେନ୍ଦ୍ର ଯୋଗାଣମନ୍ତ୍ରୀଙ୍କୁ ଚିଠି ଲେଖୁଛନ୍ତି, ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରୁଛନ୍ତି। ମାତ୍ର ଏଫ୍‌ସିଆଇ ଏହାକୁ କର୍ଣ୍ଣପାତ କରୁନାହିଁ। ମିଲରମାନଙ୍କ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଥିବାରୁ ସେମାନେ ଧାନ ନ କିଣିବାକୁ ଧମକ ଦେଉଛନ୍ତି; ତଥାପି ଏଫ୍‌ସିଆଇ ଏହାକୁ ଶୁଣୁନାହିଁ। ଏକ ସଂଘୀୟ ବ୍ୟବସ୍ଥାରେ ଏ ପ୍ରକାର ଅବହେଳା ଓ ଉପେକ୍ଷା କେବଳ ସାଂଘାତିକ ନୁହେଁ, ଅତ୍ୟନ୍ତ ସ୍ପର୍ଶକାତର। କାହା ସାହସରେ ଏଫ୍‌ସିଆଇ ଏପରି ମନମାନି କରୁଛି ତାହା ବି ସ୍ପଷ୍ଟ ନୁହେଁ। ଗତ ବର୍ଷ ଏଫ୍‌ସିଆଇ ୧୩ ଲକ୍ଷ ଟନ୍ ଚାଉଳ ଉଠାଇ ନ ଥିବା ଖୋଦ୍ ଯୋଗାଣମନ୍ତ୍ରୀ ବିଧାନସଭାରେ ବିଜେଡି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନରେ ଉତ୍ତର ରଖିଥିଲେ। ୬୩ ଲକ୍ଷ ଟନ୍ ଚାଉଳରୁ ୫୦ ଲକ୍ଷ ଟନ୍ ଚାଉଳ ଉଠାଇଥିବାବେଳେ ବଳକା ୧୩ ଲକ୍ଷ ଟନ୍ ଉଠାଇ ନ ଥିବା ସେ ସ୍ୱୀକାର କରିଥିଲେ। ଚଳିତ ବର୍ଷ ଲକ୍ଷ୍ୟ ଥିବା ୩୦ ଲକ୍ଷ ଟନ୍ ଚାଉଳରୁ ମାତ୍ର ୭.୨୮ ଲକ୍ଷ ଟନ୍ ଚାଉଳ ଏଫ୍‌ସିଆଇ ଉଠାଇଛି, ବଳକା ୨୨.୭୨ ଲକ୍ଷ ଟନ୍ ଏବେ ବି ମିଲରଙ୍କ ଗୋଦାମରେ ଖୁନ୍ଦି ହୋଇଛି। ଯାହାକୁ ନେଇ ଯୋଗାଣମନ୍ତ୍ରୀ ଅସହାୟତା ସହ କ୍ଷୋଭ ପ୍ରକାଶ ▶ପୃଷ୍ଠା-୭

## ଇସ୍ରୋର ବଡ଼ ସଫଳତା

# ମହାକାଶରେ 'ଇଓଏସ୍-୦୫'



**ଭୂସମକାଳୀନ କକ୍ଷରୁ ପୃଥିବୀର ଚିତ୍ର ଉତ୍ତୋଳନ କରିବ ଭାରତର ପ୍ରଥମ ଉପଗ୍ରହ**

■ ଶ୍ରୀହରିକୋଟା, ୪।୯ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମହାକାଶ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଶୁକ୍ରବାର ଭୋର ୨ଟା ୫୫ ମିନିଟ୍‌ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧବନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଉତ୍‌କ୍ଷେପଣ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୭ ରକେଟ୍ ଉତ୍‌କ୍ଷେପଣ କରାଯାଇଛି। ଏହି ରକେଟ୍ ଭାରତର ଅତ୍ୟାଧୁନିକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ 'ଇଓଏସ୍-୦୫'କୁ ଉପଭୂସମକାଳୀନ ସ୍ଥାନାନ୍ତରଣ କକ୍ଷରେ ସ୍ଥାପିତ କରିଛି। ▶ପୃଷ୍ଠା-୭

## ଓଲଟ ପାଲଟ



ଅଢେଇ ବରଷ କାଳ ବିତି ଗଲା
ଉଡ଼ା ଜାହାଜରେ ବୁଲି
ଚବିଶ ବରଷ ବିଜେଡି ଶାସନ
ଏତେ ଶୀଘ୍ର ଗଲ ଭୁଲି
ଉଡ଼ା ଜାହାଜରେ ଟଙ୍କା ଉଡ଼ାଇଲେ
ମାମଲାଟେ ଦେଲ ଠେଲି
ସତ୍ୟରେ ଥିଲେ ବୋଲି
ମାନ୍ୟବର କୋର୍ଟ ଖାରଜ କରିଲେ
ଫୁସୁକି ଗଲାଟି ଗୁଳି

-ଯାଯାବର

# ବର୍ଷାରେ ବୁଡ଼ିଲା ଦିଲ୍ଲୀ ବିମାନବନ୍ଦର

### ୯ଟି ବିମାନର ଗତିପଥ ପରିବର୍ତ୍ତନ

### ଦିଲ୍ଲୀରେ ରେଡ୍ ଆଲର୍ଟ ଜାରି



■ ନୂଆଦିଲ୍ଲୀ,୪।୯(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀରେ ଶୁକ୍ରବାର ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ) ଭିତର ପରିସର ବର୍ଷା ପାଣିରେ ବୁଡ଼ିଛି। ଅତ୍ୟଧିକ ବର୍ଷା ହେତୁ ବିମାନବନ୍ଦରର ଟର୍ମିନାଲ୍-୨ ଏବଂ ଟର୍ମିନାଲ୍-୩ ର ପ୍ରବେଶ ପଥ ଏବଂ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇଛି। ଫଳରେ ଦିଲ୍ଲୀ ଆସୁଥିବା ୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ଅନ୍ୟପଟେ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ ପାଇଁ ପ୍ରବଳ ବର୍ଷା, ଘଡ଼ଘଡ଼ି ନେଇ ରେଡ୍ ଆଲର୍ଟ'ଜାରି କରିଛି। ସୂଚନା ଅନୁଯାୟୀ, ଆଜି ସକାଳୁ ପ୍ରବଳ ବର୍ଷା ହୋଇଥିଲା। ▶ପୃଷ୍ଠା-୭

## ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ପ୍ରଦାନକଲେ ମୁଖ୍ୟମନ୍ତ୍ରୀ

# କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶା ପ୍ରଗତିର ମୂଳଦୁଆ



### ୪୧.୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟି

■ ଭୁବନେଶ୍ୱର, ୪।୯ (ସମିସ): ନୂଆଖାଇ ପୂର୍ବରୁ ଜନ୍ମାଷ୍ଟମୀରେ ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସିଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଓ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ▶ପୃଷ୍ଠା-୭


10001/513/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୋଉଁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0048

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

ପାଆନ୍ତୁ ନିଜର
CKYC ନମ୍ବର,
ଏହା ଆକାଉଣ୍ଟ ଖୋଲିବା
ଏବଂ ପୁନଃ-KYC କରିବାରେ
ସାହାଯ୍ୟ କରେ



ଏହା କିପରି କାମ କରେ:

- ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କର KYC ସୂଚନାକୁ ସେଣ୍ଟ୍ରାଲ KYC ରେକର୍ଡ ରେଜିଷ୍ଟ୍ରି (CKYCR)ରେ ଗ୍ରହଣ କରନ୍ତି ଏବଂ ଅପଲୋଡ୍ କରନ୍ତି
- ଗ୍ରାହକଙ୍କୁ ଏକ 14-ଅଙ୍କ ବିଶିଷ୍ଟ ନମ୍ବର ଦିଆଯାଇଛି
- ଏହି 14-ଅଙ୍କ ବିଶିଷ୍ଟ ନମ୍ବରକୁ ଅନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଆକାଉଣ୍ଟ ଖୋଲିବା ପାଇଁ ଗ୍ରାହକଙ୍କ ପୂର୍ବରୁ ଥିବା KYC ରେକର୍ଡକୁ ପୁନରୁଦ୍ଧାର ଏବଂ ପୁନଃ-KYC କରିବା ପାଇଁ ବ୍ୟବହାର କରିପାରିବେ




ଆପଣଙ୍କ CKYC ନମ୍ବର ପାଇବା ପାଇଁ:

ନିଜ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ **କିମ୍ବା** 7799022129 ରେ ମିସ୍‌ଡ କଲ ଦିଅନ୍ତୁ **କିମ୍ବା** https://ckycindia.in ଭିଜିଟ୍ କରନ୍ତୁ

ଅଧିକ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://rbikehtahai.rbi.org.in/CKYCR

ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର 99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

# ସିକିମ୍‌ରେ ୪୦ଟି ବରଫ ହ୍ରଦ ଚିହ୍ନଟ

● ୧୬ଟି ଅତି ବିପଦଜନକ ସ୍ଥିତିରେ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ହିମାଳୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ଓ ବରଫ ତରଳିବା ପ୍ରକ୍ରିୟା ବୃଦ୍ଧି ପାଉଥିବାବେଳେ ସିକିମ୍ ସରକାର ଏନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ସିକିମ୍‌ରେ ମୋଟ ୪୦ଟି ବରଫ ହ୍ରଦ (ଗ୍ଲାସିଆଲ୍ ଲେକ୍)କୁ ବନ୍ୟା ଆଶଙ୍କା ଥିବା ବିପଦପୂର୍ଣ୍ଣ ହ୍ରଦ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୧୬ଟି ହ୍ରଦକୁ ସର୍ବାଧିକ ବିପଦଜନକ ବା କାଟାଗୋରି-ଏ ତାଲିକାରେ ରଖାଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟକୁ ରୋକିବା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ସାଟେଲାଇଟ୍ ମନିଟରିଂ, ପ୍ରାଥମିକ ଚେତାବନୀ ବ୍ୟବସ୍ଥା ଏବଂ ହ୍ରଦ-ଭିତ୍ତିକ ସ୍ୱତନ୍ତ୍ର ଯୋଜନା ଆପଣାଇଛନ୍ତି। ଗତ ଅଗଷ୍ଟ ୨୬ ରେ ନେପାଳ-ତିବ୍ଦତ ସୀମାରେ ଗ୍ଲାସିଅର ଭୁଶୁଡ଼ିବା ଫଳରେ ହଠାତ୍ ଆସିଥିବା ବନ୍ୟାରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ନିଖୋଜ ହୋଇଯାଇଥିଲେ। ଏହା ସମଗ୍ର ହିମାଳୟ ଅଞ୍ଚଳ ପାଇଁ ବିପଦର କାରଣ ପାଲଟିଛି। ବରଫ ତରଳିବା କାରଣରୁ ନୂତନ ହ୍ରଦ ସୃଷ୍ଟି ହେଉଛି ଏବଂ ପୁରୁଣା ହ୍ରଦଗୁଡ଼ିକର ଆକାର ବଢ଼ୁଛି, ଯାହାଫଳରେ ନଦୀର ନିମ୍ନପ୍ରବାହରେ ବଡ଼ଧରଣର ବନ୍ୟା ଆସିବାର ଆଶଙ୍କା ରହିଛି। ସିକିମ୍ ପୂର୍ବରୁ ମଧ୍ୟ ଏପରି ପ୍ରଳୟଙ୍କରୀ ବନ୍ୟାର ସମ୍ମୁଖୀନ ହୋଇସାରିଛି। ୨୦୨୩ ଅକ୍ଟୋବରରେ ବନ୍ୟାରେ ୭୦ ଜଣଙ୍କର ଜୀବନ ଯାଇଥିଲା। ମଙ୍ଗନ, ଗ୍ୟାଙ୍ଗଟକ, ପାକ୍ୟୋଙ୍ଗ ଏବଂ ନାମଚି ଜିଲ୍ଲାରେ ବ୍ୟାପକ ଭିତ୍ତିଭୂମି ନଷ୍ଟ ହେବା ସହ ଏକ ପ୍ରମୁଖ ଜଳବିଦ୍ୟୁତ୍ ପ୍ରକଳ୍ପର ଚୁଙ୍ଗଥାମ ଡାମ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ସମସ୍ତ ହ୍ରଦ ପାଇଁ ଏକା ପ୍ରକାରର ସମାଧାନ ପ୍ରଯୁଜ୍ୟ ନୁହେଁ ବୋଲି ଅଧିକାରୀମାନେ ମତ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଶାକୋ ଛୋ, ଲୋନାକ କମ୍ପ୍ଲେକ୍ସ ଏବଂ ଗୁରୁଡୋଙ୍ଗମାର କମ୍ପ୍ଲେକ୍ସ ପାଇଁ ପୃଥକ୍ ଯୋଜନା ପ୍ରସ୍ତୁତ କରାଯାଇଛି। ସିକିମ୍‌ର ସବୁଠାରୁ ସମ୍ବେଦନଶୀଳ ହ୍ରଦ ଭାବେ ଚିହ୍ନଟ ହୋଇଥିବା 'ଶାକୋ ଛୋ' ନେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ନିକଟକୁ ଦାଖଲ କରାଯାଇଛି। ସେହିପରି ଲୋନାକ ଏବଂ ଗୁରୁଡୋଙ୍ଗମାର ପାଇଁ ମଧ୍ୟ ସୁରକ୍ଷା କାନ୍ଥ ଓ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗକୁ ଏହି ବିପଦ ଆକଳନ ଓ ହ୍ରାସ କରିବା ପାଇଁ ନୋଡାଲ୍ ବିଭାଗ ଭାବେ ଘୋଷଣା କରାଯାଇଛି।

# ଶ୍ରୀନଗର ବିମାନବନ୍ଦରରେ ପାର୍କିଂବେଳେ ଖୁଣ୍ଟିରେ ପିଟିହେଲା ଇଣ୍ଡିଗୋ ବିମାନ



**୨୦୦ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ**

ଶ୍ରୀନଗର, ୪।୯(ଏଜେନ୍ସି): ଶ୍ରୀନଗର ବିମାନବନ୍ଦରରେ ପାର୍କିଂ କରାଯାଉଥିବା ସମୟରେ ଇଣ୍ଡିଗୋର ଏକ ବିମାନ ଖୁଣ୍ଟିରେ ଧକ୍କା ଖାଇଛି। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ବେ-୬ରେ ଏହି ଘଟଣା ଘଟିଥିଲା। ବିମାନର ସାମ୍ନା ଅଂଶ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଥିରେ ଥିବା ପ୍ରାୟ ୨୦୦ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ ଅଛନ୍ତି। କାହାରି ଆହତ ହେବାର ଖବର ନାହିଁ। ଇଣ୍ଡିଗୋର ୬ଇ ୨୨୫ ବିମାନଟି ନଭି ମୁମ୍ବାଇରୁ ଶ୍ରୀନଗରରେ ପହଞ୍ଚିଥିଲା। ପାର୍କିଂ ସମୟରେ ବିମାନଟି ବିମାନକୁ ସଠିକ୍ ସ୍ଥାନରେ ପାର୍କ କରିବାରେ ସହାୟତା କରୁଥିବା ଭିଡିଜିଏସ୍ ଖୁଣ୍ଟିରେ ଧକ୍କା ଦେଇଥିଲା। ଧକ୍କା ପରେ ବିମାନର ସାମ୍ନା ଅଂଶ ପ୍ରାୟ ଏକ ଫୁଟ୍ ଭିତରକୁ ଦବିଯାଇଥିବା ଜଣାପଡ଼ିଛି। ଘଟଣା ପରେ ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କୁ ହାତଚାଳିତ ସିଡ଼ି ସାହାଯ୍ୟରେ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ବିମାନବନ୍ଦରରେ ଅନ୍ୟ ବିମାନ ଚଳାଚଳ ସ୍ୱାଭାବିକ ରହିଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି। ପାର୍କିଂ ସମୟରେ ବିମାନର ଦିଗରେ ସାମାନ୍ୟ ତ୍ରୁଟି, ନିର୍ଦ୍ଦେଶନ ପ୍ରଣାଳୀରେ ସମସ୍ୟା କିମ୍ବା ଅନ୍ୟ କୌଣସି ଯାନ୍ତ୍ରିକ କାରଣ ଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

● ଏୟାର ଇଣ୍ଡିଆର ଫୁକେଟ-ଦିଲ୍ଲୀ ବିମାନ

# ପାଇଲଟ୍ ଡ୍ରଗ୍ସ ପରୀକ୍ଷାରେ ବିଫଳ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନର ମୁଖ୍ୟ ପାଇଲଟ୍ ଡ୍ରଗ୍ସ ପରୀକ୍ଷାରେ ପଜିଟିଭ୍ ଜଣାପଡ଼ିଛନ୍ତି। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ପ୍ରାଥମିକ ତଦନ୍ତରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅଗଷ୍ଟ ୪ ତାରିଖରେ ଘଟିଥିବା ଏହି ଘଟଣା ସମୟରେ ବିମାନଟିର ତିନୋଟି ଯାକ ହାଇଡ୍ରୋଲିକ୍ ସିଷ୍ଟମରେ ତ୍ରୁଟି ଦେଖାଦେଇଥିଲା ଏବଂ ଭୁବନେଶ୍ୱର ନିକଟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହି ଘଟଣାରେ ଜାହାଜରେ ଥିବା ଯାତ୍ରୀ ଏବଂ କ୍ରୁ ସଦସ୍ୟମାନେ ଆହତ ହୋଇଥିଲେ। ପ୍ରାରମ୍ଭିକ ଅବସ୍ଥାରେ ଏହାକୁ ଖରାପ ପାଗ ବା ଟର୍ବୁଲାନ୍ସ ବୋଲି କୁହାଯାଉଥିବାବେଳେ ବର୍ତ୍ତମାନ ଏହାକୁ ଏକ 'ଦୁର୍ଘଟଣା' ଭାବେ ବର୍ଗୀକରଣ କରାଯାଇଛି। ରିପୋର୍ଟ ଅନୁଯାୟୀ, ଅବତରଣ ପରେ କରାଯାଇଥିବା ପରୀକ୍ଷାରୁ କ୍ୟାପ୍ଟେନଙ୍କ ଶରୀରରେ ନିଶାଦ୍ରବ୍ୟ ଥିବା ଜଣାପଡ଼ିଛି। ଘଟଣା ଘଟିବା ସମୟରେ ପ୍ରଥମେ କୋ-ପାଇଲଟ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ପରେ କ୍ୟାପ୍ଟେନ୍ ନିୟନ୍ତ୍ରଣ ନିଜ ହାତକୁ ନେଇଥିଲେ। କିଛି ସମୟ ପାଇଁ ହାଇଡ୍ରୋଲିକ୍ ସିଷ୍ଟମ ଫେଲ୍ ହୋଇଥିଲେ ମଧ୍ୟ ପରେ ଚାପ ପୁନଃସ୍ଥାପିତ ହୋଇଥିଲା ଏବଂ ବିମାନଟି ସୁରକ୍ଷିତ ଭାବେ ଦିଲ୍ଲୀରେ ଅବତରଣ କରିଥିଲା। ଏହି ଘଟଣା ପରେ ଏୟାର ଇଣ୍ଡିଆ ଏହାର ସମସ୍ତ ପାଇଲଟମାନଙ୍କର ଶତକଡ଼ା ଶହେ ଭାଗ ସ୍ୱେଚ୍ଛାକୃତ ଯାଞ୍ଚ ଆରମ୍ଭ କରିଥିବା କହିଛି।

**ନେପାଳ ଜଳ ପ୍ରଳୟ**

# ୯ ଦିନ ପରେ ସୁଡ଼ଙ୍ଗରୁ ଦୁଇ ଶ୍ରମିକ ଉଦ୍ଧାର

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ନେପାଳର ତ୍ରିଶୂଳୀ ୩ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଏକ ବଡ଼ଧରଣର ସଫଳତା ମିଳିଛି। ଭୟଙ୍କର ବନ୍ୟାର ନଅ ଦିନ ପରେ ଏକ ସୁଡଙ୍ଗ ଭିତରୁ ଦୁଇ ଜଣ ଶ୍ରମିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳ ସୁଡଙ୍ଗ ଭିତରୁ ଆହୁରି ଅଧିକ ଲୋକଙ୍କ ସ୍ୱର ଶୁଣିବାକୁ ପାଇଛନ୍ତି, ଯାହାକି ଅଧିକ ଜୀବିତ ଲୋକଙ୍କୁ ଉଦ୍ଧାର କରିବାର ଆଶାକୁ ଦ୍ୱିଗୁଣିତ କରିଛି। ଉଦ୍ଧାର ହୋଇଥିବା ଦୁଇ ଜଣ କର୍ମଚାରୀ ହେଲେ ମେକାନିକାଲ୍ ଫୋରମ୍ୟାନ୍ ସଞ୍ଜୟ ସାହା ଏବଂ ମେକାନିକାଲ୍ ସୁପରଭାଇଜର କବୀର ମହାରଜନ। ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସାଂସଦ ତଥା ଇଞ୍ଜିନିୟର୍ ଶ୍ରୀରାମ ନେଉପାନେ ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ନେପାଳ ସେନା ପକ୍ଷରୁ ସେମାନଙ୍କୁ ସୁଡଙ୍ଗରୁ ବାହାର କରାଯାଉଥିବାର ଏକ ଭିଡିଓ ମଧ୍ୟ ଜାରି କରାଯାଇଛି। ଉଦ୍ଧାର ପରେ ସଞ୍ଜୟ ସାହା କହିଛନ୍ତି ଯେ ଯେତେବେଳେ ବନ୍ୟା ଆସିଲା, ସେତେବେଳେ ସେ କଣ୍ଟ୍ରୋଲ୍ ରୁମ୍‌ରେ ଥିଲେ। ଅନ୍ୟମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଚେତାବନୀ ଦେବା ଚକ୍କରରେ ସେ ନିଜେ ସମୟ ଗଡ଼ାଇ ଦେଇଥିଲେ ଏବଂ ଶେଷରେ ସୁଡଙ୍ଗ ଭିତରେ ଫସି ରହିଥିଲେ। ସେ ସେହି ଦିନଗୁଡ଼ିକରେ କେବଳ ଭଗବାନଙ୍କ ମନ୍ତ୍ର ଜପ କରି ସମୟ କାଟିଥିଲେ ବୋଲି ପ୍ରକାଶ କରିଛନ୍ତି। ସୁଡଙ୍ଗର ଗଭୀର ଅଞ୍ଚଳରେ ଏବେ ବି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ, ରାସୁଆ ଲାଙ୍ଗଟାଙ୍ଗ ଖୋଲା



ଜଳବିଦ୍ୟୁତ୍ ପ୍ରକଳ୍ପରୁ ସେନା ଦୁଇଟି ମୃତଦେହ ଉଦ୍ଧାର କରିଛି। ଏହି ପ୍ରକଳ୍ପରେ ଏବେ ବି ୪୯ ଜଣ କର୍ମଚାରୀ ନିଖୋଜ ଅଛନ୍ତି। ନେପାଳରେ ବନ୍ୟା ଏବଂ ଭୂସ୍ଖଳନ କାରଣରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାବେଳେ ହଜାର ହଜାର ଲୋକ ନିଖୋଜ ରହିଛନ୍ତି। ଶେଷରେ, ଖରାପ ପାଗ ଏବଂ ଭଙ୍ଗା ପରିବହନ ବ୍ୟବସ୍ଥା ସତ୍ତ୍ୱେ ନେପାଳ ସେନା ଏବଂ ସଶସ୍ତ୍ର ପୁଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଛି। ସୁଡଙ୍ଗ ଭିତରୁ ଆସୁଥିବା ସ୍ୱର ଉଦ୍ଧାରକାରୀ ଦଳଙ୍କ ମନୋବଳକୁ ବଢ଼ାଇ ଦେଇଛି ଏବଂ ଆଗାମୀ ଦିନରେ ଆହୁରି ଅଧିକ ଜୀବିତ ଲୋକଙ୍କୁ ଉଦ୍ଧାର କରାଯିବ ବୋଲି ଆଶା କରାଯାଉଛି।

## ମୃତ୍ୟୁସଂଖ୍ୟା ୧୨୮୭କୁ ବୃଦ୍ଧି, ୫ ହଜାରରୁ ଅଧିକ ନିଖୋଜ

ନେପାଳରେ ଭୟଙ୍କର ବନ୍ୟା ଯୋଗୁଁ ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ରିପୋର୍ଟ ପ୍ରକାଶ ପାଇବା ବେଳକୁ ମୃତ୍ୟୁସଂଖ୍ୟା ୧୨୮୭ କୁ ବୃଦ୍ଧି ପାଇଛି ଏବଂ ୫ ହଜାରରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି। ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଦଶମ ଦିନରେ ପହଞ୍ଚିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୩ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ସଙ୍କଟଜନକ ପରିସ୍ଥିତିର ମୁକାବିଲା ପାଇଁ ଭାରତୀୟ ସେନା, ଏନ୍‌ଡିଆର୍‌ଏଫ୍, ନେପାଳୀ ସେନା, ନେପାଳ ପୁଲିସ ସମେତ ଚୀନ୍ ଏବଂ ଅଷ୍ଟ୍ରେଲିଆର ବିଶେଷଜ୍ଞ ଦଳ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ତ୍ରିଶୂଳୀ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ଭିତରୁ ପ୍ରାୟ ୭୦ ରୁ ୮୦ ମିଟର ଖୋଳି ଦୁଇ ଜଣ ଜୀବିତ ଶ୍ରମିକଙ୍କୁ ଉଦ୍ଧାର କରାଯିବା ଏକ ବଡ଼ ସଫଳତା ସାଜିଛି। ବନ୍ୟା କାରଣରୁ ରାସ୍ତାଘାଟ ଏବଂ ପୋଲ ଭାଙ୍ଗି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରଶାସନ ପକ୍ଷରୁ ହେଲିକପ୍ଟର ଏବଂ ଦଉଡି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି**

# ଅଭିଷେକଙ୍କ କାର୍ଯ୍ୟାଳୟ ଖାଲି କରିବାକୁ ନିର୍ଦ୍ଦେଶ

କୋଲକାତା, ୪।୯(ଏଜେନ୍ସି): ପଶ୍ଚିମବଙ୍ଗର କେନ୍ଦ୍ରୀୟ କୋଲକାତାରେ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଥିବା ଏକ ବହୁତଳ କୋଠାର ତଳ ମହଲା ସମେତ ତିନୋଟି ମହଲା ଖାଲି କରିବାକୁ ରାଜ୍ୟ ଅଗ୍ନିଶମ ବିଭାଗ ନିର୍ଦ୍ଦେଶ ଦେଇଛି। ଅଗ୍ନିନିରାପତ୍ତା ବ୍ୟବସ୍ଥାରେ ଗୁରୁତର ଅଭାବ ଥିବା ଯାଞ୍ଚରେ ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ଅଗ୍ନିଶମ ବିଭାଗର ଅଧିକାରୀଙ୍କ ଅନୁସାରେ, କୋଠାର ତଳ ମହଲାରେ କୌଣସି ପ୍ରଭାବୀ ଅଗ୍ନିନିରାପତ୍ତା ବ୍ୟବସ୍ଥା ମିଳିନଥିଲା। ଏହାକୁ ନେଇ କୋଠା ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇ ୪୮ ଘଣ୍ଟା ମଧ୍ୟରେ ଜବାବ ଦେବାକୁ କୁହାଯାଇଥିଲା। ନିର୍ଦ୍ଧାରିତ ସମୟରେ ଜବାବ ନମିଳିବା ପରେ ତଳ ମହଲା, ଷଷ୍ଠ ଓ ସପ୍ତମ ମହଲା ଖାଲି କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ବିଭାଗ କହିଛି, ପରିସରର ଅଗ୍ନିନିରାପତ୍ତା ପ୍ରମାଣପତ୍ରର ବୈଧତା ଅଗଷ୍ଟ ୧୦ରେ ଶେଷ ହୋଇଥିଲା। ଏହା ପରେ ମଧ୍ୟ ପ୍ରମାଣପତ୍ର ନବୀକରଣ କରାଯାଇନଥିଲା। ନିୟମ ଅନୁସାରେ ଆବଶ୍ୟକ ତ୍ରୁଟି ସୁଧାରି ନୂଆ ବୈଧ ଅଗ୍ନିନିରାପତ୍ତା ପ୍ରମାଣପତ୍ର ନମିଳିବା ପର୍ଯ୍ୟନ୍ତ ଏହି ତିନିଟି ମହଲା ବ୍ୟବହାର କରାଯାଇପାରିବ ନାହିଁ। ଏହାର କିଛି ଦିନ ପୂର୍ବରୁ ଏହି କୋଠାରୁ ତୃଣମୂଳ କଂଗ୍ରେସର ଏକ 'ଅବୈଧ' ବିଜ୍ଞାପନ ଫଳକକୁ କର୍ତ୍ତୃପକ୍ଷ ହଟାଇଥିଲେ। ସେହି ସମୟରେ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟର ବ୍ୟକ୍ତିଗତ ସୁରକ୍ଷାକର୍ମୀ, ସମର୍ଥକ ଓ କିଛି ଦଳୀୟ ନେତାଙ୍କ ସହ ପୁଲିସ ଏବଂ କୋଲକାତା ମହାନଗର ନିଗମ କର୍ମଚାରୀଙ୍କ ଧସ୍ତାଧସ୍ତି ହୋଇଥିଲା।

● ଆନ୍ଦୋଳନକାରୀଙ୍କ ବାପାଙ୍କୁ ଆକ୍ରମଣ ଅଭିଯୋଗ

# ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ

ବୁଲନ୍ଦସହର, ୪।୯(ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତରରେ ପରୀକ୍ଷା ପ୍ରଶ୍ନପତ୍ରଲିକ୍ ଆନ୍‌ଦୋଳନ ସମୟରେ ଛାତ୍ର ପ୍ରତିବାଦକାରୀଙ୍କ ପିତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ସୋସିଆଲ ମିଡିଆ ପ୍ରଭାବୀ ତଥା କର୍ମୀ ସ୍ୱତନ୍ତ୍ର ଭରଦ୍ୱାଜକୁ ଉତ୍ତରପ୍ରଦେଶର ବୁଲନ୍ଦସହରରୁ ପୁଲିସ ହେପାଜତକୁ ନେଇଛି। ଧାମରା ନାରା ଗ୍ରାମ ନିକଟରୁ ତାଙ୍କୁ ଅଟକ ରଖାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ ପାଇଛି। ଜୁନ୍ ୨୩ ତାରିଖରେ ହୋଇଥିବା ଏହି ଆନ୍ଦୋଳନ ସମୟରେ ସଞ୍ଜୟ କୁମାର ନାମକ ବ୍ୟକ୍ତିଙ୍କ ମୁଣ୍ଡରେ ଆକ୍ରମଣ ହୋଇଥିବା ଏଫ୍‌ଆଇଆର୍ ରେ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଭାରଦ୍ୱାଜ ଏକ ପଡକାଷ୍ଟରେ ଗର୍ବର ସହ ମୁଣ୍ଡ ଫଟାଇ ଦେଇଥିବା ଏବଂ ରାଜନୈତିକ ସୁରକ୍ଷା ଯୋଗୁଁ ଜେଲ୍ ଯାଇନଥିବା ନେଇ ଦାବି କରିବା ପରେ ମାମଲା ପୁଣି ଥରେ ଚର୍ଚ୍ଚାକୁ ଆସିଥିଲା। ଏହି ଭିଡିଓ ଭାଇରାଲ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ବିଭିନ୍ନ ଦଳର ନେତାମାନେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ରାଜନୈତିକ ଚାପ ବୃଦ୍ଧି ପାଇବା ପରେ ପୁଲିସ ମାମଲାରେ ଏସସି/ଏସଟି ଆଇନର ବିଭାଗଗୁଡ଼ିକୁ ଯୋଡ଼ିଥିଲା। ଅନ୍ୟପକ୍ଷରେ, ଭାରଦ୍ୱାଜ ଏହାକୁ ଆତ୍ମରକ୍ଷା ପାଇଁ କରାଯାଇଥିବା କାର୍ଯ୍ୟ ବୋଲି ଦାବି କରିଥିଲେ ଏବଂ ଭାଇରାଲ ପଡକାଷ୍ଟକୁ ମିଥ୍ୟା ବୋଲି କହିଥିଲେ। ବର୍ତ୍ତମାନ ପୁଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି।

● ୨୦୦୮ ମାଦକଦ୍ରବ୍ୟ ଜବତ ମାମଲା

# ୮୦ ବର୍ଷୀୟ ପୂର୍ବତନ ବାୟୁସେନା ଅଧିକାରୀଙ୍କୁ ୩ ବର୍ଷ ଜେଲ୍

ଚଣ୍ଡିଗଡ଼, ୪।୯(ଏଜେନ୍ସି): ୨୦୦୮ ମସିହାର କୋକେନ୍ ଜବତ ମାମଲା ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ମୋହାଲିର ସ୍ୱତନ୍ତ୍ର ଅଦାଲତ ୮୦ ବର୍ଷୀୟ ପୂର୍ବତନ ବାୟୁସେନା କର୍ମଚାରୀ ଦାରା ସିଂହ ଏବଂ ତାଙ୍କ ସହଯୋଗୀ ୭୭ ବର୍ଷୀୟ ଗୁରଦର୍ଶନ ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଅର୍ଥ ହେରଫେର ନିରୋଧୀ ଆଇନ ଅନୁସାରେ ୩ ବର୍ଷ କଠୋର କାରାଦଣ୍ଡ ଓ ୫ ହଜାର ଟଙ୍କା ଲେଖାଏଁ ଜରିମାନା ହୋଇଛି। ମାମଲାରେ ଜବତ ହୋଇଥିବା ଦୁଇଟି ବ୍ୟାଙ୍କ ଚେକ୍‌କୁ ଅଦାଲତ 'ଅପରାଧରୁ ମିଳିଥିବା ସମ୍ପତ୍ତି' ବୋଲି ବିବେଚନା କରିଛନ୍ତି। ୨୦୦୮ରେ ପୁଲିସ ଉଭୟଙ୍କଠାରୁ ୧.୨୩ କିଲୋଗ୍ରାମ କୋକେନ୍ ଜବତ କରିଥିଲା, ଯାହାର ସେତେବେଳେ ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ଥିଲା। ଏହାସହ ୧୦ ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି ବ୍ୟାଙ୍କ ଚେକ୍ ମଧ୍ୟ ଜବତ ହୋଇଥିଲା। ଦାରା ସିଂହ ୨୯ ବର୍ଷ ଭାରତୀୟ ବାୟୁସେନାରେ ସେବା କରି ଜୁନିୟର ୱାରେଣ୍ଟ ଅଫିସର ଭାବେ ଅବସର ନେଇଥିଲେ।

## ବଡ଼ଗାମ ଜଙ୍ଗଲରେ ଆତଙ୍କବାଦୀ ନିହତ

ଶ୍ରୀନଗର, ୪।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ବଡଗାମ ଜିଲ୍ଲା ଜଙ୍ଗଲରେ ଶୁକ୍ରବାର ସେନା, ଜମ୍ମୁ-କଶ୍ମୀର ପୁଲିସ ଓ ସିଆରପିଏଫ୍‌ର ମିଳିତ ଅଭିଯାନରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଘଟଣାସ୍ଥଳରୁ ଏକ ଏକେ ରାଇଫଲ୍ ଜବତ କରାଯାଇଛି। ସୁରକ୍ଷାବାହିନୀକୁ ଆଉ ଜଣେ ଆତଙ୍କବାଦୀ ସେହି ଅଞ୍ଚଳରେ ଲୁଚିଥିବା ସନ୍ଦେହ ରହିଛି। ତେଣୁ ଆଶଦର ଗଲି ଜଙ୍ଗଲରେ ତଲାସୀ ଅଭିଯାନ ଜାରି ରହିଛି। ନିହତ ଆତଙ୍କବାଦୀର ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅଧିକାରୀଙ୍କ ସୂଚନା ଅନୁସାରେ, ପୁଲୱାମା ଜିଲ୍ଲାର ପାଖେରପୋରା ଅଞ୍ଚଳରୁ କିଛି ସନ୍ଦିଗ୍ଧ ଆତଙ୍କବାଦୀ ବଡଗାମର ୟୁସମାର୍ଗ ଅଭିମୁଖେ ଯାଉଥିବା ଖବର ମିଳିଥିଲା। ଦ୍ୱିତୀୟ ଆତଙ୍କବାଦୀକୁ ଧରିବା ପାଇଁ ଜଙ୍ଗଲରେ ତଲାସୀ ଜାରି ରହିଛି।

● ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ

# ୱାଇ ୱାଇ ଭୁଜିଆକୁ ନେଇ ବଡ଼ ଅଭିଯୋଗ, ଉତ୍ପାଦନ ବନ୍ଦ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ପ୍ରସିଦ୍ଧ ୱାଇ ୱାଇ ନୁଡୁଲ୍ସ ନିର୍ମାତା କମ୍ପାନୀର ରାଜସ୍ଥାନସ୍ଥିତ କାରଖାନାରେ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ ଆସିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ଯାଞ୍ଚ ବେଳେ କାରଖାନା ଚଟାଣରେ ପଡ଼ିଥିବା ଭଙ୍ଗା ନୁଡୁଲ୍ସ ସଂଗ୍ରହ କରି ତାହାରୁ ଭୁଜିଆ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ଯାଞ୍ଚରେ ଭଙ୍ଗା ନୁଡୁଲ୍ସକୁ ତାପ ଦେଇ ପ୍ରକ୍ରିୟାକରଣ ନ କରି ଭୁଜିଆ ତିଆରିରେ ବ୍ୟବହାର କରାଯାଉଥିବା ଅଧିକାରୀମାନେ ଦେଖିଥିଲେ। ଏହାପରେ ନିର୍ଦ୍ଦିଷ୍ଟ ୱାଇ ୱାଇ ଭୁଜିଆ ଉତ୍ପାଦର ନିର୍ମାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯାନ ସମୟରେ କାରଖାନାରୁ ପ୍ରାୟ ୩୨ ହଜାର କିଲୋଗ୍ରାମ ମାଲ ଜବତ କରାଯାଇଥିବା ବେଳେ ୧, ୯୨୫ ବାକ୍ସ ମିଆଦ ପୂର୍ଣ୍ଣ ଉତ୍ପାଦ ମଧ୍ୟ ମିଳିଥିଲା। ଅଧିକାରୀମାନେ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି ଏବଂ କମ୍ପାନୀ ବିରୋଧରେ ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାରଖାନା ସିଜି ଫୁଡ୍ସ ଇଣ୍ଡିଆର ହୋଇଥିବା ବେଳେ ଏହା ନେପାଳର କୋଟିପତି ବ୍ୟବସାୟୀ ବିନୋଦ ଚୌଧୁରୀଙ୍କ ନେତୃତ୍ୱାଧୀନ ସିଜି କର୍ପ ଗ୍ଲୋବାଲ୍‌ର ଅଂଶ। ଦେଶବ୍ୟାପୀ ଖାଦ୍ୟ ଗୁଣବତ୍ତା ଓ ସ୍ୱଚ୍ଛତା ଯାଞ୍ଚ ଅଭିଯାନ ମଧ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଚର୍ଚ୍ଚାକୁ ଆସିଛି। କାରଖାନାରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ ପରେ ଭୁଜିଆ ଉତ୍ପାଦନ ଉପରେ କଟକଣା ଲାଗିଛି ଏବଂ ବହୁ ପରିମାଣର ମାଲ ଜବତ ହୋଇଛି।

ଏୟାରବସ୍ କିଣା ଦୁର୍ନୀତି

# ମହିନ୍ଦା ରାଜପାକ୍ଷେଙ୍କ ପୁଅ ଗିରଫ

କଲମ୍ବୋ, ୪।୯(ଏଜେନ୍ସି): ଶ୍ରୀଲଙ୍କାର ଦୁର୍ନୀତି ନିବାରଣ ସଂସ୍ଥା (ସିଆଇଏବିଓସି) ଶୁକ୍ରବାର ଦେଶର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ଷେଙ୍କ ସାଂସଦ ପୁଅ ନାମଲ ରାଜପାକ୍ଷେଙ୍କୁ ଗିରଫ କରିଛି। ୨୦୧୩ର ବିବାଦୀୟ ୨.୩ ବିଲିୟନ ଡଲାର ଏୟାରବସ ବିମାନ କ୍ରୟ ମାମଲାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ୪୦ ବର୍ଷୀୟ ନାମଲଙ୍କୁ ପଚରାଉଚରା ପାଇଁ ଡକାଯିବା ପରେ ଗିରଫ କରାଯାଇଛି। ଶ୍ରୀଲଙ୍କା ଏୟାରଲାଇନ୍ସର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ କପିଳ ଚନ୍ଦ୍ରସେନା ତଦନ୍ତକାରୀଙ୍କ ନିକଟରେ ସ୍ୱୀକାର କରିଥିଲେ ଯେ ସେ ନାମଲ ରାଜପାକ୍ଷେଙ୍କୁ ପ୍ରାୟ ୫ ଲକ୍ଷ ଡଲାର ଲାଞ୍ଚ ଦେଇଥିଲେ। କିନ୍ତୁ ପରେ ଚନ୍ଦ୍ରସେନା ନିଜ ବୟାନରୁ ଓହରି ଯାଇଥିଲେ। ଏହାପରେ ଗତ ମେ ମାସରେ ତାଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ଏକ ମିଳିତ ତଦନ୍ତରୁ ଜଣାପଡ଼ିଛି ଯେ ଏୟାରବସ ଶ୍ରୀଲଙ୍କାରେ ପ୍ରାୟ ୧୬ ନିୟୁତ ଡଲାର ଲାଞ୍ଚ ପ୍ରଦାନ କରିବାକୁ ସହମତି ପ୍ରକାଶ କରିଥିଲା।

● ଭାରତୀୟ କମ୍ପାନୀ ସହ ୭୬୯ କୋଟିର ଗୋଳାବାରୁଦ ଚୁକ୍ତି ବିବାଦ

# ଇଷ୍ଟୋନିଆ ପ୍ରତିରକ୍ଷାମନ୍ତ୍ରୀଙ୍କ ଇସ୍ତଫା

ଟାଲିନ, ୪।୯(ଏଜେନ୍ସି): ୟୁକ୍ରେନ ପାଇଁ ଗୋଳାବାରୁଦ କିଣିବାକୁ ଭାରତୀୟ ମାଲିକାନାର କମ୍ପାନୀ ସହ ହୋଇଥିବା ପ୍ରାୟ ୭୦ ନିୟୁତ ୟୁରୋ (ପ୍ରାୟ ୭୬୯ କୋଟି ଟଙ୍କା)ର ଚୁକ୍ତିକୁ ନେଇ ବିବାଦ ତୀବ୍ର ହେବା ପରେ ଇଷ୍ଟୋନିଆର ପ୍ରତିରକ୍ଷାମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୨୦୨୪ରେ ଏଷ୍ଟୋନିଆର ପ୍ରତିରକ୍ଷା ନିବେଶ କେନ୍ଦ୍ର ଇଟାଲୀରେ ପଞ୍ଜୀକୃତ ଡାଟାସେଲ୍‌ଫ ଏସ୍‌ଆର୍‌ଏଲ୍ ସହ ଚୁକ୍ତି କରିଥିଲା। ଏହି କମ୍ପାନୀକୁ ସେହି ବର୍ଷ ଭାରତର ନେକୋ ଡିଫେନ୍ସ ମ୍ୟୁନିସନ୍ସ ଅଧିଗ୍ରହଣ କରିଥିଲା। ଚୁକ୍ତି ଅନୁସାରେ ବିପୁଳ ପରିମାଣର ଅର୍ଥ ଅଗ୍ରିମ ଦିଆଯାଇଥିଲେ ମଧ୍ୟ ଗୋଳାବାରୁଦ ଯୋଗାଣରେ ବାରମ୍ବାର ବିଳମ୍ବ ହୋଇଥିଲା। ପରେ ଯୋଗାଣ ହୋଇଥିବା କିଛି ଗୋଳାବାରୁଦ ଗୁଣବତ୍ତା ମାନଦଣ୍ଡ ପୂରଣ କରି ନ ଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଇଷ୍ଟୋନିଆର ଜାତୀୟ ଅଡିଟ୍ କାର୍ଯ୍ୟାଳୟ ପ୍ରତିରକ୍ଷା ଅର୍ଥ ଓ କ୍ରୟ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇବା ପରେ ମନ୍ତ୍ରୀ ପେଭକୁର ରାଜନୈତିକ ଦାୟିତ୍ୱ ଗ୍ରହଣ କରି ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ, ଡାଟାସେଲ୍‌ଫ ଚୁକ୍ତି ବାତିଲକୁ ଚ୍ୟାଲେଞ୍ଜ କରି ଏଷ୍ଟୋନିଆ ବିରୋଧରେ ଆଇନଗତ ପଦକ୍ଷେପ ନେଇଛି। କମ୍ପାନୀର ଦାବି, ସେ ପ୍ରାୟ ୫୯ ନିୟୁତ ୟୁରୋର ଗୋଳାବାରୁଦ ଯୋଗାଇଛି ଏବଂ ଗୁଣବତ୍ତା ସମ୍ପର୍କିତ ଅଭିଯୋଗକୁ ଅସ୍ୱୀକାର କରିଛି। ଅଡିଟ୍ ରିପୋର୍ଟ ଅନୁଯାୟୀ, ଯଦି ଦିଆଯାଇଥିବା ୟୁରୋପୀୟ ପାଣ୍ଠି ଫେରାଇ ଆଣିବା ସମ୍ଭବ ନହୁଏ, ତେବେ ପ୍ରାୟ ୭୦ ନିୟୁତ ୟୁରୋ ଇଷ୍ଟୋନିଆକୁ ନିଜ ରାଜକୋଷରୁ ଭରଣା କରିବାକୁ ପଡ଼ିପାରେ।

# ପଞ୍ଜାବୀ ଗାୟକ ବଲ୍‌ଜିତଙ୍କ ମୃତଦେହ ଉଦ୍ଧାର




ଲୁଧିଆନା, ୪।୯(ଏଜେନ୍ସି): ପଞ୍ଜାବୀ ଗାୟକ ଓ ଗୀତିକାର ବଲଜିତ ସିଂହଙ୍କ ମୃତଦେହ ଲୁଧିଆନାର ସୁଧାର ପଟ୍ଟି ଧଲିୱାଲ ଗାଁସ୍ଥିତ ତାଙ୍କ ଘରୁ ଉଦ୍ଧାର ହୋଇଛି। ୩୫ ବର୍ଷୀୟ ବଲଜିତଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପଡ଼ୋଶୀମାନେ ତାଙ୍କ ଘରୁ ଦୁର୍ଗନ୍ଧ ଆସୁଥିବା ଜାଣି ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ଘରର କବାଟ ଖୋଲି ବିଛଣା ଉପରେ ବଲଜିତଙ୍କ ମୃତଦେହ ପଡ଼ିଥିବା ଦେଖିଥିଲା। ଦେହରେ ପଚନ ଆରମ୍ଭ ହୋଇଥିବାରୁ ତାଙ୍କର ପ୍ରାୟ ୪ରୁ ୫ ଦିନ ପୂର୍ବରୁ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ମୃତଦେହ ନିକଟରେ ଶୁଖିଯାଇଥିବା ରକ୍ତ ମଧ୍ୟ ପୁଲିସ ଦେଖିଛି। ତେବେ ରକ୍ତସ୍ରାବ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି କି ନାହିଁ, ତାହା ଏବେ ତଦନ୍ତାଧୀନ। ଘଟଣାର ସତ୍ୟତା ଜାଣିବା ପାଇଁ ପୁଲିସ ଆଖପାଖ ଅଞ୍ଚଳର ନିରୀକ୍ଷଣ କ୍ୟାମେରା ଦୃଶ୍ୟ ଯାଞ୍ଚ କରୁଛି। ବଲଜିତଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଘରକୁ କେହି ଆସିଥିଲେ କିମ୍ବା ସନ୍ଦେହଜନକ ଭାବେ କେହି ଯାତାୟାତ କରିଥିଲେ କି ନାହିଁ, ସେନେଇ ତଦନ୍ତ ଚାଲିଛି।

# ସୋନିଆଙ୍କ ସ୍ମୃତିକଥା ପ୍ରକାଶ କରିବ ହାର୍ପରକଲିନ୍ସ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବହୁଚର୍ଚ୍ଚିତ ସ୍ମୃତିକଥା 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍' ଏବେ ହାର୍ପରକଲିନ୍ସ ଇଣ୍ଡିଆ ପ୍ରକାଶ କରିବ। ପୂର୍ବରୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ଏହି ପୁସ୍ତକ ପ୍ରକାଶ ନ କରିବା ନିଷ୍ପତ୍ତି ନେବା ପରେ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ହାର୍ପରକଲିନ୍ସର ଏହି ଘୋଷଣା ଆସିଛି। ପୁସ୍ତକଟି ନଭେମ୍ବର ୧୦ରେ ବିଶ୍ୱବ୍ୟାପୀ ଭାବେ ପ୍ରକାଶ ପାଇବ। ଏହି ସ୍ମୃତିକଥାରେ ସୋନିଆ ଗାନ୍ଧୀଙ୍କ ଜୀବନର ବିଭିନ୍ନ ଅଧ୍ୟାୟ ସ୍ଥାନ ପାଇବ। ଯୁଦ୍ଧୋତ୍ତର ଇଟାଲୀରେ ତାଙ୍କ ଶୈଶବରୁ ଆରମ୍ଭ କରି ଭାରତରେ ତାଙ୍କ ଜୀବନ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ବିବାହ ଏବଂ ଦଶନ୍ଧି ଧରି ଭାରତୀୟ ରାଜନୀତିର କେନ୍ଦ୍ରରେ ତାଙ୍କ ଭୂମିକା ସମ୍ପର୍କରେ ବିବରଣୀ ରହିବ। ହାର୍ପରକଲିନ୍ସ ଏହି ପୁସ୍ତକକୁ ଆମ ସମୟର ଅତ୍ୟନ୍ତ ପ୍ରତୀକ୍ଷିତ ରାଜନୈତିକ ସ୍ମୃତିକଥାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଛି। ପୁସ୍ତକରେ ଭାରତର ଯାତ୍ରା ସମ୍ପର୍କରେ ଜଣେ ଭିତରୁ ଦେଖିଥିବା ବ୍ୟକ୍ତିଙ୍କ ଦୁର୍ଲଭ ଦୃଷ୍ଟିକୋଣ ମିଳିବ ବୋଲି ପ୍ରକାଶକ କହିଛି। ପୁସ୍ତକ ପ୍ରକାଶନକୁ ନେଇ ବିବାଦର ଆରମ୍ଭ ହୋଇଥିଲା ପେଙ୍ଗୁଇନ୍ ଇଣ୍ଡିଆ ଭାରତରେ ଏହାକୁ ପ୍ରକାଶ ଓ ବିତରଣ ନକରିବାର ନିଷ୍ପତ୍ତି ପରେ। ରିପୋର୍ଟ ଅନୁସାରେ, ପୁସ୍ତକର କିଛି ଅଂଶରେ ସମ୍ପାଦକୀୟ ପରିବର୍ତ୍ତନ ଓ କିଛି ଅଂଶ ବାଦ ଦେବାକୁ ପ୍ରକାଶକ ପକ୍ଷରୁ କୁହାଯାଇଥିଲା। ସୋନିଆ ଗାନ୍ଧୀଙ୍କ ଟିମ୍ ଏଥିରେ ସହମତ ହୋଇ ନ ଥିବା ଜଣାପଡ଼ିଛି। ଏହା ପରେ କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ ଭାରତ-ଚୀନ୍ ସମ୍ପର୍କ ସମ୍ବନ୍ଧୀୟ କିଛି ଅଂଶ ବାଦ ଦେବାକୁ ପେଙ୍ଗୁଇନ୍ ଚାହୁଁଥିଲା। କିଛି କଂଗ୍ରେସ ନେତା ଏହାକୁ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଆଘାତ ବୋଲି ମଧ୍ୟ କହିଥିଲେ। ଅନ୍ୟପକ୍ଷରେ, ପେଙ୍ଗୁଇନ୍ ଇଣ୍ଡିଆ ବାହ୍ୟ ଚାପ ଯୋଗୁଁ ପୁସ୍ତକ ପ୍ରକାଶନରୁ ଓହରିଥିବା ଅଭିଯୋଗକୁ ଖଣ୍ଡନ କରିଛି। ପ୍ରକାଶକ ପକ୍ଷରୁ କୁହାଯାଇଛି ଯେ ପୁସ୍ତକଟି ପ୍ରକାଶ କରିବାକୁ ସେମାନେ ବେଶ୍ ଆଗ୍ରହୀ ଥିଲେ ଏବଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ ଅଧିକାର ଥିଲା। ପ୍ରକାଶକଙ୍କ ମତରେ, ପୁସ୍ତକର ବିଷୟବସ୍ତୁ ଗୋପନୀୟ ଥିବାରୁ ବାହ୍ୟ ଚାପର ପ୍ରଶ୍ନ ଉଠୁନାହିଁ। ତେବେ ଆଲୋଚନା ସମୟରେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଦୁଇ ପକ୍ଷ ମଧ୍ୟରେ ସହମତି ହୋଇପାରିନଥିଲା। ପରେ ସୋନିଆ ଗାନ୍ଧୀଙ୍କ ଟିମ୍ ହିଁ ପ୍ରକାଶନ ପ୍ରକ୍ରିୟା ଆଗକୁ ନେବାକୁ ଚାହୁଁନଥିବା ସୂଚନା ଦେଇଥିବା ପେଙ୍ଗୁଇନ୍ ପକ୍ଷରୁ କୁହାଯାଇଛି। ପେଙ୍ଗୁଇନ୍ ଓ ସୋନିଆ ଗାନ୍ଧୀଙ୍କ ଟିମ୍ ମଧ୍ୟରେ ପ୍ରକାଶନକୁ ନେଇ ମତଭେଦ ସୃଷ୍ଟି ହେବା ପରେ ଏବେ ହାର୍ପରକଲିନ୍ସ ଏହି ଦାୟିତ୍ୱ ନେଇଛି। ଫଳରେ ସୋନିଆ ଗାନ୍ଧୀଙ୍କ ଜୀବନ, ରାଜୀବ ଗାନ୍ଧୀଙ୍କ ସହ ତାଙ୍କ ସମ୍ପର୍କ ଏବଂ ଭାରତୀୟ ରାଜନୀତିରେ ତାଙ୍କ ଦୀର୍ଘ ଯାତ୍ରା ସମ୍ପର୍କିତ ଏହି ପୁସ୍ତକ ପାଇଁ ପାଠକଙ୍କ ଅପେକ୍ଷା ଆହୁରି ବଢ଼ିଛି।

■ ପେଙ୍ଗୁଇନ୍‌ର ପଛଘୁଞ୍ଚିବାକୁ ନେଇ ବିବାଦ ତୀବ୍ର
■ ନଭେମ୍ବର ୧୦ରେ ପ୍ରକାଶ ପାଇବ 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍'
■ ସୋନିଆଙ୍କ ଜୀବନ ଓ ରାଜନୈତିକ ଯାତ୍ରାର କାହାଣୀ



### ଓଡ଼ିଶାରୁ ଏଫ୍‌ସିଆଇ ଚାଉଳ ନ ଉଠାଇବା ପ୍ରସଙ୍ଗ

# ସରକାରଙ୍କ ଅପାରଗତା ପାଇଁ ଯୋଗାଣ ବ୍ୟବସ୍ଥା ଫେଲ୍ ମାରିଛି: ବିଜେଡି



- ଚାଉଳ ନ ଉଠିବାରୁ ରାଜ୍ୟରେ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି
- ଓଡ଼ିଶାକୁ ଅଣଦେଖା କରି ଅନ୍ୟ ରାଜ୍ୟଙ୍କୁ ପ୍ରୋତ୍ସାହନ ଦେଉଛନ୍ତି କେନ୍ଦ୍ର ସରକାର
- ଏଫସିଆଇ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା ଯୋଗାଣ ମନ୍ତ୍ରୀ ସ୍ୱୀକାର କରିଛନ୍ତି

ଭୁବନେଶ୍ୱର,୪।୯ (ସମିସ): ଓଡ଼ିଶାରେ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ଓଡ଼ିଶାକୁ ହତାଦର କରି ଅନ୍ୟ ରାଜ୍ୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି ଏଫସିଆଇ। ଓଡ଼ିଶାରୁ ଚାଉଳ ଉଠୁନଥିବାରୁ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱୀକାର କରିଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା ବିଜେପି ସରକାର ଉପରେ ବର୍ଷିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ, ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉନାହିଁ, କିନ୍ତୁ ଅନ୍ୟ ରାଜ୍ୟ ମାନଙ୍କୁ ବିଶେଷ ପ୍ରୋତ୍ସାହନ ଦେଉଛି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ପ୍ରଗତି ଦୁଇ ଗୁଣିତ ହେବ ବୋଲି ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା, ତାହା ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଚାଷ ଆରମ୍ଭରୁ ଚାଷୀମାନେ ସାର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ପଞ୍ଜିକରଣରେ ଅବ୍ୟବସ୍ଥା, ମଣ୍ଡିରେ କଟନି ଛଟନିର ଶିକାର, ମଣ୍ଡିରେ ମିଲର୍ ମାନଙ୍କ ଅରାଜକତା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀକୂଳ। ବର୍ତ୍ତମାନ ଏଫସିଆଇ ଓଡ଼ିଶାରୁ ଚାଉଳ ନ ଉଠାଇବା ଯୋଗୁଁ ରାଜ୍ୟବ୍ୟାପୀ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାକୁ ଆଗାମୀ ଦିନରେ ମଣ୍ଡିରେ ଧାନ କ୍ରୟ ସମୟରେ ଗୁରୁତର ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସମାଧାନ କରିବା ବଦଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କର ଅସହାୟତାକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଅସହାୟତା ପରେ ଓଡ଼ିଶାବାସୀଙ୍କ ନିକଟରେ ଡବଲ ଇଞ୍ଜିନ ସରକାରଙ୍କ ମୁଖା ଖୋଲିଯାଇଛି। ଓଡ଼ିଶା ପ୍ରତି ବିଜେପି ସରକାର ଯେଉଁ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ମନ୍ତ୍ରୀଙ୍କ କଥା ଶୁଣି ଚାଷୀ କୂଳ ହତାସ ହୋଇଛି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାବେଳେ ଏଫସିଆଇ ସରକାରଙ୍କ ଏକ ଅଂଶବିଶେଷ। କିନ୍ତୁ ଏଫସିଆଇ ଓଡ଼ିଶା ସରକାରଙ୍କ କଥା ଶୁଣୁନଥିବା ମନ୍ତ୍ରୀ କହିଛନ୍ତି। ଜଣେ ବିଭାଗୀୟ ମନ୍ତ୍ରୀ ଏପରି କହିବା ଛୋଟ କଥା ନୁହେଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରୁ ସର୍ବାଧିକ ପରିମାଣର ଚାଉଳ ଉଠାଯାଇଥିଲା। ଓଡ଼ିଶା ୫ ଥର କୃଷି କର୍ମଣ ପୁରସ୍କାର ପାଇଥିଲା। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳି ଯାଇଛି। ଓଡ଼ିଶାରୁ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଥାଇ ଓଡ଼ିଆ ଅବହେଳିତ ହେବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ନିକଟରେ ଓଡିଶାର ସ୍ୱାର୍ଥ ପାଇଁ ମୁହଁ ନ ଖୋଲି ସାଂସଦମାନେ ଚୁପ ରହିବା ଅତ୍ୟନ୍ତ ନିନ୍ଦନୀୟ। ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ବାରମ୍ବାର ଉପେକ୍ଷିତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରି ଓଡ଼ିଶାରୁ ଚାଉଳ ଉଠାନ୍ତୁ, ନଚେତ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ କହିଛନ୍ତି।

# ଦିଲ୍ଲୀ ଇଞ୍ଜିନ୍ ଓଡ଼ିଶା ଇଞ୍ଜିନ୍ କଥା ଶୁଣିବାରେ ବିଫଳ: କଂଗ୍ରେସ

### ଚାଉଳ ନ ଉଠିଲେ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଭୋଗିବେ କଷ୍ଟ

ଭୁବନେଶ୍ୱର,୪।୯ (ସମିସ): ଚାଷୀଙ୍କ ରୋଷରୁ ମୁକୁଳିବା ପାଇଁ ଡବଲ ଇଞ୍ଜିନ୍ ବିଜେପି ସରକାର ନୂଆ ସୂତ୍ର। କେନ୍ଦ୍ର ଓ ରାଜ୍ୟର କଳି ମଧ୍ୟରେ ରାଜ୍ୟର ଚାଷୀ ବଳି ପଡ଼ିବାକୁ ଯାଉଛନ୍ତି। ଧାନ ଉଠାଇବା କେନ୍ଦ୍ର ଦାୟିତ୍ୱ। ଏବେ ଡବଲ ଇଞ୍ଜିନ ସରକାରରେ ରାଜ୍ୟରୁ କାହିଁକି ଚାଉଳ ଉଠୁନାହିଁ ସରକାର ଓ ଦଳୀୟ ନେତାଙ୍କ ପାଟି ବନ୍ଦ ରହିଛି। ପୂର୍ବ ଘୋଷଣା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ହେଲେ ଓଡ଼ିଶାର ଚାଷୀ ହେବେ ଖୁସି। କିନ୍ତୁ ଦୁଃର୍ଭାଗ୍ୟର ବିଷୟ ଏବେ ଚାଷୀ ସବୁଠାରୁ ଦୁଃଖି ବୋଲି ରାଜ୍ୟ କଂଗ୍ରେସ କହିଛି। ରାଜ୍ୟରୁ ଏଫ୍‌ସିଆଇ ଚାଉଳ ଉଠାଉ ନ ଥିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୟାନ ଦେବା ପରେ ଏହାକୁ କଡ଼ା ସମାଲୋଚନା କରି ଏଆଇସିସି କିଷାନ୍ କଂଗ୍ରେସ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ଧାନ ସଂଗ୍ରହ ବେଳେ ପ୍ରତି କ୍ୱିଣ୍ଟାଲରେ ଜବରଦସ୍ତ ୫ ରୁ ୧୫ କେଜି କଟନୀ ଛଟନୀ। ଧାର୍ଯ୍ୟ ମୁତାବକ ୫୦ କ୍ୱିଣ୍ଟାଲ ଟୋକନ ପାଇଥିବା ଚାଷୀଙ୍କଠାରୁ ୨୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଉଛି। ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନାହିଁ। ଭାରତୀୟ ଖାଦ୍ୟ ନିଗମ ଜାଣିଶୁଣି ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏପରିକି ୩୦ ଲକ୍ଷ ଟନ୍ ଚାଉଳରୁ ଏବେ ମାତ୍ର ଏହାର ଏକ ଚତୁର୍ଥାଂଶ ଅର୍ଥାତ ୭.୨୮ ଲକ୍ଷ ଟନ୍ ଧାନ ଉଠିଛି। ଏଥିରୁ ଡବଲ ଇଞ୍ଜିନ ସରକାର ଚାଷୀଙ୍କ ପ୍ରତି କେତେ ଦରଦ ଓ ପାରିବାପଣିଆ କଥା ପଦାକୁ ଆସିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଖୋଦ୍ ଯୋଗାଣ ମନ୍ତ୍ରୀ ଅସହାୟ ପ୍ରକାଶ କରିବା ଓ ଓଡ଼ିଶାରୁ ବିଜେପି ଦଳର ୨୦ଜଣ ସାଂସଦ ଦିଲ୍ଲୀକୁ ଯାଇଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଆଗରେ ପାଟି ଫିଟାଇବାରେ ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଚଳିତ ବର୍ଷର ଖରିଫ୍ ଧାନ ଆଉ ଉଠାଇବେ ନାହିଁ ବୋଲି ମିଲର୍ ସଂଘ ରୋକ୍‌ଠୋକ୍ ମନା କଲେଣି। ଯାହାଫଳରେ ଆଗାମୀ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଯେଉଁ ଜଟିଳ ସମସ୍ୟାର ସମ୍ମୁଖୀନ ହେବେ, ତାହା ଏବେଠୁ ଜଳଜଳ ଜଣା ପଡୁଛି। ଏଣୁ ଏହି ସମସ୍ୟାର ସମାଧାନ ପାଇଁ ସରକାର ଚାଷୀଙ୍କୁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରନ୍ତୁ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହ ୨୦ଜଣ ବିଜେପି ସାଂସଦ ଚାଷୀଙ୍କ ସହିତ ଆଉ ଖେଳ ନ ଖେଳି ଏଫ୍‌ସିଆଇ ରାଜ୍ୟରୁ ତୁରନ୍ତ ଚାଉଳ ଉଠାଇବା ସହ ଆଗାମୀ ଦିନର ଚାଉଳକୁ ଉଠାଇବା ପାଇଁ ପ୍ରସ୍ତୁତ ହେବାକୁ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ନଚେତ୍ ରାଜ୍ୟର ଚାଷୀଙ୍କ କ୍ଷୋଭ ପାଇଁ ଆଗାମୀ ଦିନରେ ଡବଲ ଇଞ୍ଜିନ୍ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି।

### ପାରିବାରିକ କଳହର କରୁଣ ପରିଣତି

# ମାଆକୁ ତଣ୍ଟି ଚିପି ହତ୍ୟା; ପୁଅ ଗିରଫ

ବାରିପଦା, ୪।୯ (ସମିସ): ପୁଅର ଶୁଭ ମନାସୀ ସାରା ଜଗତ ଜନ୍ମାଷ୍ଟମୀ ପାଳନ କରୁଥିବାବେଳେ ଜନ୍ମ କଲା ମାଆର ତଣ୍ଟି ଚିପି ପୁଅ ହତ୍ୟା କରିଛି। ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅଧୀନ ବରଜପୁର ଗ୍ରାମରେ ଗୁରୁବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ମାଆ ଶ୍ରୀମତୀ ସିଂ ବୋଲି ଜଣାପଡ଼ିଛି। ନୃଶଂସ ପୁଅ କୁଇଁଆ ସିଂ (୧୯)କୁ ପୁଲିସ ଗିରଫ କରି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ଶ୍ରୀମତୀଙ୍କ ସ୍ୱାମୀଙ୍କ ପୂର୍ବରୁ ମୃତ୍ୟୁବରଣ କରିଥିବାବେଳେ ୪ ପୁଅ ଓ ୨ ଝିଅକୁ ନେଇ ସଂସାର। ଝିଅ ଦୁଇଜଣ ବିବାହିତ। ଶ୍ରୀମତୀ ଓ ୪ ପୁଅ ଚେନ୍ନାଇରେ କାମ କରନ୍ତି। ନିକଟରେ ଶ୍ରୀମତୀ ଓ ଦ୍ୱିତୀୟ ପୁଅ କୁଇଁଆ ଗାଁକୁ ଆସିଥିଲେ। ଗୁରୁବାର ରାତିରେ ମାଆ-ପୁଅ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ସମ୍ଭବତଃ ପୁଅ ମାଆଙ୍କ ତଣ୍ଟି ଚିପି ଦେବାରୁ ସେ ସେହିଠାରେ ଟଳି ପଡିଥିଲେ। ସକାଳେ ପଡ଼ୋଶୀ ପୁଲିସକୁ ସୂଚନା ଦେବାରୁ ବାରିପଦା ସଦର ଏସଡିପିଓ ପ୍ରଭାତ ମଲ୍ଲିକ ସାଇଣ୍ଟିଫିକ ଟିମ୍ ସହିତ ପହଞ୍ଚି ଶବ ଜବତ କରିବା ସହ କୁଇଁଆକୁ ଗିରଫ କରିଥିଲେ। ମୃତ ଶ୍ରୀମତୀଙ୍କ ବେକରେ ଦାଗ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସଦର ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

# ଦୁର୍ଦ୍ଦାନ୍ତ ଅପରାଧୀକୁ ସିମୁଳିଆ ପୁଲିସର ଏନ୍‌କାଉଣ୍ଟର



- ଗୁଳିବିଦ୍ଧ ଲୋକେଶ ମେଡିକାଲରେ ଭର୍ତ୍ତି
- ବନ୍ଧୁକ, ଅଫୁଟା ଗୁଳି ଓ ବାଇକ୍ ଜବତ
- ବିହାରରୁ ଆସି ବାଲେଶ୍ୱର ଜିଲ୍ଲାରେ ଚଳାଇଥିଲା ଅପରାଧିକ ସିଣ୍ଡିକେଟ୍

ବାଲେଶ୍ୱର/ସିମୁଳିଆ, ୪।୯ (ସମିସ): ଏକ ଡକାୟତି ଯୋଜନା ପଣ୍ଡ କରିବାକୁ ଯାଇ ସିମୁଳିଆ ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ ବିହାରର ଲୋକେଶ ସିଂହକୁ ଏନ୍‌କାଉଣ୍ଟ କରିଛି। ଆହତ ଅବସ୍ଥାରେ ତାକୁ କାବୁ କରି ପୁଲିସ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକଲ ଜବତ ହୋଇଛି। ଫେରାର୍ ହୋଇଯାଇଥିବା ଲୋକେଶର ସହଯୋଗୀମାନଙ୍କୁ ଧରିବା ପାଇଁ ୩ ଜିଲ୍ଲାରେ ହାଇ ଆଲର୍ଟ ସହ ପୁଲିସ ପକ୍ଷରୁ ଚଢ଼ଉ ଓ ତଦନ୍ତ ଜାରି ରହିଥିବା ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକର ସୂଚନା ଦେଇଛନ୍ତି।

ସିମୁଳିଆ ଥାନା ପୁଲିସ ଗୁରୁବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ରାଣୀତାଲ କୁପାରୀ ରାସ୍ତାର ଅଡ଼ା ଛକରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଡକାୟତି ଉଦ୍ଦେଶ୍ୟରେ ଏକତ୍ରିତ ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ସିମୁଳିଆ ପୁଲିସର ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଦୁଇଟି ମୋଟରସାଇକଲ ନିକଟରେ ୫ ଜଣ ସନ୍ଦିଗ୍ଧଙ୍କୁ ଦେଖି ସେମାନଙ୍କୁ ଅଟକାଇ ପଚରାଉଚରା କରିବାକୁ ଉଦ୍ୟମ କରିଥିଲା। ହେଲେ ପୁଲିସକୁ ଦେଖି ସେମାନେ ବାଇକ୍ ଯୋଗେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। କିଛି ଦୂର ଯିବା ପରେ ଗୋଟିଏ ବାଇକ୍‌ରେ ଥିବା ଲୋକେଶ ସିଂହ ଓ ତା'ର ଜଣେ ସହଯୋଗୀ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଏହି ସୁଯୋଗରେ ପୁଲିସ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ଲୋକେଶ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଜବାବରେ ଲୋକେଶର ବାମ ଗୋଡ଼ରେ ଗୁଳି ବାଜିଥିଲା। ଲୋକେଶ ସହ ଥିବା ଅନ୍ୟ ଜଣେ ଯୁବକ ମଧ୍ୟ ଖସି ପଳାଇବାରେ ସକ୍ଷମ ହୋଇଛି।

ଲୋକେଶ ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ତା' ନାମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ ଚୋରି, ଡକାୟତି ସହ ପ୍ରାୟ ୧୦ଟି ମାମଲା ରହିଛି। ବିହାରରୁ ଆସି ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଚଳାଇଥିବା ଲୋକେଶ ପ୍ରାୟ ମାସେ ତଳେ ସୋର ଜେଲ୍‌ରୁ ମୁକୁଳିଥିଲା। ଜେଲ୍‌ରୁ ବାହାରିବା ପରେ ପୁଣି ଡକାୟତି ଯୋଜନା ଚଳାଇଥିଲା।



## କାନ୍ଥ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ମହାକାଳପଡ଼ା/ମାର୍ଶାଘାଇ, ୪।୯ (ସମିସ): ଗତକାଲି ବିଳମ୍ବିତ ରାତିରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁର ଦଳିତ ସାହିରେ ଘଟିଛି। ମୃତକ ହୃଷିକେଶ ଜେନା। ତାଙ୍କ ସ୍ତ୍ରୀ ରେଣୁବାଳା ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ଲଗାଣ ବର୍ଷା ଯୋଗୁଁ ଘରର ମାଟିକାନ୍ଥ ଦୁର୍ବଳ ହୋଇଯାଇଥିଲା। ହୃଷିକେଶ ଓ ତାଙ୍କ ସ୍ତ୍ରୀ ରେଣୁବାଳା ଶୋଇଥିବା ସମୟରେ ହଠାତ୍ କାନ୍ଥଟି ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। କାନ୍ଥ ଭୁଶୁଡ଼ିବା ଶବ୍ଦ ଓ ଚିତ୍କାର ଶୁଣି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ମାଟି ତଳୁ ସ୍ୱାମୀ-ସ୍ତ୍ରୀଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ହୃଷିକେଶ ଜେନାଙ୍କୁ ମୃତ ଘୋଷଣା କରିଥିଲେ। ରେଣୁବାଳା ଜେନା ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏ ଘଟଣା ପରେ ତୁଳସୀପୁର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗୋବରୀ ନଦୀ ଘେରିବନ୍ଧ ୨୦୦ ଫୁଟ ଧସିଲା

### ଗ୍ରାମବାସୀ ଆତଙ୍କିତ, ବିଭାଗୀୟ ଅବହେଳା ଅଭିଯୋଗ



ମହାକାଳପଡ଼ା, ୪।୯ (ସମିସ): ମହାକାଳପଡ଼ା ବ୍ଲକ୍ କଂସାର ବଡ଼ଦାଣ୍ଡଆ ପଞ୍ଚାୟତ ଅନ୍ତର୍ଗତ କଂସାର ନିକଟରେ ଗୋବରୀ ନଦୀର ତଟବନ୍ଧ ବିଭାଗ ଘେରିବନ୍ଧର ପ୍ରାୟ ୨୦୦ ଫୁଟ ଧସିଯାଇଛି। ଫଳରେ ନଦୀକୂଳିଆ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବାବେଳେ ବିଭାଗୀୟ ଅବହେଳାକୁ ନେଇ ସ୍ଥାନୀୟ ଲୋକ ଦାୟୀ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଜୟନଗର ସେକ୍ସନ ପକ୍ଷରୁ ଏହି ସ୍ଥାନରେ ପୂର୍ବରୁ କରାଯାଇଥିବା ପଥର ପ୍ୟାକିଂ ନିମ୍ନମାନର ଥିଲା। ଘେରିବନ୍ଧରେ ନାମକୁ ମାତ୍ର ପଥର ପ୍ୟାକିଂ କରାଯାଇଥିବାରୁ ନଦୀର ପ୍ରବଳ ସ୍ରୋତକୁ ଏହା ପ୍ରତିରୋଧ କରିପାରି ନ ଥିଲା। ପଥର ଧସିଯିବା ସହ ଘେରିବନ୍ଧର ଏକ ବଡ଼ ଅଂଶ ନଦୀଗର୍ଭକୁ ଚାଲିଯାଇଛି। ଅନ୍ୟପକ୍ଷରେ ନଦୀର ଅପର ପାଶ୍ୱର୍ରେ ଚିଙ୍ଗୁଡ଼ି ଘେରି ରହିଥିବାରୁ ଘେରିବନ୍ଧ ଧସିବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରା ନ ଗଲେ, ଆଗାମୀ ଦିନରେ ବଡ଼ ବିପଦ ସୃଷ୍ଟି ହେବା ନେଇ ଗ୍ରାମବାସୀ ଆଶଙ୍କା କରୁଛନ୍ତି। ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଘେରିବନ୍ଧର ସ୍ଥାୟୀ ସୁରକ୍ଷା ପାଇଁ ଉଚ୍ଚମାନର ପଥର ପ୍ୟାକିଂ ସହ ଆବଶ୍ୟକ ପ୍ରତିରୋଧକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଗୁରୁ ଦିବସରେ ଶିକ୍ଷକଙ୍କୁ ମିଳିବନି ସମ୍ମାନ

- ଅନିର୍ଦ୍ଦିଷ୍ଟ କାଳ ଘୁଞ୍ଚିଲା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହ
- ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ବଢ଼ିଲା ଅସନ୍ତୋଷ

ଭୁବନେଶ୍ୱର, ୪।୯ (ସମିସ): ଆସନ୍ତାକାଲି ଅର୍ଥାତ୍ ଗୁରୁ ଦିବସରେ ଶିକ୍ଷକଙ୍କୁ ମିଳିବନି ସମ୍ମାନ। ଶିକ୍ଷା ଓ ଶିକ୍ଷାନୁଷ୍ଠାନରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମିଳୁଥିବା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହକୁ ଘୁଞ୍ଚାଇ ଦିଆଯାଇଛି। ସମସ୍ତ ପ୍ରସ୍ତୁତି ସରିବା ପରେ କାର୍ଯ୍ୟକ୍ରମର ମାତ୍ର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଜରୁରୀ ସରକାରୀ କାର୍ଯ୍ୟ ଥିବାରୁ ଏହାକୁ ବାତିଲ କରାଯାଇଥିବା ନେଇ ପଞ୍ଚସଖା ଶିକ୍ଷାସେତୁ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ଏପରି ନିଷ୍ପତ୍ତି ପରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଗୁରୁ ଦିବସରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହ ପାଇଁ ଅଡିଟୋରିଅମ୍ ବୁକ୍ କରିବା ସହ ସମସ୍ତ ପ୍ରସ୍ତୁତି ସରିଥିଲା। ପୁରସ୍କାର ପାଇବାକୁ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଇଥିଲା। ସେବା ପାଇଁ ସମ୍ମାନ ପାଇବାର ଦିନକ ପୂର୍ବରୁ କାର୍ଯ୍ୟକ୍ରମକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କେବେ ସମ୍ମାନ ପ୍ରଦାନ କରାଯିବ, ସେନେଇ କୌଣସି ସ୍ପଷ୍ଟତା ମଧ୍ୟ ନାହିଁ। ସରକାର ଓ ଗଣଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଗୁରୁ ଦିବସରେ ଶିକ୍ଷକଙ୍କୁ ଏକପ୍ରକାର ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷାର ମାନ ବୃଦ୍ଧି, ଶିକ୍ଷକଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି ଏବଂ ଉତ୍କୃଷ୍ଟ ଶିକ୍ଷାଦାନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ବ୍ୟବସ୍ଥା ଆରମ୍ଭ କରାଯାଇଛି। ପୂର୍ବ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ଏହି ପୁରସ୍କାର ତୃତୀୟ ବର୍ଷରେ ପହଞ୍ଚିଥିବାବେଳେ ମୋଟ ୧୨ଟି ବର୍ଗରେ ପୁରସ୍କାର ଦିଆଯାଉଛି। ଗତ ୧ ତାରିଖରେ ପୁରସ୍କାର ପାଇବାକୁ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ନାମ ଘୋଷଣା ହେବା ପରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିଲା। ମାତ୍ର ୨ ଦିନ ପରେ ବିଭାଗର ନିଷ୍ପତ୍ତି ବଦଳିଯିବା ପରେ ସମସ୍ତ ଆଶା ଓ ଉତ୍ସାହ ପାଣିରେ ପଡ଼ିଛି। ଅପରପକ୍ଷରେ ୨୦୨୩-୨୪ ଶିକ୍ଷାବର୍ଷରେ ୫ଟି ବର୍ଗର ପୁରସ୍କାର ଘୋଷଣା ହୋଇ ନଥିଲା। ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ, ପୁରାତନ ଛାତ୍ରଛାତ୍ରୀ କମିଟି, ବ୍ଲକ ଏବଂ ଗ୍ରାମପଞ୍ଚାୟତ ବର୍ଗରେ ପୁରସ୍କାର ଘୋଷଣା କରାଯାଇ ନ ଥିବା ବେଳେ ଚଳିତ ଥର ଅର୍ଥାତ୍ ୨୦୨୫-୨୬ ରେ ଏହାକୁ ଘୋଷଣା କରିବା ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ୨୦ ଦିନରେ ସମନ୍ୱୟ ସମିତିର ଧାରଣା

# ଆଜି ଶିକ୍ଷକ ଓ ଅଧ୍ୟାପକଙ୍କ ମହାସମାବେଶ

ଭୁବନେଶ୍ୱର, ୪।୯ (ସମିସ): ଶିକ୍ଷକ ଓ ଅଧ୍ୟାପକଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଉଛନ୍ତି। ପରବର୍ତ୍ତୀ ସମୟରେ ପ୍ରତାରଣା କରୁଛନ୍ତି। ସରକାରୀ ଉଦାସୀନତା ଓ କାଳକ୍ଷେପଣ ନୀତି ଯୋଗୁଁ ରାଜ୍ୟର ଲକ୍ଷାଧିକ ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇ ପଡୁଛି। ଦାବି ପୂରଣ ପାଇଁ ଦୀର୍ଘ ୨୦ ଦିନ ଧରି ହଜାର ହଜାର ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଧାରଣାରେ ବସିଥିଲେ ମଧ୍ୟ ସରକାର ନୀରବ ଦର୍ଶକ ସାଜିଛନ୍ତି। ଏଣୁ ଆସନ୍ତା କାଲି ଗୁରୁଦିବସ ଅବସରରେ ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ମହାସମାବେଶ କରିବେ ବୋଲି 'ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି' ପକ୍ଷରୁ କୁହାଯାଇଛି।

ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ ରାଜ୍ୟର କୋଣଅନୁକୋଣରୁ ପ୍ରାୟ ୪୦ ହଜାର ଶିକ୍ଷକ ଶିକ୍ଷୟତ୍ରୀ ଆନ୍ଦୋଳନକୁ ଓହ୍ଲାଇବେ। ରାଜରାସ୍ତାରେ ଗୁରୁଦିବସ ପାଳିବେ। ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ, ପେନସନ୍, ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନ୍‌ସନ୍ ପ୍ରଦାନ, ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡ୍‌ପେ ଅସଂଗତି ଦୂରୀକରଣ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ବେସରାକରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ, ଛାତ୍ରବୃତ୍ତି, ଶିକ୍ଷା ଉପକରଣ, ପୋଷାକ ଓ ସାଇକଲ୍ ପ୍ରଦାନ କରିବା ଦାବିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ କାହିଁକି ପ୍ରତାରଣା କରୁଛନ୍ତି ବୋଲି ପ୍ରଶ୍ନ କରିବେ। କାଳକ୍ଷେପଣ ନୀତି ସଦୃଶ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରି ୬ ମାସରେ ରିପୋର୍ଟ ଦେବାକୁ କହିଥିବାବେଳେ ଏହାର କାର୍ଯ୍ୟକାଳକୁ ପୁଣି ୬ ମାସ ବୃଦ୍ଧି କରିବା ପଛରେ କ'ଣ ରହସ୍ୟ ରହିଛି ବୋଲି ସରକାରଙ୍କୁ ପଚାରିବେ। ଗୁରୁ ଦିବସ ପରି ପବିତ୍ର ଦିନରେ ଓଡ଼ିଶାର ଶିକ୍ଷା ଓ ଶିକ୍ଷକ ସମାଜ ପାଇଁ ଆସନ୍ତାକାଲି ଏକ କଳା ଇତିହାସ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ସେମାନଙ୍କ ଦାବି ତ୍ୱରିତ ପୂରଣ ନ କଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

### ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ କଂଗ୍ରେସର ସମର୍ଥନ

# ଆବଶ୍ୟକ ହେଲେ ଏହି ପ୍ରସଙ୍ଗରେ ଆନ୍ଦୋଳନ କରିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର,୪।୯ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଭୁବନେଶ୍ୱର ସମେତ ସାରା ଓଡ଼ିଶାର ସହସ୍ରାଧିକ ସରକାରୀ ଓ ବେସରକାରୀ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସରକାର ସଂପୃକ୍ତ ଶିକ୍ଷକ, କର୍ମଚାରୀଙ୍କ ନ୍ୟାୟୋଚିତ୍ତୋ ଦାବି ପୂରଣ ନେଇ କୌଣସି ମୁଣ୍ଡ ଖେଳାଉ ନ ଥିବାରୁ ଏ ନେଇ ରାଜ୍ୟ କଂଗ୍ରେସ ସଭାପତ ଭକ୍ତ ଚରଣ ଦାସ୍ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଆବଶ୍ୟକ ପଡ଼ିଲେ କଂଗ୍ରେସ ସେମାନଙ୍କର ଦାବି ପୂରଣ ନେଇ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବାକୁ ସେ ଚେତାବନୀ ଦେଇଛନ୍ତି।

ଶ୍ରୀ ଦାସ ଏକ ପ୍ରେସ ବିବୃତିରେ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ଆକ୍ରମଣ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଦାୟିତ୍ୱହିନତା ଯୋଗୁଁ ଆଜି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଚରମ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜୀବନଜୀବିକାର ପ୍ରମୁଖ ଦାବି ପୂରଣ ନେଇ ଶିକ୍ଷକ ଓ କର୍ମଚାରୀଙ୍କ ପରିବାର, ପିଲା ଛୁଆଙ୍କ ସହିତ ଆନ୍ଦୋଳନ ପରିସରକୁ ଆଜିକୁ ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ହେବ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ଗୋଟିଏ ପଟରେ ରାଜ୍ୟ ସରକାର ନୂତନ ଶିକ୍ଷା ବ୍ୟବସ୍ଥାକୁ ନେଇ ଡିଣ୍ଡିମ ପିଟୁଥିଲାବେଳେ ସଂପୃକ୍ତ ଶିକ୍ଷକ, କର୍ମଚାରୀଙ୍କ ଦାବିଗୁଡ଼ିକ ପ୍ରତି ଦୃଷ୍ଟି ନ ଦେବା କଥାରୁ ସରକାରଙ୍କର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ୀକରଣ ନେଇ ଦୋ-ମୁହାଁ ନିତୀ ଆପଣେଇଥିବା ସ୍ପଷ୍ଟ ପ୍ରତିପାଦିତ ହେଉଛି ବୋଲି ଶ୍ରୀ ଦାସ କହିଛନ୍ତି। ସଂପୃକ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ପୂର୍ଣ୍ଣ ଅନୁଦାନ ପ୍ରଦାନ, ଷଷ୍ଠ ଓ ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ଦରମା ପ୍ରଦାନ, ସ୍ଥାୟୀକରଣ ଓ ପେନସନ ବ୍ୟବସ୍ଥା ଆଦି ଦାବି ରହିଛି। ଏହାକୁ ଭକ୍ତ ଯୁକ୍ତିଯୁକ୍ତ କହିବା ସହ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କୁ ସମାନ କାର୍ଯ୍ୟକୁ ସମାନ ଦରମା ପ୍ରଦାନ ପାଇଁ ହକଦାର ବୋଲି ସେ କହିଛନ୍ତି। ସରକାର ଶିକ୍ଷକ ସମାଜର ମାନସମ୍ମାନ ଓ ପ୍ରତିଷ୍ଠା ରକ୍ଷା ପାଇଁ ସେମାନଙ୍କର ଦାବିଗୁଡ଼ିକୁ ତୁରନ୍ତ ମାନି ନେବା ଉଚିତ୍। ସରକାରଙ୍କ ଏଭଳି ମନୋଭାବ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହ ସମଗ୍ର ରାଜ୍ୟବାସୀଙ୍କୁ ଅତ୍ୟନ୍ତ ବ୍ୟଥିତ କରିଛି। ଶିକ୍ଷକ ଓ କର୍ମଚାରୀ ସମାଜ ନିଜର ଅଧିକାର ପାଇଁ ସେମାନଙ୍କ ସହିତ କଂଗ୍ରେସ ରହିଛି। ଯଦି ସରକାର ତୁରନ୍ତ ସେମାନଙ୍କର ନ୍ୟାୟୋଚିତ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

# ଆଦର୍ଶ ଷ୍ଟେସନ୍‌ରେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ

- ଅଭିଯୁକ୍ତ ରେଳ କର୍ମଚାରୀ ଗିରଫ
- ଟିକଟ କନ୍‌ଫର୍ମ ଆଳରେ ବଳାତ୍କାର



ରାଉରକେଲା,୪।୯ (ସମିସ): ରେଳ ଟିକଟ କନ୍‌ଫର୍ମ କରିଦେବାକୁ କହି ଜଣେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ମଡେଲ ଷ୍ଟେସନ ଭାବେ ପରିଚିତ ରାଉରକେଲା ରେଳ ଷ୍ଟେସନରେ। ପ୍ଲାଟଫର୍ମ ନମ୍ବର-୧ର ଅଫିସର୍ସ ରେଷ୍ଟ ହାଉସ୍ (ଓଆରଏଚ୍) ନିକଟରେ ଥିବା ଭାଲ୍‌ଭ ରୁମ୍‌ରେ ଯୁବତୀଙ୍କୁ ଉକ୍ତ ରେଳ କର୍ମଚାରୀ ଦୁଷ୍କର୍ମ କରିଥିବା ଏତଲାରୁ ଜଣାପଡ଼ିଛି। ଏନେଇ ମହିଳା ଯାତ୍ରୀ ଜଣକ ରାଉରକେଲା ଜିଆରପି ଥାନାରେରେ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ରେଳ କର୍ମଚାରୀ ହେଲେ କପିଳେଶ୍ୱର ସିଂହ(୫୪)।

ସୂଚନା ଯେ, ନୂଆପଡ଼ା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁବାର ଭୋର୍‌ରେ ବେଙ୍ଗାଲୁରୁ ଯିବାକୁ ରାଉରକେଲା ରେଳ ଷ୍ଟେସନରେ ପହଞ୍ଚିଥିଲେ। ତାଙ୍କ ପାଖରେ କନଫର୍ମ ଟିକଟ୍ ନଥିଲା। ଏହି ସମୟରେ ଆଇଓଡବ୍ଲ୍ୟୁ ବିଭାଗରେ କାର୍ଯ୍ୟରତ ଭାଲ୍‌ଭ ମ୍ୟାନ୍ କପିଳେଶ୍ୱରଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେ କନଫର୍ମ ରେଳ ଟିକଟ୍ କରାଇଦେବାକୁ ପ୍ରତିଶ୍ରୁତି ଦେଇ ଓଆରଏଚ୍ ନିକଟସ୍ଥ ଭାଲ୍‌ଭ ରୁମ୍‌କୁ ନେଇ ଯାଇଥିଲେ। ସେଠାରେ ତାଙ୍କ ସହ ଦୁଷ୍କର୍ମ କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଆର୍‌ପି ଟିମ୍ ଯୁବତୀଙ୍କୁ ଘଟଣା ଘଟିଥିବା ଭାଲ୍‌ଭ ରୁମ୍‌କୁ ନେଇ ତଦନ୍ତ କରିଥିଲା। ସେଠାରେ ସେ କପିଳେଶ୍ୱରଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରିଥିବା ପୁଲିସ କହିଛି। ଏହାପରେ ଜିଆର୍‌ପି ତାଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ରାଉରକେଲା ସରକାରୀ ହସ୍ପିଟାଲରେ କରାଯାଇଛି। ଏନେଇ ଜିଆର୍‌ପି ଥାନାରେ ନଂ.୧୨୬/୨୦୨୬ରେ ବିଏନ୍‌ଏସ୍‌ର ଧାରା ୬୪(୨)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି।

## ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ

ରେଳ ଷ୍ଟେସନ ପରିସରରେ ଆର୍‌ପିଏଫ୍ ଓ ଜିଆର୍‌ପିର ଉପସ୍ଥିତି ସତ୍ତ୍ୱେ ଏଭଳି ଘଟଣା ରେଳଷ୍ଟେସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାକୁ ନେଇ ଚକ୍ରଧରପୁର ରେଳ ମଣ୍ଡଳର ସିନିୟର ଡିସିଏମ୍ ଆଦିତ୍ୟ ଚୌଧୁରୀ କହିଛନ୍ତି ଯେ, ମାମଲା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉଛି। ଅଭିଯୁକ୍ତ ରେଳ କର୍ମଚାରୀଙ୍କ ବିରୋଧରେ ରେଳବାଇ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସିଏମ୍ କିଷାନ ସହାୟତା ରାଶିର ରବି କିସ୍ତି ପ୍ରଦାନ

ଯାଜପୁର, ୪।୯ (ସମିସ)



କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ଅବ୍ୟବହିତ ପୂର୍ବରୁ ଆଜି ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ସିଏମ୍-କିଷାନ୍ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଏବଂ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସରୋଜ କୁମାର ଗିରି ସ୍ୱାଗତ ଭାଷଣ ପ୍ରଦାନ ପ୍ରଦାନ କରିଥିଲେ। ରବି ଋତୁ ପାଇଁ ଯାଜପୁର ଜିଲ୍ଲାରେ ସମୁଦାୟ ୧ ଲକ୍ଷ ୯ ୯ ହଜାର ୪୨୧ ଜଣଙ୍କୁ ଏହି ସହାୟତା ରାଶି ସେମାନଙ୍କ ବ୍ୟାଙ୍କ୍ ଖାତା ମାଧ୍ୟମରେ ପାଇବେ। ଏହାକୁ ଚାଷ କାର୍ଯ୍ୟରେ ବିନିଯୋଗ କରିବାକୁ ସମସ୍ତ ଚାଷୀ ଭାଇଙ୍କୁ ଅତିଥିମାନେ ଅନୁରୋଧ କରିଥିଲେ। ତତ୍‌ସହିତ ସମସ୍ତ ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପ୍ୟାକେଜର ଯୋଜନାବଳି ଏବଂ ଇନପୁଟ ସବସିଡିର ସହାୟତା ରାଶି କିପରି ଆଗାମୀ ଫସଲ ପାଇଁ ଚାଷୀମାନେ ଉପଯୋଗ କରିପାରିବେ ସେ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ଗୋପୀନାଥ ବେହେରା ଯୋଗଦେଇଥିଲେ। ଏଥି ସହିତ ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବିଶ୍ୱାଳ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ, ଯାଜପୁର ତଥା କୃଷି ବିଭାଗର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ, ସମସ୍ତ ବ୍ଲକରୁ ଆସିଥିବା କୃଷକ ଭାଇ ଓ ଭଉଣୀ ଉପସ୍ଥିତ ଥିଲେ। ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ଯାଜପୁର ମନୋଜ କୁମାର ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ସମାଜସେବୀଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

ମଙ୍ଗଳପୁର, ୪।୯ (ସମିସ): ବୈତରଣୀ ନଦୀରେ ଲଗାତାର ଭାବେ ସପ୍ତମ ଥର ପାଇଁ ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକର କୟାଁ, କମାରଡ଼ିହି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ପ୍ରାୟ ୧ ମାସ ହେବ ବନ୍ୟା ଜଳରେ ଲୋକ ମାନେ ଘରୁ ବାହାରି ପାରୁନଥିବା ବେଳେ ଖଟିଖିଆ



ଲୋକ ମାନେ କାମ ଧନ୍ଦା ନପାଇ ଘରେ ବସି ରହିଛନ୍ତି। ଏପରି ସମୟରେ ଗରିବ, ଖଟିଖିଆ ଓ ଶ୍ରମିକ ମାନଙ୍କ ଦୁଃଖ ସୁଖର ସାଥି ସାଜିଛନ୍ତି ସମାଜସେବୀ ଗୋପୀନାଥ ଯେନା। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବନ୍ୟା ପ୍ଲାବିତ ଅଞ୍ଚଳକୁ ଯାଇ ବନ୍ୟା ବିପନ୍ନ ମାନଙ୍କ ସମସ୍ୟା ପଚାରି ବୁଝିବା ସହ ନିଜସ୍ୱ ଅର୍ଥରେ ପ୍ରାୟ ୧ ମାସ ଧରି ବନ୍ୟା ବିପନ୍ନ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଚାଲିଛନ୍ତି। ଆଜି ଏହି ପରିପ୍ରେକ୍ଷୀରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଦଶରଥପୁର ବ୍ଲକର କୟାଁ ପଞ୍ଚାୟତର ମଲ୍ଲିପୁର, କମାରଡ଼ିହି ପଞ୍ଚାୟତର କେଳାଙ୍ଗ ଓ କମାରଡ଼ିହି ଗ୍ରାମର ବନ୍ୟା ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଶଶଧର ବେହୁରିଆ, ସନ୍ତୋଷ କୁମାର ରାୟ, ଅଜୟ ନାୟକ, ଶଶିକାନ୍ତ ବାରିକ ପ୍ରମୁଖ ସହ ଯୋଗ କରିଥିଲେ।

# ସାଇକଲ ଚାଳକ ସୁରକ୍ଷା ଅଭିଯାନ



ଦାନଗଦି, ୪।୯ (ସମିସ): ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ପକ୍ଷରୁ ପ୍ଲାଣ୍ଟ ପରିସର ବାହାରେ ଏକ ବ୍ୟାପକ 'ସାଇକେଲ ଚାଳକ ସୁରକ୍ଷା ଅଭିଯାନ' ସଫଳତାର ସହ ଆୟୋଜିତ ହୋଇଯାଇଛି। ସାଇକଲ ଚାଳକମାନଙ୍କ ନିରାପଦ ଯାତାୟାତ ଏବଂ ରାସ୍ତାରେ ସେମାନଙ୍କ ସ୍ପଷ୍ଟ ଦୃଶ୍ୟମାନତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା କିମ୍ବା ରାତ୍ରି ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି, ଏହି ଅଭିଯାନ ଅଧୀନରେ ୩୧୧ଟି ସାଇକଲରେ ରେଟ୍ରୋ-ରିଫ୍ଲେକ୍ଟିଭ୍ ଷ୍ଟିକର୍ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୧୦୨ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଏନ୍‌ଏଲ୍‌ର ଅପରେସନ୍ସ ଆଣ୍ଡ ମେଣ୍ଟେନାନ୍ସ ଚିଫ୍ ବିନୀତ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କମ୍ପାନୀର ରୋଡ୍ ଆଣ୍ଡ ରେଲ୍ ସେଫ୍ଟି ସବ୍-କମିଟି (ଆରଆରଏସଏସସି), ସୁରକ୍ଷା ବିଭାଗ, ସିକ୍ୟୁରିଟି ବିଭାଗ ଏବଂ ମାନବ ସମ୍ବଳ ତଥା ପ୍ରଶାସନ ବିଭାଗର ମିଳିତ ସହଯୋଗରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା।

# ରକ୍ତବନ୍ଧୁ ଯାଜପୁର ପକ୍ଷରୁ ତାଳ ଚାରା ରୋପଣ

କବାଟବନ୍ଧ, ୪।୯ (ସମିସ): ଜେନାପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ କବାଟବନ୍ଧ ଅଞ୍ଚଳର ସାମାଜିକ ଅନୁଷ୍ଠାନ ରକ୍ତବନ୍ଧୁ ଯାଜପୁର ପକ୍ଷରୁ ତାଳ ଚାରା ରୋପଣ କରାଯାଇଛି। ପବିତ୍ର ଜନ୍ମାଷ୍ଟମୀ ଅବସରରେ ରକ୍ତବନ୍ଧୁ, ଯାଜପୁର ପକ୍ଷରୁ ବଜ୍ରପାତ ନିୟନ୍ତ୍ରଣ ପାଇଁ ତାଳ ଚାରାରୋପଣ କରିବାର କାର୍ଯ୍ୟକ୍ରମ ଚାଲୁ ରହିଛି। ତାଳଗଛ ମୁଖ୍ୟତଃ ଏହାର ଉଚ୍ଚତା ଏବଂ ଅଧିକ ଆର୍ଦ୍ରତା ହେତୁ ପ୍ରାକୃତିକ ବଜ୍ରପାତ ନିରୋଧକ ଭାବରେ କାର୍ଯ୍ୟ କରେ। ଯାହା ବଜ୍ରପାତ ସମୟରେ ବୈଦ୍ୟୁତିକ ଚାର୍ଜ ବିସ୍ତାର କରିବାରେ ସାହାଯ୍ୟ କରେ। ଏହା ସହିତ, ଏହି ଗଛଗୁଡ଼ିକ ଝଡ଼ ଏବଂ ଘୂର୍ଣ୍ଣିବାତ୍ୟା ବିରୋଧରେ ଉପକୂଳ





ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କର ଚେର ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରେ। ଏହି ପରିପ୍ରେକ୍ଷୀରେ ୬ ଦିନ ବ୍ୟବଧାନରେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଗତ ୩୦ ତାରିଖରେ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ରେଖିଦେଇପୁରଠାରୁ ତାଳଜଙ୍ଗ ପର୍ଯ୍ୟନ୍ତ ପ୍ରାୟ ୨ ଶହ ଚାରା ଏବଂ ସେପ୍ଟେମ୍ବର ୪ ତାରିଖରେ କନ୍ତପଡ଼ାର ମୁକୁନ୍ଦପାତ୍ର କଲେଜ ଠାରୁ ବଳରାମପୁର ତଳଗଡ଼ ରାସ୍ତାରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଥିବା ଅନୁଷ୍ଠାନର ଉପଦେଷ୍ଟା ଅନୀଲ କୁମାର ପଣ୍ଡା କହିଛନ୍ତି। ଏହି ଅବସରରେ ରକ୍ତବନ୍ଧୁ ଯାଜପୁରର ଆବାହକ ବସନ୍ତ କୁମାର ମଲ୍ଲିକଙ୍କ ସହଯୋଗରେ ବରିଷ୍ଠ ସଦସ୍ୟ ମାନସ ଦାସ, ଶରତ ବଳ, ରାଜେଶ କୁମାର ମଲ୍ଲିକ, ସ୍ମୃତିରଞ୍ଜନ ଧୀର, ଦିବ୍ୟରଞ୍ଜନ ବାରିକ, ମାୟାଧର ଦାସ, ରାଜକିଶୋର ମଲ୍ଲିକ, ମନୋଜ ବେହେରା, ଦେବୀ ପ୍ରସାଦ ଧୀର, ଓମ ପ୍ରକାଶ ସ୍ୱାଇଁ, ଓମ ପ୍ରକାଶ ମଲ୍ଲିକ, ସୁଶାନ୍ତ ଜେନା, ପିଙ୍କୁ ମଲ୍ଲିକ, ପିଙ୍କୁନ ସାହୁ, ଜଗବନ୍ଧୁ ମଲ୍ଲିକ, ସଞ୍ଜୟ ରାଉତ, ସୁକାନ୍ତ ବେହେରା, ଟୁନା ଲେଙ୍କା, ସନ୍ତୋଷ ସାହୁ, କଲ୍ୟାଣି ରାଉତ, କୃଷ୍ଣପ୍ରିୟା ଧୀରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଞ୍ଝାରପୁର ଅଞ୍ଚଳରେ ଜନ୍ମାଷ୍ଟମୀ

ବିଞ୍ଝାରପୁର, ୪।୯ (ସମିସ): ଜନ୍ମାଷ୍ଟମୀ ଅବସରରେ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ କୃଷ୍ଣ ମନ୍ଦିର, ମଠ ଓ ପୀଠରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ଚିକଣା ଦଧିବାମନଜୀଉ ମନ୍ଦିର, ଅରେଇ ଗୋପୀନାଥ ମନ୍ଦିର, ବାଙ୍କିପାଳ ମଠ, ମାଁସଡ଼ା, ରଣପୁର, ଚିକଣା, ପୋଖରୀଆପଡ଼ା ଅଚ୍ୟୁତ ପୀଠ, ନାଉବାଙ୍କ ସମେତ ବିଭିନ୍ନ ମଠ ଓ ମନ୍ଦିରରେ ବିଶେଷ ନୀତିକାନ୍ତି ସହ ଜନ୍ମାଷ୍ଟମୀ ପାଳନ କରାଯାଇଛି। ଏଥିସହ ବ୍ଲକର ବିଭିନ୍ନ ଗ୍ରାମରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପର୍ବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଛି। ଭକ୍ତମାନେ ଉପବାସ ଓ ପୂଜାର୍ଚ୍ଚନା କରିବା ସହ ମଧ୍ୟରାତ୍ରିରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ଦର୍ଶନ କରିଥିଲେ। ମଠ ଓ ମନ୍ଦିରଗୁଡ଼ିକ ଭଜନ, କୀର୍ତ୍ତନ ଓ ହରିନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା। ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ରାଧାକୃଷ୍ଣ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ

ଯାଜପୁର, ୪।୯ (ସମିସ): ଯାଜପୁର ଯୋଡିକୂଅ ନିକଟସ୍ଥ ମଣିକିରିଡିହରେ ଥିବା ରାଧାକୃଷ୍ଣ ମନ୍ଦିରରେ ଆଜି ପ୍ରତ୍ୟୁଷରୁ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଛି। ଏହି ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇ ରାଧାକୃଷ୍ଣ ପ୍ରତିମୂର୍ତ୍ତିଙ୍କୁ ସୁସଜ୍ଜିତ କରିବା ସହ ଶ୍ରୀକୃଷ୍ଣଙ୍କୁ ପୂଜା ଆରାଧନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମନ୍ଦିର ପରିସରରେ ଭଜନ ସଂକୀର୍ତ୍ତନ ସହ ଶଙ୍ଖ ଧ୍ୱନିରେ ଗଗନ ପବନ ମୁଖରିତ କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ମାନେ ମଧ୍ୟ ବ୍ରତ ପାଳନ କରି ଶ୍ରୀକୃଷ୍ଣଙ୍କୁ ଆରାଧନା କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଦସ୍ୟ ମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାହିତ ହୋଇଥିଲା ବେଳେ ମଧ୍ୟାହ୍ନରେ ସମସ୍ତ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥି ସହ ସନ୍ଧ୍ୟାରେ ଆଳତୀ, ଭଜନ ସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ବିଦ୍ୟାଳୟ ପରିସରରେ ଜନ୍ମାଷ୍ଟମୀ ଉତ୍ସବ

ଯାଜପୁର, ୪।୯ (ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଖଇରାବାଦ ସ୍ଥିତ ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ଶିଶୁ ଭାଇଭଉଣୀମାନଙ୍କର ଜନ୍ମାଷ୍ଟମୀ ଉତ୍ସବ ପ୍ରତିଯୋଗିତା ପ୍ରଧାନ ଆଚାର୍ଯ୍ୟା ପ୍ରେମଲତା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିରଞ୍ଜନ ସାହୁ ଯୋଗ ଦେଇ ଶିଶୁମାନଙ୍କର ପ୍ରତିଭା ଚୟନ କରିଥିଲେ। ଏହି ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁମାନେ ରାଧା, କୃଷ୍ଣ, ବଳରାମ ବେଶରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ମାନଙ୍କ ସହ- ଯୋଗରେ ସଭା ସମାପ୍ତ ହୋଇଥିଲା।



## ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସଚେତନତା

ଦଶରଥପୁର, ୪।୯ (ସମିସ): ସଡ଼କ ଦୁର୍ଘଟଣାକୁ ରୋକିବା ସହ ସାଧାରଣରେ ଧନ ଜୀବନ ରକ୍ଷା ନିମନ୍ତେ ଲୋକଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ପ୍ରତି ସଚେତନତା





ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଦଶରଥପୁର ଥାନା ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କାଟିଆସ୍ଥିତ କୃଷ୍ଣପ୍ରଧାନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଡ଼କ ଉପରେ ଅସାବଧାନତା ଓ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁଁ ଘଟୁଥିବା ଦୁର୍ଘଟଣାକୁ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଶରଥପୁର ଥାନାଧିକାରୀ ସୁବ୍ରତ ସାହୁ ଯୋଗଦେଇ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଗାଡ଼ି ଚଳାଇବା ସମୟରେ ହେଲମେଟ୍ ବ୍ୟବହାର କରିବା, ଗାଡ଼ିର ବେଗ ନିୟନ୍ତ୍ରଣରେ ରଖିବା, ଟ୍ରାଫିକ୍ ନିୟମ ପାଳନ କରିବା ଏବଂ ଅସାବଧାନ ଭାବେ ଯାନବାହନ ଚଳାଚଳ ନକରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ହେଲମେଟ୍ ପିନ୍ଧି ଗାଡ଼ି ଚାଲନ୍ତୁ, ଦ୍ରୁତଗତି ମହାବିପତ୍ତି, ଗାଡ଼ି ଧୀରେ ଚାଲନ୍ତୁ ପ୍ରତିଟି ଜୀବନ ମୂଲ୍ୟବାନ ପ୍ରଭୃତି ସଚେତନତାମୂଳକ ବାର୍ତ୍ତାମାନ ଦେଇଥିଲେ। ଛାତ୍ରଛାତ୍ରୀ ନିଜେ ସଡ଼କ ସୁରକ୍ଷା ନିୟମ ପାଳନ କରିବା ସହ ନିଜ ପରିବାର ଓ ସମାଜର ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ପୁଲିସ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

## ଶିକ୍ଷକ ନେତା ପୀତବାସ ବେହୁରିଆଙ୍କ ସ୍ମୃତିସଭା

ମଙ୍ଗଳପୁର, ୪।୯ (ସମିସ): ବିଶିଷ୍ଟ ଶିକ୍ଷକ ନେତା ତଥା ଓଷ୍ଟାର ସାଧାରଣ ସମ୍ପାଦକ ପୀତବାସ ବେହୁରିଆଙ୍କ ସ୍ମୃତିସଭା ଓଷ୍ଟା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ବ୍ଲକ ଓଷ୍ଟା ସଂଘ ସଭାପତି ଶ୍ରୀକାନ୍ତ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଯାଜପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ସାରଦାକାନ୍ତ ମହାପାତ୍ର, ରାଜକିଶୋର ଦାସ, ବିନୟ କୃଷ୍ଣ ବେହେରା, ସଞ୍ଜୟ ଲେଙ୍କା, ଅଜୟ ନାୟକ, ପଦ୍ମଲୋଚନ ଦାସ, କଳ୍ପତରୁ ରାଉତ, ସେକ ମୁବାରକ ଅଲି ସମେତ ବହୁ ଶିକ୍ଷକ ତାଙ୍କ ମଙ୍ଗଳପୁରସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ବେହୁରିଆଙ୍କୁ ଏକ ବିରାଟ ପଟୁଆରରେ ଯାଜପୁର ଜିଲ୍ଲା ଓଷ୍ଟା କାର୍ଯ୍ୟାଳୟକୁ ନିଆଯାଇଥିଲା। ଜିଲ୍ଲା କାର୍ଯ୍ୟାଳୟରେ ସମ୍ପାଦକ ପବିତ୍ର କୁମାର ପଣ୍ଡା, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ଧନଞ୍ଜୟ ରାଉତରାୟ, ବରୀ ବ୍ଲକ ସମ୍ପାଦକ ଦିବ୍ୟାଲୋଚନ ମହାପାତ୍ର, ଦଶରଥପୁର ବ୍ଲକ ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଚିନ୍ମୟ ରଥ, ରାଧାରମଣ ମହାରଣା, ସୀତାରାମ ପାଢ଼ୀ, ମାନସ ସ୍ୱାଇଁ ପ୍ରମୁଖ ଯାଜପୁର ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ଶିକ୍ଷକ ମାନେ ସ୍ୱର୍ଗତ ବେହୁରିଆଙ୍କ ଶେଷ ଦର୍ଶନ କରିଥିଲେ।

## ସତ୍ୟସାଇ ପ୍ରେମ ପ୍ରଭାହିନୀ ରଥ ପରିକ୍ରମା



ଧର୍ମଶାଳା, ୪।୯ (ସମିସ): ଭଗବାନ ଶ୍ରୀସତ୍ୟସାଇ ବାବାଙ୍କର ମୂଳମନ୍ତ୍ର ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ବାର୍ତ୍ତାକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଶ୍ରୀସତ୍ୟସାଇ ପ୍ରେମ ପ୍ରଭାହିନୀ ରଥ ପରିକ୍ରମା କରୁଛି। ୫ଟି ସୁସଜ୍ଜିତ ରଥ ଭାରତର ବିଭିନ୍ନ ରାଜ୍ୟ ପରିକ୍ରମା କରି କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାରେ ପ୍ରବେଶ କରିଛି। ନୀଳକଣ୍ଠପୁର, ଚତ୍ରପଦା, ଜାରକା ସତ୍ୟସାଇ ସେବା ସମିତି ନିକଟରେ ପହଞ୍ଚିବା ପରେ ରଥକୁ ଶ୍ରଦ୍ଧାଳୁମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପାଣ୍ଡୁଆସ୍ଥିତ 'ସାଇ ଆରୋଗ୍ୟମ୍'ରେ ପହଞ୍ଚିବା ପରେ ନଗର ସଂକର୍ତ୍ତନ ଷୋଡ଼ଶ ଉପଚାର ପୂଜା ପରେ ସାଥୁଆପାଟଣା ସତ୍ୟସାଇ ସେବା ସମିତିକୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ସଭାପତି ମନୋରଞ୍ଜନ ସାମଲ, ରାଜ୍ୟ ସତ୍ୟସାଇ ସେବା ସଂଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମୀ ରଞ୍ଜନ ରାୟ, ବାଳବିକାଶ ଗୁରୁମା ପ୍ରମୋଦିନୀ ସାମଲ, ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ, ଆବାହକ ସୁଶାନ୍ତ କୁମାର ନାୟକ, ରଞ୍ଜନ କୁମାର ପାଣି, ପ୍ରଭାତ କୁମାର ତ୍ରିପାଠୀ, ଆଦିତ୍ୟ ସୂତାର, ସୁବାସ ଚନ୍ଦ୍ର ପଣ୍ଡା, ସୁବାସ ଚନ୍ଦ୍ର ସାହୁ, ପର୍ଶୁକାନ୍ତ ଜେନା, ନରେନ୍ଦ୍ର ଶତପଥୀ, ଦାମୋଦର ପତି, ବିକ୍ରମ କେଶରୀ ମହାନ୍ତି, ରଶ୍ମିକାନ୍ତ ସାହୁ, ରଞ୍ଜନ କୁମାର ସାହୁ, ତପନ କୁମାର ବିଶ୍ୱାଳ, ନିରଞ୍ଜନ ଶାନ୍ତି, ଯତୀନ୍ଦ୍ର ମୋହନ ଦାସ, ପୁରୁଷୋତ୍ତମ ଖୁଣ୍ଟିଆଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ଅଖିଳଚକ୍ର ପକ୍ଷରୁ ଜିଲ୍ଲାସ୍ତରୀୟ ସେମିନାର



ପ୍ରୀତିପୁର, ୪।୯ (ସମିସ): ମଇଁଦା ୟୁଜିଏମଇ ସ୍କୁଲ ପରିସରରେ ଅଖିଳଚକ୍ର ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଶ୍ରୀହରି ଧଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତୀୟ ଶିକ୍ଷା ନୀତି ଓ ବ୍ୟବସ୍ଥା ଅବକ୍ଷୟ ଆଡକୁ ଗତି କରୁଛି ବୋଲି କହିଥିଲେ। ଯେତେବଡ ଜ୍ଞାନୀ ହେଲେ ବି ଶିକ୍ଷା ସେମାନଙ୍କୁ ପ୍ରକୃତ ସହାୟ ହୋଇ ପାରୁନାହିଁ। ମଣିଷ ତିଆରି କରିବାର ଉପାଦାନ ଆଜି ବିଦ୍ୟାଳୟମାନଙ୍କରେ ନାହିଁ। ପାଶ୍ଚାତ୍ୟ ଶିକ୍ଷାକୁ ବାଦ ଦେଇ ଆମେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରବର୍ତ୍ତନ କରିପାରିବା ନାହିଁ ବୋଲି ସେ କହିଥିଲେ। ଏହା ବ୍ୟତୀତ ବିଭିନ୍ନ ବ୍ଲକ ସ୍ତରରୁ ଆସିଥିବା ଶିକ୍ଷାବିତ ସତ୍ୟରଞ୍ଜନ ସ୍ୱାଇଁ, ଆଡଭୋକେଟ ଜୀତେନ୍ଦ୍ର କୁମାର ବେହେରା, ସାମ୍ବାଦିକ ବିଶ୍ୱଭୂଷଣ ଜେନା, ବିଦ୍ୟାଧର ପ୍ରଧାନ, କ୍ଷୀରୋଦ କୁମାର ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବିଧୁଭୂଷଣ ନାୟକ, ସୁବାସ ଚନ୍ଦ୍ର ମହାପାତ୍ର, କବି ସୁବାସ ଚନ୍ଦ୍ର ସାହାଣୀ, ସନ୍ତୋଷ କୁମାର ବେଉରିଆ (ଆଳି), ସିଆର୍‌ସିସି ମନୋରଞ୍ଜନ ଧଳ, ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାଥ, ପ୍ରଭାତ କୁମାର ସାହୁ, ବିଦ୍ୟାଧର ପ୍ରଧାନ ପ୍ରମୁଖ ନିଜସ୍ୱ ମତ ପ୍ରଦାନ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ସମ୍ପର୍କରେ କହି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ସହ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ବଦଳିଛି ଗୁରୁଦିବସର ରୂପ, ବଦଳିନି ଗୁରୁଙ୍କ ମହତ୍ତ୍ୱ

# ଡିଜିଟାଲ ଯୁଗରେ ଫୁଲ ଓ ଶୁଭେଚ୍ଛାରେ ସୀମିତ ଉତ୍ସବ

କୟାଁଗୋଲା, ୪।୯ (ସମିସ)

ଗୁରୁ ଶବ୍ଦଟି ହିଁ ଏକ ବିଶାଳ ଅର୍ଥ ବହନ କରେ। ଜୀବନର ଅନ୍ଧକାରରୁ ଆଲୋକର ପଥ ଦେଖାଇଥିବା, ଅଜ୍ଞାନରୁ ଜ୍ଞାନ ଆଡ଼କୁ ନେଇଯାଇଥିବା ଏବଂ ଭୁଲ୍ ପଥରେ ଯାଉଥିବା ଛାତ୍ରଙ୍କୁ ସଠିକ୍ ଦିଗ ଦେଖାଇଥିବା ବ୍ୟକ୍ତି ହେଉଛନ୍ତି ଗୁରୁ। ଗୁରୁଙ୍କ ପ୍ରତି ସମ୍ମାନ ଭାରତୀୟ ପରମ୍ପରାର ଏକ ଅବିଚ୍ଛିନ୍ନ ଅଂଶ। ଏହି ମହାନ ପରମ୍ପରାକୁ ସ୍ମରଣ କରି ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ପାଳିତ ହୁଏ ଗୁରୁଦିବସ। ସେପ୍ଟେମ୍ବର ୫ ଭାରତର ପୂର୍ବତନ ରାଷ୍ଟ୍ରପତି, ଦାର୍ଶନିକ ଓ ଶିକ୍ଷାବିତ୍ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ। ତାଙ୍କ ଶିକ୍ଷା ପ୍ରତି ଅବଦାନ ଓ ଗୁରୁଙ୍କ ପ୍ରତି ଥିବା ଗଭୀର ସମ୍ମାନକୁ ସ୍ମରଣ କରି ୧୯୬୨ ମସିହାରୁ ତାଙ୍କ ଜନ୍ମଦିନକୁ ଭାରତରେ ଗୁରୁଦିବସ ଭାବେ ପାଳନ କରାଯାଇଆସୁଛି।

କିଛି ଦଶନ୍ଧି ପୂର୍ବରୁ ଗୁରୁଦିବସ ପାଳନର ଚିତ୍ର ଆଜିଠାରୁ ଅନେକ ଭିନ୍ନ ଥିଲା। ସେ ସମୟରେ ଛାତ୍ରଛାତ୍ରୀଙ୍କ ପାଖରେ ନ ଥିଲା ସ୍ମାର୍ଟଫୋନ୍, ନଥିଲା ସୋସିଆଲ ମିଡିଆର ଚମକ। ଥିଲା ଗୁରୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ। ଗୁରୁଦିବସ ଦିନ ସକାଳୁ ଛାତ୍ରଛାତ୍ରୀ ନିଜ ଗୁରୁଙ୍କ ଘରକୁ କିମ୍ବା ବିଦ୍ୟାଳୟକୁ ଯାଇ ଗୁରୁଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଥିଲେ। କେହି ଫୁଲ ନେଇ ଯାଉଥିଲେ, କେହି ନିଜ ହାତରେ ତିଆରି କରିଥିବା କାର୍ଡ ଦେଉଥିଲେ। ଗୁରୁଙ୍କ ମୁହଁରେ ହସ ଦେଖିବା ହିଁ ଛାତ୍ରଙ୍କ ପାଇଁ ଥିଲା ସବୁଠାରୁ ବଡ଼ ଖୁସି। କାହାରି ହାତରେ ଟଙ୍କା ନଥିଲେ ମଧ୍ୟ ସେଥିପାଇଁ ଗୁରୁଦିବସର ଆନନ୍ଦ କମ ନଥିଲା। ନିଜ ହାତରେ ଲେଖା ଦୁଇଟି ଧାଡ଼ି, ଏକ ଛୋଟ ଫୁଲ କିମ୍ବା ଗୁରୁଙ୍କ ପ୍ରତି ଦୁଇଟି ସମ୍ମାନର କଥା ହିଁ ଥିଲା ଛାତ୍ରଙ୍କ ଉପହାର। ସମୟ ବଦଳିଛି। ବଦଳିଛି ଶିକ୍ଷା ପ୍ରଣାଳୀ, ବଦଳିଛି ଛାତ୍ରଙ୍କ ଚିନ୍ତାଧାରା ଏବଂ ବଦଳିଛି ଗୁରୁଦିବସ ପାଳନର ଶୈଳୀ। ଆଜି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗୁରୁଦିବସ ଅବସରରେ ସଭାସମିତି, ଭାଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତ, ନୃତ୍ୟ, କୁଇଜ୍, ଶିକ୍ଷକ ସମ୍ମାନ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେଉଛି। କେତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଶିକ୍ଷକଙ୍କ ଭୂମିକା ନେଇ ଗୋଟିଏ ଦିନ ପାଇଁ ପାଠ ପଢ଼ାଉଛନ୍ତି। ଶିକ୍ଷକମାନଙ୍କୁ ଫୁଲ, ଉପହାର ଓ ସ୍ମୃତିଚିହ୍ନ ଦେଇ ସମ୍ମାନିତ କରାଯାଉଛି। ମୋବାଇଲ ଓ ସୋସିଆଲ ମିଡିଆ ମଧ୍ୟ ଗୁରୁଦିବସ ପାଳନର ଏକ ଅଂଶ ହୋଇପଡ଼ିଛି। ହ୍ୱାଟ୍ସଆପ୍ ଷ୍ଟାଟସ୍, ଫେସବୁକ୍ ପୋଷ୍ଟ ଓ ଅନ୍ୟ ଡିଜିଟାଲ ମାଧ୍ୟମରେ ଗୁରୁଙ୍କୁ ଶୁଭେଚ୍ଛା ଜଣାଯାଉଛି। ପୁରୁଣା ଦିନର ହାତଲେଖା ଚିଠିର ସ୍ଥାନ ନେଇଛି ଡିଜିଟାଲ ମେସେଜ୍। ତେବେ ଏହି ପରିବର୍ତ୍ତନ ମଧ୍ୟରେ ଏକ ପ୍ରଶ୍ନ ଆଜି ଅନେକଙ୍କ ମନରେ ଉଠୁଛି ଗୁରୁଦିବସର ଉତ୍ସବ ବଢ଼ିଛି। କିନ୍ତୁ ଗୁରୁଙ୍କ ପ୍ରତି ପ୍ରକୃତ ସମ୍ମାନ କ'ଣ ସେହିଭଳି ରହିଛି? ଗୁରୁଙ୍କୁ ଫୁଲ ଦେବା, ଉପହାର ଦେବା କିମ୍ବା ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ନିଶ୍ଚିତ ଭାବେ ଆନନ୍ଦର ବିଷୟ। କିନ୍ତୁ ଗୁରୁଙ୍କ ପ୍ରକୃତ ସମ୍ମାନ କେବଳ ଗୋଟିଏ ଦିନର ଉତ୍ସବରେ ସୀମିତ ରହିଲେ ଏହାର ମୂଳ ଉଦ୍ଦେଶ୍ୟ ପୂରଣ ହୁଏନାହିଁ। ଗୁରୁ ଦେଇଥିବା ଶିକ୍ଷାକୁ ଜୀବନରେ ଅନୁସରଣ କରିବା, ଗୁରୁଙ୍କ ପରାମର୍ଶକୁ ସମ୍ମାନ କରିବା, ଭଲ ମଣିଷ ହେବା ଏବଂ ସମାଜ ପାଇଁ କିଛି କରିବା ଏହା ହିଁ ଗୁରୁଙ୍କ ପାଇଁ ପ୍ରକୃତ ଗୁରୁଦକ୍ଷିଣା।

ଆଜିର ଯୁଗ ଡିଜିଟାଲ ଯୁଗ। ଇଣ୍ଟରନେଟ୍, ସ୍ମାର୍ଟଫୋନ୍, ଅନଲାଇନ୍ ଶିକ୍ଷା ଓ କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା କ୍ଷେତ୍ରରେ ନୂଆ ଦ୍ୱାର ଖୋଲିଛି। ଘରେ ବସି ଛାତ୍ରଛାତ୍ରୀ ଅନେକ ବିଷୟରେ ଜ୍ଞାନ ହାସଲ କରିପାରୁଛନ୍ତି। ତଥାପି ଜ୍ଞାନ ହାସଲ କରିବା ଓ ଜୀବନରେ ସଠିକ୍ ଦିଗ ବାଛିବା ଏକ କଥା ନୁହେଁ। ଛାତ୍ରଙ୍କ ମଧ୍ୟରେ ନୀତି, ଶୃଙ୍ଖଳା, ମାନବିକତା ଓ ଦାୟିତ୍ୱବୋଧ ଗଢ଼ି ତୋଳିବାରେ ଗୁରୁଙ୍କ ଭୂମିକା ଆଜି ମଧ୍ୟ ଅପରିହାର୍ଯ୍ୟ। ଗୁରୁଦିବସ ଆସିବ ଓ ଚାଲିଯିବ।

ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଯେ ଜ୍ଞାନ ଆଲୋକରେ ଆଲୋକିତ କରି ପାରନ୍ତି, ସେ ହିଁ ହେଉଛନ୍ତି ଗୁରୁ। ସେଇ ଗୁରୁ ହେଉଛନ୍ତି ବ୍ରହ୍ମା, କାରଣ ସେ ଶିଷ୍ୟ ଟିକୁ ଦିଅନ୍ତି ନବ ଜନ୍ମ। ଗୁରୁ ହେଉଛନ୍ତି ନର ଦେହରେ ନାରାୟଣ। ସେ ହିଁ ସାକ୍ଷାତ ଈଶ୍ୱର। ତେଣୁ କୁହାଯାଏ 'ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷତ ଈଶ୍ୱର'। ଗୁରୁ ହେଉଛନ୍ତି ଇଷ୍ଟ, ତାଙ୍କ ଠାରୁ ଜ୍ଞାନ ଲାଭ କରି ସମାଜର ଅନ୍ଧତ୍ୱ ଦୂର ହୁଏ। କେତେ ଅଜ୍ଞାନୀ ଜ୍ଞାନ ଲାଭ କରନ୍ତି।



ମୋନାଲିସା ଭୂୟାଁ, ଶିକ୍ଷୟିତ୍ରୀ

ବିଦ୍ୟାଳୟରେ କାର୍ଯ୍ୟକ୍ରମ ହେବ, ଗୁରୁଙ୍କୁ ଫୁଲ ଦିଆଯିବ, ଫଟୋ ଉଠିବ ଏବଂ ସୋସିଆଲ ମିଡିଆରେ ଶୁଭେଚ୍ଛାର ବାର୍ତ୍ତା ଭରିଯିବ। କିନ୍ତୁ ଏହା ପରେ ମଧ୍ୟ ଛାତ୍ରଙ୍କ ମନରେ ଗୁରୁଙ୍କ ପ୍ରତି ସମ୍ମାନ ଅତୁଟ ରହିବା ହିଁ ଏହି ଦିନର ସାର୍ଥକତା। ପୁରୁଣା ଦିନର ଗୁରୁଦିବସ ଥିଲା ସରଳତାରେ ଭରା, ଆଜିର ଗୁରୁଦିବସ ହୋଇଛି ଆୟୋଜନ ଓ ଆଧୁନିକତାରେ ଭରପୂର। ପାଳନର ରୂପ ବଦଳିଛି, ମାଧ୍ୟମ ବଦଳିଛି, ସମୟ ବଦଳିଛି। କିନ୍ତୁ ଗୁରୁଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ କୃତଜ୍ଞତାର ମୂଲ୍ୟ କେବେ ବଦଳିବା ଉଚିତ ନୁହେଁ।

କାରଣ ଗୁରୁ ହିଁ ସେହି ଆଲୋକ, ଯାହାର ଆଲୋକରେ ଜଣେ ଛାତ୍ର ନିଜ ଜୀବନର ରାସ୍ତା ଚିହ୍ନିବାକୁ ଶିଖେ।

## ସହରକୁ ଅବାଧ ପ୍ରବେଶ କରୁଛି କାରଖାନା ବସ୍

# ବେପରୱା ଚାଳନା ଯୋଗୁଁ ଘଟୁଛି ଦୁର୍ଘଟଣା

'ବ୍ୟାସନଗର,୪।୯ (ସମିସ)

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ସହର ଭିତରକୁ କାରଖାନ୍ ବସ୍ ପ୍ରବେଶ ନେଇ କଟକଣା ଜାରି ହୋଇଥିଲେ ମଧ୍ୟ ତାହା ପାଳନ କରାଯାଉନାହିଁ। ଫଳରେ ଏହି ବସ୍ ଯୋଗୁଁ ସହରରେ ଟ୍ରାଫିକ୍ ସମସ୍ୟା ଜଟିଳ ହେବା ସହିତ ବାରମ୍ବାର ଦୁର୍ଘଟଣା ମଧ୍ୟ ଘଟିଚାଲିଛି।

ସହରରେ କ୍ରମାଗତ ଭାବେ ବଢୁଥିବା କୃତ୍ରିମ ଟ୍ରାଫିକ ଭିଡ଼ ନିୟନ୍ତ୍ରଣ ପାଇଁ ସହରବାସୀ ପ୍ରଶାସନ ନିକଟରେ ଅନେକବାର ଦାବି କରିଥିଲେ। ଫଳରେ ସହରରେ ଭିଡ ନିୟନ୍ତ୍ରଣ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିବା ସହିତ ସହର ମଧ୍ୟକୁ କାରଖାନା ବସଗୁଡିକ ପ୍ରବେଶ ନେଇ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏନେଇ ୨୦୨୫ ମାର୍ଚ୍ଚ ୧ତାରିଖରେ ଯାଜପୁର ରୋଡ ଆଦର୍ଶ ଥାନା ପରିସରରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ପ୍ରଦାନ କରାଯାଇଥିଲା। ବିଗତ ଦିନମାନଙ୍କରେ ସହରରେ ସୃଷ୍ଟି ହେଉଥିବା କୃତ୍ରିମ ଭିଡ଼ରେ ଲଗାମ ଲଗାଇବାକୁ ନିଷ୍ପତ୍ତି ହୋଇଥିଲା। କଳିଙ୍ଗନଗରର ବିଭିନ୍ନ କଳକାରଖାନାର ପ୍ରାୟ ୬୬ଟି ବସ୍ ୫ଟି ରୁଟରେ ସହର ମଧ୍ୟରେ ଯାତାୟାତ କରିବା ନେଇ ସୂଚନା ଦେଇଥିଲେ।



ତେବେ ସହରବାସୀଙ୍କ ସ୍ୱାର୍ଥ ଏବଂ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଉପରୋକ୍ତ ବସଗୁଡିକ ମଧ୍ୟରୁ କେବଳ ୧୯ଟି ବସ୍ ସହର ମଧ୍ୟରେ ପ୍ରବେଶ କରିବାକୁ ପ୍ରଶାସନ ଅନୁମତି ଦେଇଥିଲା। ତେବେ ଏହି ୧୯ଟି ବସ୍ ସହର ମଧ୍ୟରେ ଥିବା ଯାଜପୁର ରୋଡ ରେଳଷ୍ଟେସନ ନିକଟରୁ କର୍ମଚାରୀଙ୍କୁ ଧରି ସିଧା ଗୋପବନ୍ଧୁ ଛକ ଦେଇ ଚୋରଦା ଦେଇ କାରଖାନା ଅଭିମୁଖେ ଯାତ୍ରା କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ୧୯ଟି ବସ୍ ଯାଜପୁର ରୋଡ ରେଳଷ୍ଟେସନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଷ୍ଟପେଜ କରିପାରିବ ନାହିଁ କିମ୍ବା ଯାତ୍ରୀ ଉଠାଇ ପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ଭାବେ ସୂଚନା ଦିଆଯାଇଥିଲା। ସେହିପରି ୧୨ଟି କନ୍ହେଇପୁର ରୁଟ୍‌ରେ ଚଳାଚଳ କରିବା ସହିତ ଗୋଲେଇ ଛକ ଦେଇ କନ୍ହେଇପୁରକୁ ପ୍ରବେଶ କରିବା ସହିତ ସେହି ବାଟେ ପୁନଶ୍ଚ କାରଖାନା ଦିଗରେ ଚଳାଚଳ କରିବ ବୋଲି ନିଷ୍ପତି ହୋଇଥିଲା। ସେହିପରି ୨୦ଟି ବସ୍ ନହକା ରୁଟରେ ଚଳାଚଳ କରିବାକୁ ରହିଥିବା ବେଳେ ତନ୍ମଧ୍ୟରୁ ଜିନ୍ଦଲର ସର୍ବାଧିକ ୯ଟି, ଟାଟାର ୮ଟି, ନିଳାଚଳର ୨ଟି ଏବଂ ଭିସାର ଗୋଟିଏ ବସ ରହିଛି। ଏହି ବସଗୁଡିକ ବେଣାପୁର ବାଇପାସ ଦେଇ ସନ୍ତରା ଦଳା ଦେଇ ନହକା ବିଜୁ ପଟ୍ଟନାୟକ ଗୋଲେଇ ଛକରେ ବୁଲି ପୁଣି ଭାୟା ଜହ୍ନା ଦେଇ କାରଖାନା ଦିଗରେ ଚଳାଚଳ କରିବ। ସେହିପରି ପାଣିକୋଇଲି ରୁଟରେ ୬ଟି ବସ୍ ଚଳାଚଳ କରିବାକୁ ଥିବା ବେଳେ ଜିନ୍ଦଲର ସର୍ବାଧିକ ୫ଟି ଏବଂ ନିଳାଚଳର ଗୋଟିଏ ବସ ନୂଆ ବାଇପାସ ଦେଇ ଫାୟାର ଷ୍ଟେସନ ଛକ ଦେଇ କାରଖାନା ଦିଗରେ ଚଳାଚଳ କରିବା ନେଇ ପ୍ରଶାସନିକ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏଥିରେ ବାରମ୍ବାର କାରଖାନା ବସ୍‌ଗୁଡିକ ଉଲ୍ଲଙ୍ଘନ କରୁଥିଲେ। ଯେତେବେଳେ କି ସହର ମଧ୍ୟରେ ଯାତ୍ରୀ ପରିବହନ କରୁଥିବା କାରଖାନା ବସଗୁଡିକର ସର୍ବାଧିକ ବେଗ ଘଣ୍ଟା ପ୍ରତି ୩୦ କିମି ରହିବାକୁ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ଏବେ ସେହି ସବୁ ନିୟମ ପାଣିର ଗାର ହୋଇଯାଇଥିବା ମନେ ହେଉଛି। ଶୁକ୍ରବାର ନହକା ଗୋଲେଇ ବିଜୁ ପଟ୍ଟନାୟକ ଛକରେ ଏକ କାରଖାନା ବସ୍ ଚାଳକଙ୍କ ଦ୍ରୁତ ଗାଡି ଚାଳନା ଯୋଗୁଁ ଜଣେ ପଥଚାରୀ ଗୁରୁତର ଆହତ ହୋଇ ଜୀବନ ମରଣ ସହିତ ସଂଘର୍ଷ କରୁଛନ୍ତି। ଏହା କେବଳ ଆଜିର ଘଟଣା ନୁହେଁ ବାରମ୍ବାର ପ୍ରଶାସନର ନିୟମ ଉଲ୍ଲଙ୍ଘନ କରିବା ଫଳରେ ସହରବାସୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସହରବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ମୃତ୍ୟୁର ଯନ୍ତା ପାଲଟିଛି ନଣ୍ଡା ପୋଲ

# ତଳକୁ ଖସିଲା କାର୍; ଅଳ୍ପକେ ବର୍ତ୍ତିଲେ ୬ ଜଣ



**ବରୀ,୪।୯ (ସମିସ):** ବରୀ ବ୍ଲକ ଅନ୍ତର୍ଗତ ରମ୍ଭା ଗାଁକୁ ଯାଉଥିବା ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ତଳକୁ ଖସିପଡିଥିବା ଜଣାପଡିଛି। ଫଳରେ କାରରେ ଥିବା ୬ ଜଣ ବ୍ୟକ୍ତି ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। କାର୍‌ଟି ପାଣିରେ ପଡିଯିବା ଦେଖି ସେଠାରେ ଉପସ୍ଥିତ ଲୋକ ମାନେ ତୁରନ୍ତ କାର୍‌ରେ ଥିବା ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରେ ବରୀ ପୁଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ବରୀ ଅଗ୍ନିଶମ ବାହିନୀ ପହଞ୍ଚି କାର୍‌ଟିକୁ ଉଠାଇବାକୁ ଚେଷ୍ଟା ଜାରି ରଖିଛି। ଖବର ଅନୁଯାୟୀ କୁଆଖିଆ ମଧୁବନ ଅଞ୍ଚଳର ବ୍ୟକ୍ତିମାନେ ପଘିରା ଗ୍ରାମକୁ ନିଜ ବନ୍ଧୁ ଘରକୁ ଯାଉଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ୪ ଦିନ ପୂର୍ବେ ଶିବା ଛକ ନିକଟରେ ଥିବା ଅନ୍ୟ ଏକ ନଣ୍ଡା ପୋଲରୁ ବାଇକ୍‌ରୁ ଖସି ପଡ଼ି ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା

## ରୁଦ୍ରପୁରରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

# ଉଭୟ ପକ୍ଷରୁ ଦୁଇ ମାମଲା; ୩ ଅଟକ

**ବିଞ୍ଝାରପୁର,୪।୯ (ସମିସ):** ବିଞ୍ଝାରପୁର ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତର ରୁଦ୍ରପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ରୁଦ୍ରପୁର ଗ୍ରାମରେ ଘଟିଥିବା ଏହି ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷରୁ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଉଭୟ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରି ୩ ଜଣଙ୍କୁ ଅଟକ ରଖିବା ସହ ଗଣ୍ଡଗୋଳରେ ବ୍ୟବହୃତ ଏକ କାର୍ ଜବତ କରିଛି। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ରୁଦ୍ରପୁର ଗ୍ରାମରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଘଟଣାକୁ ନେଇ ଉଭୟ ପକ୍ଷ ବିଞ୍ଝାରପୁର ଥାନାରେ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଞ୍ଝାରପୁର ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ଗଣ୍ଡଗୋଳରେ ବ୍ୟବହୃତ ଏକ କାର୍ ଜବତ କରାଯାଇଛି। ଆଉ କିଛି ବ୍ୟକ୍ତି ଫେରାର ଥିବା ଜଣାପଡିଛି ପୁଲିସ ତଦନ୍ତ ଜାରି ରଖିଛି।

## ବାପାକୁ ମାଡ଼ ମାରି ଜେଲ ଯାଇଥିଲା ପୁଅ

# ପୁଅ ଜାମିନରେ ଫେରିବା ପରେ ବାପାର ଜୀବନ ଗଲା


**ବିଞ୍ଝାରପୁର,୪।୯ (ସମିସ):** ବିଞ୍ଝାରପୁର ଥାନା ଅଧୀନ ଚନ୍ଦ୍ରମୁଁ ପଞ୍ଚାୟତର ବାଣପୁର ଗାଁରେ ପୁଅର ଆକ୍ରମଣରେ ଗୁରୁତର ଆହତ ହୋଇଥିବା ବୃଦ୍ଧ ବାପାଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଗତ ଅଗଷ୍ଟ ୧୭ ତାରିଖ ସନ୍ଧ୍ୟାରେ ବନ୍ୟାଜଳ ଘେରରେ ରହୁଥିବା ବାଣପୁର ଗାଁର କିଶୋର ମଲିକଙ୍କୁ ତାଙ୍କ ପୁଅ ତାପସ ମଲିକ ଏକ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ମା'କୁ ପାଣିରେ ବୁଡ଼ାଇ ମାରିବାକୁ ଚେଷ୍ଟା କରିଥିବା ଭଳି ଅଭିଯୋଗ ହୋଇଥିଲା। ଆକ୍ରମଣରେ କିଶୋର ଗୁରୁତର ଆହତ ହୋଇଥିଲେ। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି କିଶୋରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ତାପସଙ୍କୁ ଥାନା କେସ୍ ନଂ ୩୯୬/୨୬ ଗିରଫ କରି କୋର୍ଟଚାଲାଣ କରିଥିଲା। ଗୁରୁତର କିଶୋରଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସା କରାଯିବା ପରେ ପ୍ରାୟ ୧୦ରୁ ୧୨ ଦିନ ପୂର୍ବରୁ ସେ ଘରକୁ ଫେରିଥିଲେ। ଇତିମଧ୍ୟରେ ତାପସ ଗତକାଲି ଗୁରୁବାର ବେଲ୍ ପାଇ ଘରକୁ ଫେରିଥିଲେ। ତେବେ ଶୁକ୍ରବାର ପୂର୍ବାହ୍ନରେ ତାପସ ବିଞ୍ଝାରପୁର ବଜାରକୁ ଯାଇ ବାପାଙ୍କ ପାଇଁ କିଛି ସାମଗ୍ରୀ ନେଇ ଘରକୁ ଫେରିବା ବେଳେ କିଶୋରଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦିଆଯିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ପରିସ୍ଥିତି ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

# ବୌଦ୍ଧ କୀର୍ତ୍ତିରାଜି 'ହୀରକ ତ୍ରିଭୁଜ'ର ସଂରକ୍ଷଣ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ,୪।୯ (ସମିସ):** ବୌଦ୍ଧ କୀର୍ତ୍ତିରାଜି 'ହୀରକ ତ୍ରିଭୁଜ' ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରର ଉଦୟଗିରି-ଲଳିତଗିରି-ରତ୍ନଗିରି, ଲାଙ୍ଗୁଡିର ସଂରକ୍ଷଣ ଓ ସୁରକ୍ଷା ପ୍ରସଂଗ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ବୌଦ୍ଧଗବେଷକ ପ୍ରକାଶଚନ୍ଦ୍ର ନାୟକ ଏହି ମାମଲା ରୁଜୁ କରିଥିବା ବେଳେ ଏହାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୦ରେ ହେବ। ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଏହି ବୌଦ୍ଧସ୍ଥଳଗୁଡିକ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ କୀର୍ତ୍ତିସ୍ଥଳଭାବରେ ପ୍ରାରମ୍ଭିକ ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ପୂର୍ବରୁ ଓଡିଶାର ଏକ ମାତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିର ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନିତ ହୋଇଛି। ହୀରକ ତ୍ରିଭୁଜ ବୌଦ୍ଧ ସର୍କିଟ ଓ ସଂଲଗ୍ନ ପାରିପାର୍ଶ୍ୱିକ ଅଞ୍ଚଳର ଦାୟିତ୍ୱରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଛନ୍ତି। ଏହି ସବୁ ସଂରକ୍ଷିତ ସ୍ଥଳରେ ବେଆଇନ ଖନନ, ଜବରଦଖଲ ଓ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ପ୍ରତ୍ନତାତ୍ତ୍ୱିକ ସର୍ଭେକ୍ଷଣ ସଂସ୍ଥା ପ୍ରଥମେ କାର୍ଯ୍ୟ ବନ୍ଦ ଓ ପରେ ଫୌଜଦାରୀ ମାମଲା ପାଇଁ ବାଲିଚନ୍ଦ୍ରପୁର ଥାନାରେ ଦୁଇଥର ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ମାମଲାରେ ଯାଜପୁର ଜିଲ୍ଲାପାଳ, ଏସପି, ଦର୍ପଣ ତହସିଲଦାର, ବାଲିଚନ୍ଦ୍ରପୁର ଥାନା ଆଇଆଇସି, କଟକ ଜିଲ୍ଲାପାଳ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରଦୀପ୍ତ କିଶୋର ଭୂୟାଁ ମାମଲା ପରିଚାଳନା କରୁଛନ୍ତି।

# ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

**ବ୍ରହ୍ମବରଦା,୪।୯ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ୧୦୦ରୁ ଅଧିକ କୁନିକୁନି ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ ଓ ରାଧା ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟକୁ ଆସିଥିଲେ। ରଙ୍ଗବେରଙ୍ଗ ପୋଷାକ, ମୁକୁଟ, ମୟୂର ପୁଚ୍ଛ ଓ ବଂଶୀ ଧରି ଛୋଟ ଛୋଟ ପିଲାମାନଙ୍କୁ ଦେଖି ସମଗ୍ର ବିଦ୍ୟାଳୟ ପରିସର ବୃନ୍ଦାବନ ପରି ଶୋଭା ପାଉଥିଲା। କିଛି ସମୟ ପାଇଁ ବିଦ୍ୟାଳୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କୁନି କୁନି ରାଧା-କୃଷ୍ଣମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଭୂତି ଭୂଷଣ ପାଲ ଯୋଗଦେଇ ପିଲାମାନଙ୍କୁ ଶ୍ରୀକୃଷ୍ଣଙ୍କ ଜନ୍ମ କାହାଣୀ ଓ ତାଙ୍କ ଆଦର୍ଶ ବିଷୟରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଞ୍ଚାନନ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ହେମନ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷ ସନାତନ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଜକୁମାର ବାରିକଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମା'ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଇନୋଭେସନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା




**ସୁକିନ୍ଦା,୪।୯ (ସମିସ):** ସୁକିନ୍ଦା ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଡିଟୋରିଅମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭାରତୀବିହାର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦିନବନ୍ଧୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହିତ ନିଜ ଜୀବନରେ ସଫଳତା ଅର୍ଜନ କରିବା ପାଇଁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ରାଉଳ ପ୍ରଥମ, ମାଦିନା ପରୱିନ ଦ୍ୱିତୀୟ ଓ ଯାଜ୍ଞସେନୀ ମହାନ୍ତ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଏହି ତିନିଜଣଙ୍କ ପ୍ରକଳ୍ପକୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ନୋଡାଲ ଅଧିକାରୀ ଜାଭେଦ ଇକବାଲ୍, ବରିଷ୍ଠ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ରାଜେନ୍ଦ୍ର ନାରାୟଣ ରାଉଳଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ।

# ମେଗା ପାନୀୟ ଜଳ ପ୍ରକଳ୍ପର ଗାଡ଼ି ଜବତ

ପାଣିକୋଇଲି,୪।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର କ୍ଷିରୋ ଠାରେ ମେଗା ପାନୀୟ ଜଳ ପ୍ରକଳ୍ପ (କଳ୍ପତରୁ ଇନଫ୍ରା) ପକ୍ଷରୁ କାର୍ଯ୍ୟ ଚାଲୁ ରହିଛି। ଉକ୍ତ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ତିନି କର୍ମଚାରୀ ଆଜି ଏକ ଆଇଚର ଗାଡି (ଓଡି୦୪ବିଏସ ୭୪୧୮)ରେ ପାଣିକୋଇଲିର ରାଜପଥ କଡ଼ରେ ଥିବା ଏକ କବାଡିଆ ଦୋକାନରେ ଲକ୍ଷାଧିକ ଟଙ୍କାର ଜିନିଷ ଆଣି ବିକ୍ରି କରୁଥିବା ଖବର ପାଇ ପୁଲିସ ସେଠାରେ ଚଡ଼ଉ କରିଥିଲେ। ପୁଲିସ୍ ଉକ୍ତ ଆଇଚର ଗାଡିକୁ ମାଲ ସହିତ ଜବତ କରିବା ସହିତ ଗାଡିକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି।

# ଷଣ୍ଢ ସହ ଧକ୍କାହୋଇ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି,୪।୯ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଆରମ୍ଭରୁ ଥିବା ଡାଇଭର୍ସନ ନିକଟରେ ଏକ ଷଣ୍ଢ ସହିତ ଧକ୍କା ହୋଇ ବାଇକ ଆରୋହୀ ଗୁରୁତର ହୋଇଛି। ସୂଚନାନୁସାରେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ନୂଆପାଟଣା ଗ୍ରାମର ନଟବର ଖଣ୍ଡାଇ ଏକ ବାଇକ୍ ଯୋଗେ ସର୍ଭିସ ରୋଡ଼ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ଏକ ଷଣ୍ଢ ହଠାତ ବାଇକ ଆଗକୁ ଚାଲି ଆସିବାରୁ ସେ ଭାରସାମ୍ୟ ହରାଇ ପିଟି ହୋଇ ତଳେ ପଡ଼ି ଯାଇଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନଟବରଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ବେସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପୋଖରୀରେ ବୁଡ଼ି ଗୃହରକ୍ଷୀ ମୃତ

**ପାଣିକୋଇଲି,୪।୯ (ସମିସ):** ପାଣିକୋଇଲି ଠାରେ ଥିବା ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟ ପରିସରରେ ଏକ ବଡ଼ ଅଘଟଣ ଘଟିଯାଇଛି। ମୁଖ୍ୟାଳୟ ପରିସରରେ ଥିବା ଏକ ବୃହତ ଓ ଗଭୀର ପୋଖରୀରେ ବୁଡ଼ି ଯାଇ ନୂତନ ଭାବେ ଚାକିରିରେ ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ଜଣେ ଗୃହରକ୍ଷୀଙ୍କ ମୃତ୍ୟୁଘଟିଛି। ତେବେ ଉକ୍ତ ଖବର ପ୍ରଚାରିତ ହେବା ପରେ ମୁଖ୍ୟାଳୟର ମୁଖ୍ୟ ଗେଟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ କରାଯାଇଥିଲା। ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ମଧ୍ୟ ଭିତରକୁ ଛଡ଼ାଯାଇନଥିଲା। ଯାହାକି ପୁଲିସ ମୁଖିଆଙ୍କ ଭୂମିକାକୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ସୂଚନାନୁସାରେ ଜିଲ୍ଲା ପୁଲିସ ପକ୍ଷରୁ ଗତ ତିନି ମାସ ତଳେ ଗୃହରକ୍ଷୀ ପରୀକ୍ଷାରେ କଳିଙ୍ଗନଗର ଥାନା ତଥା ଦାନଗଦି ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ଗ୍ରାମର ଅବସରପ୍ରାପ୍ତ ପୁଲିସ ହାବିଲଦାର କୋଦଣ୍ଡଧର ଜେନାଙ୍କ ଦୁଇ ପୁତ୍ର ଉତ୍ତୀର୍ଣ୍ଣ ହୋଇ ନିଯୁକ୍ତି ପାଇ ମୁଖ୍ୟାଳୟ ପରିସରରେ ପ୍ରଶିକ୍ଷଣରେ ଥିଲେ। ତେବେ ଆଜି ପ୍ରଶିକ୍ଷଣ ସରିବା ପରେ ଶ୍ରୀ ଜେନାଙ୍କ ବଡ଼ ପୁଅ ରାକେଶ କୁମାର ଜେନା ନିଜର ତିନି ସାଥିଙ୍କ ସହିତ ପରିସରରେ ଥିବା ଏକ ବୃହତ ତଥା ଗଭୀର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ପୋଖରୀର ଗଭୀରତା ବାବଦରେ ଅନଭିଜ୍ଞ ଥିବାରୁ ସେ ପହଁରୁଥିବା ବେଳେ ବୁଡ଼ିଯାଇଥିଲେ। ପରେ ଅନ୍ୟ ସାଥିମାନେ ସେ ବୁଡ଼ି ଯାଉଥିବାର ଦେଖି ସମସ୍ତଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ସମେତ ଅନ୍ୟ ପଦାଧିକାରୀ ମାନେ ପହଞ୍ଚିବା ସହିତ ପୁଲିସ ବିଭାଗରେ କାର୍ଯ୍ୟରତ କିଛି ଦକ୍ଷ ବୁଡ଼ାଳୀ ପୋଖରୀ ଭିତରେ ପଶି ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ପରେ କୁଆଖିଆ ଓ ଯାଜପୁର ରୋଡ୍ ଦମକଳ ବାହିନୀ ପହଞ୍ଚି ଖୋଜଖୋଜି କରିଥିଲେ ମଧ୍ୟ ରାକେଶଙ୍କୁ ପାଇ ନଥିଲେ। ପରେ ଯାଜପୁର ଟାଉନ ଦମକଳ କେନ୍ଦ୍ରର କର୍ମଚାରୀ ମାନେ ପହଞ୍ଚି ପୋଖରୀରୁ ରାକେଶଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୨୪/୨୬ ରୁଜୁ କରି ରାକେଶଙ୍କ ମୃତଦେହକୁ ପଞ୍ଚନାମା କରି ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଉକ୍ତ ଘଟଣା ପୁଲିସ କର୍ମଚାରୀଙ୍କ ମନରେ ଶୋକର ଛାୟା ଖେଳି ଯାଇଛି। ପରେ ଉକ୍ତ ଗୃହରକ୍ଷୀଙ୍କୁ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀ ଓ କର୍ମଚାରୀମାନେ ଶେଷ ଦର୍ଶନ କରିଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ଅସୁଗମ ଦୁଇ କଲେଜ

# ମହାବିଦ୍ୟାଳୟକୁ ସୁଗମ କରିବାକୁ ଦାବି

**ଯାଜପୁର,୪।୯ (ସମିସ):** ଉଚ୍ଚଶିକ୍ଷା ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାନ ସୁଯୋଗ ଦେବା ନେଇ ସରକାରୀ ନୀତି ଥିଲେ ମଧ୍ୟ ଯାଜପୁର ଜିଲ୍ଲାର ଦୁଇ ପ୍ରମୁଖ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୁଗମତା ବ୍ୟବସ୍ଥାକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ।

ଯାଜପୁର ଟାଉନସ୍ଥିତ ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଯାଜପୁର ରୋଡ୍‌ସ୍ଥିତ ଭିଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଓ ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁଗମ ଭିତ୍ତିଭୂମି ନଥିବା ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗ ଅଧିକାର କର୍ମୀ ତଥା ସୁଗମ ଓଡ଼ିଶା ଅଭିଯାନର ରାଜ୍ୟ ମୁଖ୍ୟ ମଣ୍ଟୁ ଦାସ। ଶ୍ରୀ ଦାସଙ୍କ ଅଭିଯୋଗ ଅନୁଯାୟୀ, ଉଭୟ କଲେଜରେ ହୁଇଲ୍ ଚେୟାର ବ୍ୟବହାରକାରୀଙ୍କ ପାଇଁ ମାନସମ୍ମତ ରାମ୍ପ ଓ ହ୍ୟାଣ୍ଡରେଲ୍, ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଟ୍ୟାକ୍ଟାଇଲ୍ ପାଥ୍ ଆଦି ଆବଶ୍ୟକ ସୁବିଧା ନାହିଁ। ଏପରିକି ଲାଇବ୍ରେରୀ, କାର୍ଯ୍ୟାଳୟ ଓ ଆବଶ୍ୟକୀୟ ଶ୍ରେଣୀଗୃହକୁ ମଧ୍ୟ ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ସହଜରେ ପହଞ୍ଚିପାରୁନଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଅଭିଯୋଗ ପରେ ରାଜ୍ୟ ଭିନ୍ନକ୍ଷମ ବ୍ୟକ୍ତି କମିଶନରଙ୍କ ପକ୍ଷରୁ ଉଭୟ ମହାବିଦ୍ୟାଳୟକୁ ପତ୍ର ପରେ ପଦକ୍ଷେପ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ଜଣାପଡ଼ିଛି। ଏଥିସହ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିବା ଶ୍ରୀ ଦାସ କହିଛନ୍ତି। ଶ୍ରୀ ଦାସ ଅଭିଯୋଗ କରିଛନ୍ତି ଯେ, ଏଭଳି ଅସୁଗମ ପରିବେଶ ଯୋଗୁଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣରେ ବାଧାର ସମ୍ମୁଖୀନ ହେଉଛନ୍ତି ଏବଂ କଲେଜରେ ନାମଲେଖା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହା ଦିବ୍ୟାଙ୍ଗ ଅଧିକାର ଆଇନ, ଜାତୀୟ ଶିକ୍ଷା ନୀତି ଏବଂ ସମାବେଶୀ ଶିକ୍ଷା ନୀତିର ଉଲ୍ଲଙ୍ଘନ ବୋଲି ସେ କହିଛନ୍ତି। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ କେବଳ ନାମଲେଖାର ସୁଯୋଗ ନୁହେଁ, ବରଂ ପ୍ରବେଶଯୋଗ୍ୟ ଭିତ୍ତିଭୂମି, ସମାନ ଶିକ୍ଷା ପରିବେଶ ଓ ସମ୍ମାନର ସହ ଶିକ୍ଷା ଗ୍ରହଣର ଅଧିକାର ସୁନିଶ୍ଚିତ କରିବା ଆବଶ୍ୟକ। ଉଭୟ କଲେଜରେ ତୁରନ୍ତ ସୁଗମତା ଅଡିଟ୍ କରାଇ ଆବଶ୍ୟକ ଭିତ୍ତିଭୂମିର ବିକାଶ କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି।

# ଗରଡିହ ପଣ୍ଡାସାହିରେ ଜନ୍ମାଷ୍ଟମୀ

**କୟାଁଗୋଲା,୪।୯ (ସମିସ):** ଗରଡିହ ଗ୍ରାମର ପଣ୍ଡାସାହିସ୍ଥିତ ଶ୍ରୀନୃସିଂହ ନାରାୟଣ ଠାକୁର ମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ବିଭିନ୍ନ ପୂଜାର୍ଚ୍ଚନା, ନୀତିକାନ୍ତି ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାତ୍ରିରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ପାଳିତ ହୋଇଥିଲା। ପଣ୍ଡାସାହି ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମନ୍ଦିରରେ ଏକତ୍ରିତ ହୋଇ ଜନ୍ମାଷ୍ଟମୀ ଉତ୍ସବର ଆନନ୍ଦ ନେଇଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ନୃସିଂହ ନାରାୟଣ ଠାକୁର ମନ୍ଦିରରେ ଜନ୍ମାଷ୍ଟମୀ ପାଳନକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା।



# କୋରେଇଶୁଣୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

**ମଙ୍ଗଳପୁର,୪।୯ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତରଙ୍ଗ ପଞ୍ଚାୟତର ମା' କୋରେଇଶୁଣୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ଶିଶୁ କୃଷ୍ଣ ବେଶରେ ଆସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରାଣବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ରାୟ, ସମ୍ମାନିତ ଅତିଥି ଭାବେ ଅଶୋକ ଚନ୍ଦ୍ର ପଲାଇ, ରାଜାରାମ ନାୟକ, ବିଦ୍ୟାସାଗର ବେହେରା, ଯୋଗଦାନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବକୁ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।



# ଲିଙ୍ଗେଶ୍ୱର ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ



**ପାଣିକୋଇଲି,୪।୯ (ସମିସ):** ପବିତ୍ର ଜନ୍ମାଷ୍ଟମୀ ସ୍ଥାନୀୟ ଅଞ୍ଚଳର ବହୁ ବିଦ୍ୟାଳୟ ଓ ମନ୍ଦିରରେ ଆଡ଼ମ୍ବରରେ ପାଳନ କରାଯାଇଛି। ମୂଳାପାଳ ଲିଙ୍ଗେଶ୍ୱରଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ପାଳିତ ହୋଇଥିଲା। ପ୍ରାତଃ କାଳରୁ ପ୍ରଭୂ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା, ଯଜ୍ଞ ଏବଂ ଭାଗବତ ଗୀତା ପାଠ କରାଯାଇଥିଲା। ଶିଶୁ ମନ୍ଦିରର ପ୍ରାୟ ୧୦୮ ଜଣ ଶିଶୁ ଶ୍ରୀକୃଷ୍ଣ, ଶ୍ରୀରାଧା ଓ ସୁଦାମା ବେଶରେ ସଜ୍ଜିତ ହୋଇ ଚିତ୍ତାକର୍ଷକ ଅଭିନୟ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ବିଷ୍ଣୁ ଚରଣ ଧଳ, ବରିଷ୍ଠ ସଦସ୍ୟ ତଥା ଶିଶୁ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଶରତ ଚନ୍ଦ୍ର ଧଳ, ବରିଷ୍ଠ ଆଚାର୍ଯ୍ୟ ଚିତ୍ତରଞ୍ଜନ ନାୟକ, ଶିଶୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକି ସମ୍ପାଦକ ଦିଲ୍ଲିପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡ଼ା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇ ସମସ୍ତ କୁନି ଅଭିନେତାଙ୍କୁ ପୁରସ୍କୃତ କରିଥବଲେ। ପରେ ବିଦ୍ୟାଳୟର ବିଦ୍ୱତ ପରିଷଦ ଗଠନ କରାଯାଇ ସଭାପତି ଭାବେ କୈଳାସ ଚନ୍ଦ୍ର ନାୟକ, ସମ୍ପାଦକ ଭାବେ ଶିକ୍ଷାବିତ ସୁଧାଶଙ୍କର ବିଶ୍ୱାଳ, ଉପଦେଷ୍ଟା ଲମ୍ବୋଧର ସାହୁ ଏବଂ ବୀରସିଂ ତିୟୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ସେମାନେ ହିଁ ପ୍ରକୃତ ଶିକ୍ଷକ, ଯେଉଁମାନେ ଆମ ନିଜକୁ ଚିନ୍ତା କରିବାରେ ସାହାଯ୍ୟ କରନ୍ତି।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

## ଆଉ କେତେ ଇଞ୍ଜିନ ଲୋଡ଼ା?

ଓଡ଼ିଶାର ଚାଷୀଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଭଳି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଓ ସଂଗଠନ ଯେଉଁ ଧାନ ସଂଗ୍ରହ କରୁଛନ୍ତି, ତାହା ସର୍ବନିମ୍ନ ମୂଲ୍ୟ(ଏମ୍‌ଏସ୍‌ପି) ଆଧାରିତ ଏବଂ ସରକାରୀ ବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କଠାରୁ ଚାଉଳ ସଂଗ୍ରହ କରି ଏମ୍‌ଏସ୍‌ପି ବାବଦ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ଅଛି। ସଂଘୀୟ ବ୍ୟବସ୍ଥାରେ ଏହା ଏକ ବୁଝାମଣାଭିତ୍ତିକ ଓ ବିଶ୍ୱସନୀୟ ପ୍ରକ୍ରିୟା। ତେବେ ଦେଖାଯାଉଛି ଯେ ଓଡ଼ିଶାର ଚାଷୀଙ୍କଠାରୁ ଧାନ କିଣିବା ବେଳେ ନିରନ୍ତର କେନ୍ଦ୍ରୀୟ ଅବହେଳା ଦେଖାଯାଉଛି। କେବେ ଠିକ୍ ସମୟରେ ଏଫ୍‌ସିଆଇ ଚାଉଳ ସଂଗ୍ରହ କରୁନାହିଁ ତ କେବେ ଚାଉଳ କିଣା ବାବଦ ଅର୍ଥ ରାଶି ପୈଠ କରୁନାହିଁ।

ପୂର୍ବ ସରକାର ଅମଳରେ ଓଡ଼ିଶା ଅଧିକ କେନ୍ଦ୍ର ଅବହେଳା ଜନିତ ସମସ୍ୟା ଭୋଗି ଆସୁଥିଲା। ଓଡ଼ିଶାରେ ବିଜେପି ସରକାର ଗଠନ କରିବା ପରେ ଡବଲ୍ ଇଞ୍ଜିନ ସରକାରରେ ଧାନ କିଣା ଓ ପାଉଣା ହାସଲ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ରାଜ୍ୟ ବିଜେପି ସରକାର ମଧ୍ୟ ଏ ନେଇ ଅନେକ ତୁମ୍ବିତୋଫାନ କରିଥିଲେ। କିନ୍ତୁ ଏବେ ଓଡ଼ିଶାର ଯୋଗାଣ ମନ୍ତ୍ରୀ ହାତ ଟେକି ଦେଇ କେନ୍ଦ୍ରର ଅବହେଳା ଆଗରେ ଅସହାୟତା ପ୍ରକାଶ କରିଛନ୍ତି। ଏହାପରେ ପ୍ରଶ୍ନ ଉଠିଛି ଯେ ଯଦି ଡବଲ୍ ଇଞ୍ଜିନ୍ ମଧ୍ୟ ଅସହାୟ ତେବେ ଆଉ କେତେ ଇଞ୍ଜିନ ଲାଗିଲେ ଓଡ଼ିଶା ପ୍ରଗତି ପଥରେ ଚାଲିପାରିବ।

ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଅସହାୟସୂଚକ କ୍ଷୋଭ ଅନୁସାରେ ଭାରତୀୟ ଖାଦ୍ୟ ନିଗମ ଠିକ୍ ସମୟରେ ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏବେ ଗୋଦାମରେ ରବି ଋତୁ ଅମଳର ଚାଉଳ ପଡ଼ି ରହିଛି। ଖରିଫ୍ ଧାନ ସଂଗ୍ରହ ବେଳ ଆସିଗଲାଣି। ଯଦି ତା'ପୂର୍ବରୁ ଏଫ୍‌ସିଆଇ ଚାଉଳ ନ ଉଠାଏ ଧାନସଂଗ୍ରହରେ ଘୋର ସଙ୍କଟ ସୃଷ୍ଟି ହେବ। ଏ ସମ୍ପର୍କରେ ବାରମ୍ବାର ଜଣାଇବା ପରେ ମଧ୍ୟ କେନ୍ଦ୍ର ଶୁଣୁନାହିଁ ବୋଲି ମନ୍ତ୍ରୀ ମହୋଦୟ କହିଛନ୍ତି। ଅନ୍ୟ ରାଜ୍ୟ ପାଇଁ ଦରଦ ଥିବା ବେଳେ ଓଡ଼ିଶା କାହିଁକି କ୍ରମାଗତ ଅବହେଳାର ଶିକାର ହେଉଛି ତାହା ବୁଝାପଡୁନାହିଁ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ଏଥିରୁ ଡବଲ୍ ଇଞ୍ଜିନ୍‌ରେ ଓ ତାଳମେଳ ରହୁନଥିବା ପ୍ରମାଣିତ ହୋଇଛି। ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ଜରିଆରେ ଉଠାଇବା ପାଇଁ ଲକ୍ଷ୍ୟ ରଖିଥିଲେ ମଧ୍ୟ ମାତ୍ର ୭.୨୮ ଲକ୍ଷ ଟନ୍ ଚାଉଳ ଉଠାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ଦ୍ୱାରା ସମସ୍ୟାର କିଛି ପରିମାଣରେ ସମାଧାନ ହୋଇପାରୁଛି। କିନ୍ତୁ ପଶ୍ଚିମ ଓଡ଼ିଶାରେ ପ୍ରାୟ ୬୦ରୁ ୭୦ ପ୍ରତିଶତ ଚାଉଳ ସରକାରୀ ଓ ମିଲରମାନଙ୍କ ଗୋଦାମରେ ପଡ଼ି ରହୁଛି। ଗୋଦାମ ଖାଲି ନ ହେଲେ ଖରିଫ ଧାନ କିଣାଯିବ ନାହିଁ ବୋଲି କିଛିଦିନ ତଳେ ମିଲର ସଂଘ ରାଜ୍ୟ ସରକାରଙ୍କୁ ଚରମବାଣୀ ଶୁଣାଇ ଥିବାରୁ ରାଜ୍ୟ ସରକାର ଆହୁରି ଅଡୁଆରେ ପଡ଼ିଛନ୍ତି।

ଓଡ଼ିଶାର ଡବଲ୍ ଇଞ୍ଜିନ୍ ସରକାର ଏବେ ଦୋଛକିରେ ପଡ଼ିଛନ୍ତି। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧିତ ଆଇନ୍‌କୁ ପାରିତ କରାଇବା ପାଇଁ ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ସାଂସଦ ନିରବ ସମର୍ଥନ ଦେଇଦେଲେ। ଏଥିଯୋଗୁଁ ଓଡ଼ିଶାର ପ୍ରଭୂତ ରାଜସ୍ୱ କ୍ଷତି ହେବ ଜାଣି ମଧ୍ୟ 'ପାର୍ଟି ସ୍ୱାର୍ଥ' ଆଗରେ 'ମାଟିର ମମତା' ଗୌଣ ହୋଇଗଲା। ଏବେ ସମାନ ପରିସ୍ଥିତି ଚାଉଳ ସଂଗ୍ରହରେ ଦେଖାଦେଇଛି, ଯାହାକୁ ଖୋଦ୍ ରାଜ୍ୟ ବିଜେପି ମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି। ପାର୍ଟି(ଦିଲ୍ଲୀ) ବିରୋଧରେ ସ୍ୱର ଉତ୍ତୋଳନ କଲେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ଏପରିକି ମନ୍ତ୍ରୀପଦ ମଧ୍ୟ ଚାଲିଯାଇପାରେ। ଅପରପକ୍ଷପରେ ଗୋଦାମ ଅଭାବ ଦର୍ଶାଇ ଚାଷୀଙ୍କଠାରୁ ଧାନ ନ କିଣିଲେ ସେମାନଙ୍କ ଅସୂୟାର ଶିକାର ହେବେ।

ଯାହା ଜଣାପଡୁଛି କେନ୍ଦ୍ରୀୟ ଚାପ ଯୋଗୁଁ ଓଡ଼ିଶା ସରକାର ଓ ସାଂସଦମାନେ ନିରବ ରହି ଓଡ଼ିଶାକୁ ଜାଣିଶୁଣି ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେଉଛନ୍ତି। କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି କିମ୍ବା ଏହା ଉପରେ ସ୍ପଷ୍ଟୀକରଣ ରଖୁନାହାନ୍ତି। ପ୍ରକୃତରେ ସମସ୍ୟା କ'ଣ ତାହା କେନ୍ଦ୍ର ସରକାର ଜଣାଇବା ଦରକାର। କେନ୍ଦ୍ରୟ ଶସ୍ୟ ଭଣ୍ଡାର ପାଇଁ ଏମ୍‌ଏସ୍‌ପି ଭିତ୍ତିରେ ରାଜ୍ୟମାନଙ୍କ ମାଧ୍ୟମରେ ତଥା କେନ୍ଦ୍ରୀୟ ସଂସ୍ଥାମାନଙ୍କ ଦ୍ୱାରା ଧାନ ଓ ଅନ୍ୟାନ୍ୟ ସଂଗ୍ରହ କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ଓଡ଼ିଶାର ଧାନ ସଂଗ୍ରହ କ୍ଷେତ୍ରରେ ଏ ଯେଉଁ ଅନିୟମିତତା ଦେଖାଯାଉଛି ଏଥିରେ କାହାର ଦୋଷ ରହୁଛି, ଜାଣିବାକୁ କିଛି ଅସୁବିଧା ନାହିଁ। ରାଜ୍ୟ ସରକାରଙ୍କ ସହାୟତାରେ ଯଦି ଏହି କାର୍ଯ୍ୟକ୍ରମ କରାଯାଉଛି କେନ୍ଦ୍ର ସରକାର ଏଭଳି ଅହେତୁକ ବିଳମ୍ବ ପାଇଁ ନିଶ୍ଚୟ ଉତ୍ତରଦାୟୀ। ଏହାବ୍ୟତୀତ କୃଷକ ସ୍ୱାର୍ଥ ବିରୋଧୀ ପଦକ୍ଷେପ ଜାଣିଶୁଣି ଯଦି କେନ୍ଦ୍ର ସରକାର ନେଉଥା'ନ୍ତି, ତାହାହେଲେ ଏହା ଅବିବେକୀ ବୋଲି ଗଣା ହେବା ସହିତ କେନ୍ଦ୍ରରେ ଶାସକ ଦଳର କ୍ଷତିସାଧନ କରିପାରେ।

ଆଗକୁ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ। ତା'ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ବିବାଦର ସମାଧାନ ଯେତେଶୀଘ୍ର ହେବ, ସେତେ ମଙ୍ଗଳ। ତା'ନହେଲେ ବିବାଦୀୟ ପ୍ରସଙ୍ଗ କେବଳ କେନ୍ଦ୍ର-ରାଜ୍ୟ ଓ ସଂଘୀୟ ସମ୍ପର୍କକୁ କ୍ଷୁଣ୍ଣ କରିବ ନାହିଁ, ଏହା ମଧ୍ୟ ଶାନ୍ତିପୂର୍ଣ୍ଣ ନିର୍ବାଚନ ବାତାବରଣକୁ ତିକ୍ତ ଏବଂ ଅସୂୟାମୂଳକ କରିବ। କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ନୁହନ୍ତି। ଏହାସତ୍ତ୍ୱେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ଦୈନ୍ୟତା ଓ ନିରବତା ପ୍ରକାଶ କରିବା ଭଲ ଲକ୍ଷଣ ନୁହେଁ। ଏହାର ସମାଧାନ ଯେତେଶୀଘ୍ର ହେବ ସେତେ ଭଲ; ନ ହେଲେ ଧାନ ସଂଗ୍ରହରେ ରାଜନୀତି ଖେଳ ଆସନ୍ତା ନିର୍ବାଚନରେ ପଡ଼ିବା ବିଚିତ୍ର ହେବ ନାହିଁ।

## ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଶାର ସମ୍ପର୍କ

କମଳାକାନ୍ତ ପ୍ରହରାଜ

ମାଟିର ଗନ୍ଧ ଭାଷାରେ ବଞ୍ଚିଥାଏ। ସେ ଉତ୍କଳ ଦିବସ ହେଉ କିମ୍ବା ଭାଷା/ସାହିତ୍ୟ/ସଂସ୍କୃତି/ପରମ୍ପରା ଦିବସ ହେଉ। ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ପରମ୍ପରା, ଓଡ଼ିଆ ସଂସ୍କୃତିର ସୁରକ୍ଷା, ପ୍ରସାର ଓ ପ୍ରଚାର ଆଦି ନାରା ଓ ଭାଷଣବାଜିରେ କମ୍ପି ଉଠେ। ହେଲେ ଓଡ଼ିଶା ବାହାରେ ବିଚ୍ଛିନ୍ନାଞ୍ଚଳ କଥା କ'ଣ କେହି ଜଣେ ମନରେ ଚିନ୍ତା କରିଛନ୍ତି କି? ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ବିଦ୍ୟାଳୟଗୁଡ଼ିକରେ ମାତ୍ର କେଇ ଟଙ୍କା ଭତ୍ତା ନେଇ ଓଡ଼ିଆଭାଷାକୁ ବଞ୍ଚାଇବା ପାଇଁ ଅନବରତ ସଂଗ୍ରାମ କରୁଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ କଥା ଆମ ଓଡ଼ିଶା ସରକାର ବୋଧେ ଭୁଲି ଯାଇଛନ୍ତି। ନଚେତ୍ କ୍ଷମତା ଗ୍ରହଣ କରୁ କରୁ ଆମ ମୁଖ୍ୟମନ୍ତ୍ରୀ ବିଚ୍ଛିନ୍ନାଞ୍ଚଳ ଯାଇ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି ପାଇଁ କରିଥିବା ଘୋଷଣାକୁ ଆଜକୁ ଦୁଇ ବର୍ଷ ପୂରିଲାଣି। ମିଳିବା ତ ଦୂର କଥା ବିଗତ ସରକାର ଅମଳର ପୁରୁଣା ଭତ୍ତା ମଧ୍ୟ ନ ପାଇ ଅଧିକାଂଶ ଅବସର ଗ୍ରହଣ କରି ସାରିଲେଣି।

ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି, ଷଢ଼େଇକଳା-ଖରସୁଆଁର ଓଡ଼ିଆମାନେ 'ଉତ୍କଳ ଦିବସ'କୁ କେଉଁ ପ୍ରକାରର ଓ କ'ଣ ପାଇଁ ପାଳନ କରିବେ ତାହା ବୁଝି ପାରୁନାହାନ୍ତି। ସେମାନେ ଏ ନିଷ୍କର୍ଷରେ ମଧ୍ୟ ପହଞ୍ଚି ପାରୁନାହାନ୍ତି ଯେ 'ସେମାନେ କିଏ? ଓଡ଼ିଆ ନା ବିହାରୀ? ଓଡ଼ିଶାର ନା ଝାଡ଼ଖଣ୍ଡର?' ସେମାନଙ୍କର ଶରୀର ଏବେ ଝାଡ଼ଖଣ୍ଡରେ ରହିଛି; କିନ୍ତୁ ମନ ଓ ଆତ୍ମା ରହିଛି ଓଡ଼ିଶାରେ।

ସ୍ୱାଧୀନତା ପୂର୍ବବର୍ତ୍ତୀ ବଙ୍ଗ ଗଠନ ଓ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଅବା ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ ସମୟରେ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଇତ୍ୟାଦି ରାଜ୍ୟରେ ସାମିଲ ହୋଇଗଲା। ରାଜନୈତିକ ଛକା-ପଞ୍ଝା ମଧ୍ୟରେ ଏମାନଙ୍କର ଭାଗ୍ୟ ସବୁ ଅନିଶ୍ଚିତତାର ଅନ୍ଧକାର ମଧ୍ୟକୁ ଠେଲି ହୋଇଗଲା। ସେମାନଙ୍କର ଅସନ୍ତୋଷ ଓ ପ୍ରତିବାଦର ସ୍ୱରକୁ ଆଶ୍ୱାସନାର ପ୍ରତିଶ୍ରୁତି ମାଧ୍ୟମରେ ଚପାଇ ଦିଆଗଲା। ସେଠିକାର ବାସିନ୍ଦା ଆଶା ଓ ନିରାଶାର ମଧ୍ୟରେ ଗତି କରାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ରହିଲା ନାହିଁ। ପରବର୍ତ୍ତୀ ସମୟରେ ସେ ଅଞ୍ଚଳଗୁଡ଼ିକ 'ବିଚ୍ଛିନ୍ନାଞ୍ଚଳ ଓଡ଼ିଶା' ନାମରେ ଏକ ନୂତନ ପରିଚୟ ପ୍ରାପ୍ତ ହେଲା।

ସଂପୃକ୍ତ ରାଜ୍ୟ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବହୁ ଆଲୋଚନା, ପର୍ଯ୍ୟାଲୋଚନା ଓ ବୈଠକ ବସି ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଚାଲିଲା। ଓଡ଼ିଶାର ଭାଷାକୁ ବଞ୍ଚାଇ ରଖିବା ଏବଂ ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସଂରକ୍ଷଣ ପାଇଁ ପ୍ରତିବର୍ଷ ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଓଡ଼ିଆ ପୁସ୍ତକ ଯୋଗାଣ, ଓଡ଼ିଆ ଶିକ୍ଷକ ନିଯୁକ୍ତି ସହିତ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ଶିକ୍ଷାନୁଷ୍ଠାନଗୁଡ଼ିକରେ ତିନି ଶତକଡ଼ା ସ୍ଥାନ ସଂରକ୍ଷଣ ଇତ୍ୟାଦି ସବୁ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। କିନ୍ତୁ ସମୟକ୍ରମେ ଓଡ଼ିଶା ସରକାରଙ୍କ ଉଦାସୀନତା ଓ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କର ସଂଘଟିତ ନେତୃତ୍ୱର ଅଭାବ ହେତୁ ବର୍ତ୍ତମାନ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କର ଭାଗ୍ୟ-ଆକାଶରେ କଳାବାଦଲ ମାଡ଼ି ଚାଲିଛି। ସେମାନଙ୍କର ଅସ୍ତିତ୍ୱ ଓ ପରମ୍ପରା ଲୋପ ପାଇବାକୁ ବସିଲାଣି। ସେମାନେ ଅଲୋଡ଼ା ହୋଇ ଯାଇଛନ୍ତି ଉଭୟ ଓଡ଼ିଶା ଓ ନିଜ ନିଜ ରାଜ୍ୟ ପାଇଁ।

ଅଧ୍ୟୟନରୁ ଜଣାଯାଏ ଯେ ଝାଡ଼ଖଣ୍ଡର ୨୪ ଟି ଜିଲ୍ଲା ମଧ୍ୟରୁ ୧୦ଟି ଯଥା - ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି, ଷଢ଼େଇକଳା - ଖରସୁଆଁ, ରାଞ୍ଚି, ଧାନବାଦ, ବୋକାରୋ, ଲାହାରଡେଗା, ଗୁମଲା, ସିମଗେଡ଼ା ଓ ଲାଟେହାରା ଜିଲ୍ଲାରେ ଓଡ଼ିଆ ଭାଷାଭାଷୀ ସଂଖ୍ୟା ସର୍ବାଧିକ ଥିଲେ। ସମଗ୍ର ରାଜ୍ୟର ମୋଟ ଜନସଂଖ୍ୟାର ୩୦% କେବଳ ଓଡ଼ିଆ। ରାଜ୍ୟର ମୋଟ ଜନସଂଖ୍ୟା ତିନିକୋଟି ତିରିଶ ଲକ୍ଷ ହୋଇଥିବା ବେଳେ ଉପରୋକ୍ତ ୧୦ଟି ଜିଲ୍ଲାର ଜନସଂଖ୍ୟା ଏକକୋଟି ପଞ୍ଚାବନ ଲକ୍ଷ। ସେଥିମଧ୍ୟରୁ ପାଖାପାଖି ୯୦ଲକ୍ଷ କେବଳ ଓଡ଼ିଆ। ରାଜ୍ୟର ମୋଟ ସରକାରୀ, ବେସରକାରୀ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ୨୧୩୮୬। ସେଥିମଧ୍ୟରୁ ଉପରୋକ୍ତ ୧୦ ଟି ଜିଲ୍ଲାରେ ଓଡ଼ିଆ ବିଦ୍ୟାଳୟର ସଂଖ୍ୟା ଥିଲା ୪୦୦ରୁ ଊର୍ଦ୍ଧ୍ୱ। ବହୁ ବିଳମ୍ବରେ ହେଲେ ମଧ୍ୟ ଝାଡ଼ଖଣ୍ଡରେ ଓଡ଼ିଆକୁ ୨୦୧୧ ମସିହାରେ ସରକାରୀସ୍ତରରେ ଦ୍ୱିତୀୟ ଭାଷାର ମାନ୍ୟତା ମିଳିଲା। କିନ୍ତୁ ବାସ୍ତବରେ କୌଣସି ସୁଫଳ ଅଦ୍ୟାବଧି ମିଳି ପାରିନାହିଁ। ଓଡ଼ିଆମାନେ ଝାଡ଼ଖଣ୍ଡରେ ଆଜି ଦ୍ୱିତୀୟଶ୍ରେଣୀ ନାଗରିକ ଭାବେ ରହିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୩୦୦ରୁ ଅଧିକ ଓଡ଼ିଆ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନାହାନ୍ତି ଏବଂ ବାକି ବିଦ୍ୟାଳୟଗୁଡ଼ିକରେ ଜଣେ ଦୁଇଜଣଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତେ ହିନ୍ଦୀ ବା ବଙ୍ଗାଳୀ ଭାଷୀ ଶିକ୍ଷକ।

ଝାଡ଼ଖଣ୍ଡ ସରକାର ଉଦ୍ଦେଶ୍ୟମୂଳକ ଭାବରେ ନବମ ଓ ଦଶମ ଶ୍ରେଣୀର ଓଡ଼ିଆ ସାହିତ୍ୟ ପୁସ୍ତକ ୨୦ ବର୍ଷ ତଳର ପୁରୁଣା ପାଠ୍ୟକ୍ରମ ଅନୁସାରେ ପ୍ରଚଳିତ କରି ଚାଲିଛନ୍ତି। ତେଣୁ ଓଡ଼ିଶା ସରକାର ଆଉ ସେହି ପୁସ୍ତକ ସବୁ ଯୋଗାଇ ପାରୁନାହାନ୍ତି। ପୁରୁଣା ବହି ସବୁ ବଜାରରେ ମଧ୍ୟ ମିଳୁ ନ ଥିବାରୁ ଛାତ୍ରଛାତ୍ରୀମାନେ ଚିରାଫଟା ବହିକୁ ଜେରକ୍ସ କରି କାମ ଚଳାଉଛନ୍ତି। ଅଧିକନ୍ତୁ ପିଲାମାନଙ୍କୁ ଓଡ଼ିଆ ବିଷୟ ଛଡ଼ା ଅନ୍ୟ ସମସ୍ତ ବିଷୟକୁ ହିନ୍ଦୀରେ ପଢ଼ି ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏତଦ୍‌ବ୍ୟତୀତ ଜନସଂଖ୍ୟା ବୃଦ୍ଧି ଅନୁସାରେ ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ବୃଦ୍ଧି ପରିବର୍ତ୍ତେ କମି ଯାଉଥିବାରୁ ଏବଂ ଓଡ଼ିଆ ଶିକ୍ଷକ ଅଭାବ ହେତୁ ଅଭିଭାବକମାନେ ପିଲାମାନଙ୍କୁ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଓ ବଙ୍ଗଳା ଭାଷାରେ ଶିକ୍ଷା ଦେବାକୁ ଶ୍ରେୟ ମଣୁଛନ୍ତି।

ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ପରିବାର ମଧ୍ୟରେ ସମ୍ପର୍କର ସେତୁ ଭାବରେ କାର୍ଯ୍ୟ କରେ। ମନର ଆବେଗ ଓ ହୃଦୟର ବାର୍ତ୍ତାକୁ ଏମାନେ ବହନ କରିଥା'ନ୍ତି। ଏହି ନିୟମରେ ଓଡ଼ିଶା ତଥା ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ପରିବାରଗୁଡ଼ିକ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଛି। ବିଚ୍ଛିନ୍ନାଞ୍ଚଳର ଝିଅ ଆଜି ଓଡ଼ିଶାର ବୋହୂ ଏବଂ ଓଡ଼ିଶାର ଝିଅ ବିଚ୍ଛିନ୍ନାଞ୍ଚଳର ବୋହୂ ଭାବରେ ସୁନ୍ଦର ସଂସାର ଗଢ଼ି ତୋଳିଛନ୍ତି। ଭାଷା, ସଂସ୍କୃତି ଓ ପରମ୍ପରାଗତ ସମାଞ୍ଜସ୍ୟ ହେତୁ ସେମାନଙ୍କର କୌଣସି ଅସୁବିଧା ହେଉନାହିଁ। କିନ୍ତୁ ଦିନ ଆସିବ ବିଚ୍ଛିନ୍ନାଞ୍ଚଳର ସବୁ ଓଡ଼ିଆ ପରିବାର ନିଜ ନିଜ ଅସ୍ତିତ୍ୱକୁ ଧୀରେ ଧୀରେ ହରାଇ ବସିବେ। ଓଡ଼ିଆମାନେ ବିହାରୀ ବା ବଙ୍ଗାଳୀମାନଙ୍କ ଭିତରେ ନିଜକୁ ବିଲୀନ କରିବାକୁ ବାଧ୍ୟ ହେବେ। ପଶ୍ଚିମବଙ୍ଗରେ ରହିଆସୁଥିବା ବହୁ ଓଡ଼ିଆ ଯେପରି ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ସଙ୍କୋଚ ବୋଧ କରୁଛନ୍ତି, ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡର ଓଡ଼ିଆମାନଙ୍କର ଅବସ୍ଥା ମଧ୍ୟ ଦିନେ ନିଶ୍ଚିତ ସେହିପରି ହେବ। ଓଡ଼ିଆତ୍ୱ ସେମାନଙ୍କ ମନ ମଧ୍ୟରୁ ମରିଯିବ। ଭାଷାଗତ ପାର୍ଥକ୍ୟ ଯୋଗୁଁ ଆସ୍ତେ ଆସ୍ତେ ଓଡ଼ିଆଙ୍କ ଚାଲିଚଳଣ, ପରମ୍ପରା, ସଂସ୍କୃତି ସବୁ ଲୋପ ପାଇଯିବ। ଏହା ଆଉ ବେଶୀ ସମୟ ନୁହେଁ, ଯେ ଉଭୟ ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଶାବାସୀ ପରସ୍ପର ମଧ୍ୟରେ ସମ୍ପର୍କ ଯୋଡ଼ିବାକୁ ଆଉ ଚାହିଁବେନି କିମ୍ବା ନିରାପଦ ମଣିବେନି। ଶୁଣା ବି ଯିବନି ଆଉ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆର ସ୍ୱର। କହିବା ବାହୁଲ୍ୟ ବିଚ୍ଛିନ୍ନାଞ୍ଚଳ ସମସ୍ୟାରୁ ସଂପୂର୍ଣ୍ଣ ମୁକ୍ତି ପାଇଯିବେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ସରକାର।

ତେବେ ବିଚ୍ଛିନ୍ନାଞ୍ଚଳବାସୀ ଓ ଓଡ଼ିଶାବାସୀ ହିସାବରେ ଆମେ ସମସ୍ତେ ଚାହିଁବା ଆଗାମୀ ଦିନରେ ଏ ଅବସ୍ଥା ନ ଆସୁ। ଉଭୟ ସରକାର ଏମାନଙ୍କର ହୃଦୟର କୋହକୁ ହୃଦୟଙ୍ଗମ କରନ୍ତୁ। କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ରଖି ସମସ୍ତ ବୁଦ୍ଧିଜୀବୀ, ରାଜନୈତିକ ଦଳର ବ୍ୟକ୍ତିବିଶେଷ ଓ ସାଧାରଣ ଜନତା ସମସ୍ୟା ସମାଧାନ ପାଇଁ ସାହାଯ୍ୟର ହାତ ବଢ଼ାନ୍ତୁ। ଏବେବି ସମୟ ଅଛି। ଓଡ଼ିଶା ସରକାର ଜାଗ୍ରତ ହୁଅନ୍ତୁ। ବିଚ୍ଛିନ୍ନ ହୋଇ ରହିଯାଇଥିବା ନିଜ ସନ୍ତାନ ପ୍ରତି ଆଉ ସାବତ ମାତା ଭାବନା ନ ରଖି କୋଳେଇ ନିଅନ୍ତୁ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କୁ। ଆଗାମୀ ଦିନରେ ଏକ ସୁନ୍ଦର ସୁନେଲି ସୂର୍ଯ୍ୟୋଦୟ ହେଉ। ଏହାହିଁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ମୋ: ୭୦୦୮୩୮୫୯୮୫

## ସନ୍ତାନପ୍ରାପ୍ତି: ଲାଭ-ଦୁର୍ଗତି

ଅର୍ଜୁନ ଘଡ଼େଇ

ଆଜିର ସମୟରେ ସନ୍ତାନ ପ୍ରାପ୍ତି ଲାଳସା, କେବଳ ଭୌତିକ ସୁଖର କାରଣ ନହୋଇ ଅନେକ ଦୁର୍ଗତିର ମାର୍ଗରେ ପିତାମାତାଙ୍କୁ ନିୟନ୍ତ୍ରିତ କରୁଛି। ସାମାଜିକ ବ୍ୟବସ୍ଥାକୁ ସ୍ୱୀକୃତି ଦେବା, ଆଧ୍ୟାତ୍ମିକ ପରମ୍ପରାର ସୁରକ୍ଷା କରିବା ଆଳରେ ସନ୍ତାନପ୍ରାପ୍ତିର ମୋହ ଦୂର ହେଉନାହିଁ। ପୁତ୍ର ପ୍ରାପ୍ତି ଲକ୍ଷ୍ୟରେ ପତ୍ନୀ ଗ୍ରହଣ କରିବା କିମ୍ବା 'ପୁତ୍' ନାମକ ନର୍କରୁ ଉଦ୍ଧାର ହେବା ପାଇଁ ସନ୍ତାନ ପ୍ରାପ୍ତ କରିବା ମହାମନୀଷୀମାନଙ୍କ ମତକୁ ସମ୍ମାନ ଦେବାକୁ ଯାଇ ଯେଉଁ ଦୁର୍ଗତି ଓ ଦୁର୍ଦ୍ଦଶା ମିଳୁଛି, ତାହା ଆଜିର ପ୍ରତ୍ୟେକ ବୟସ୍କ ପିତାମାତା ଅନୁଭବୀ। ଅକୁହା ବେଦନା ଭାବେ ତାହା ପରିପ୍ରକାଶ ପାଉନଥିଲେ ମଧ୍ୟ ଅଧିକାଂଶ ମାତାପିତାଙ୍କ ଅନ୍ତର୍ନିହିତ ଭାବନାର ତାହା ଆଜି ଅପ୍ରକାଶ୍ୟ ଭାଷା।

କ୍ରିୟାର ପ୍ରତିକ୍ରିୟା ପରି ଦାନର ପ୍ରତିଦାନ ପାଇବା ପ୍ରତ୍ୟେକଙ୍କର ମାନସିକତା ଥାଏ। ତେଣୁ ସନ୍ତାନମାନଙ୍କଠାରୁ ବାର୍ଦ୍ଧକ୍ୟରେ କିଛି ଆଶା କରିବା ନିରର୍ଥକ ହୋଇ ନ ପାରେ। ପରିବର୍ତ୍ତିତ ସମୟର ବିଚାରଧାରାରେ ସନ୍ତାନମାନଙ୍କଠାରୁ କିଛି ଆଶା କରିବା ଅଯୁକ୍ତିକର ଦର୍ଶାଇ ଯେଉଁମାନେ ମାନସିକ ପ୍ରବୋଧନା ଦେଉଛନ୍ତି ସେମାନଙ୍କ ମତ ମଧ୍ୟ ଗ୍ରହଣୀୟ। କିନ୍ତୁ ସନ୍ତାନପ୍ରାପ୍ତିର ଲାଳସା ଜନିତ କାରଣରୁ ଯେଉଁ ପିତାମାତାମାନେ ମାନସିକ ଓ ଶାରିରୀକ ଯନ୍ତ୍ରଣା ଅନୁଭବ କରୁଛନ୍ତି, ସେମାନେ 'ପୁତ୍ରହୀନ' ବା 'ଅପୁତ୍ରିକ' ପରି ନିନ୍ଦା, ଅପବାଦ ବରଂ ସହିବାକୁ ଶ୍ରେୟ ମଣୁଛନ୍ତି। ସନ୍ତାନମାନଙ୍କର ଲାଳନ ପାଳନଠାରୁ ଆରମ୍ଭ କରି ଉଚିତ୍ ଶିକ୍ଷା ଦେଇ ନିଜ ଗୋଡ଼ରେ ଛିଡ଼ା କରେଇବା, ଯୌବନରେ ବୈବାହିକ କାର୍ଯ୍ୟ ଆଦି ସଂପାଦନା କରିବାରେ ସମସ୍ତ ବର୍ଗର ପିତମାତାମାନେ ଶକ୍ତି ଅନୁଯାୟୀ ଅଣନିଃଶ୍ୱାସୀ ହୋଇ ପ୍ରୟତ୍ନ କରିଥା'ନ୍ତି। ଯଦି ସନ୍ତାନଟି ଉପଯୁକ୍ତ ଶିକ୍ଷା ଲାଭ କରି ରୋଜଗାର କ୍ଷମ ହୋଇଯାଏ ତେବେ ଟିକେ ଆଶ୍ୱସ୍ତି ମିଳେ ପିତାମାତାଙ୍କୁ। ଯଦି ରୋଜଗାରକ୍ଷମ ହେବାରେ ଅସୁବିଧା ହୁଏ, ତେବେ ସବୁ ଦୋଷ ପିତାମାତାଙ୍କ ଉପରେ ଲଦି ଦିଅନ୍ତି ସନ୍ତାନମାନେ।

ଉପଯୁକ୍ତ ବୟସରେ ପୁଅ ପାଇଁ ବୋହୂଟିଏ ବା କନ୍ୟା ପାଇଁ ସୁଯୋଗ୍ୟ ବରପାତ୍ର ଟିଏ ଯୋଗାଡ଼ କରି ସେମାନଙ୍କର ଦାମ୍ପତ୍ୟ ଜୀବନ ଗଢ଼ିବା ପରେ ଯଦି ବୋହୂ ସହ ପୁଅ ଭଲରେ ସମୟ କଟାଏ ତେବେ ଟିକିଏ ସୁଖ ମିଳେ। କିନ୍ତୁ ଯଦି ସେମାନଙ୍କ ଜୀବନରେ ଦାମ୍ପତ୍ୟ ସୁଖ ନମିଳେ ସବୁଦୋଷ ପିତାମାତାଙ୍କ ଉପରେ ଲଦି ଦିଆଯାଏ ଯେ ସେମାନେ ଉପଯୁକ୍ତ କନ୍ୟାଟିଏ ଯୋଗାଡ଼ କରିବାରେ ଅସମର୍ଥ ହେଲେ। ଅନୁରୂପ ଭାବରେ 'ଝିଅ-ଜ୍ୱାଇଁ' ଭଲରେ ଚଳୁଥିଲେ ଯେତିକି ସୁଖ ଶାନ୍ତି ବାପମା' ପାଆନ୍ତି, ସେମାନଙ୍କ ଦାମ୍ପତ୍ୟ ଜୀବନର ବିଭ୍ରାଟର କୁପରିମାଣାମ ପିତାମାତାଙ୍କୁ ହିଁ ଭୋଗ କରିବାକୁ ପଡ଼େ। ଆଜିକାଲିର ପିଲାମାନେ ଶିକ୍ଷାସଂସ୍କାର ରହିତ ମାନସିକତା ଯୋଗୁଁ ପିତାମାତାଙ୍କ ଦୋଷତ୍ରୁଟି ଆକଳନ କରିବାରେ ବ୍ୟସ୍ତ।

ଆଜିର ପ୍ରାପ୍ତବୟସ୍କ ସନ୍ତାନମାନଙ୍କ ଭାବନାରେ ବୟସ୍କମାନେ କେବଳ 'ଗୃହ ଜଗୁଆଳୀ।' ଆଗନ୍ତୁକ ଦେଖିଲେ 'କିଏ ଆସିଲେଣି' ବୋଲି କହିବେ - ବାସ୍ ଏତିକି। ଅଧିକ କହିବା ବା କରିବା ପାଇଁ ସେମାନଙ୍କର ଆବଶ୍ୟକତା ନାହିଁ। 'ପେଚା' ପରି ସେମାନେ କେବଳ ଦେଖିପାରିବେ; କାହାର ଅନ୍ୟାୟ, ଅତ୍ୟାଚାରକୁ ତାଗିଦ କରିପାରିବେ ନାହିଁ। ଅସହାୟତାରେ କେବଳ କାହାକୁ ମୁହଁ ଖୋଲି ଚାହିଁବେ। ଦୁଃଖ କଷ୍ଟର ନିରାକରଣ ପାଇଁ ଦାବି କରିପାରିବେ ନାହିଁ। ରୋଗରେ ସଢୁଥିଲେ ବି ଉତ୍ତମ ଚିକିତ୍ସା ପାଇଁ ସନ୍ତାନମାନଙ୍କୁ ବାଧ୍ୟ କରିପାରିବେ ନାହିଁ। ବରଂ ଯେତିକି ଚିକିତ୍ସା ସୁବିଧା ମିଳିବ ତା'କୁ ଗ୍ରହଣ କରିନେବେ। ସର୍ବୋପରି ଆଜିର ସମୟରେ ସେମାନଙ୍କର ଅତୀତର ଅଭିଜ୍ଞତାର ମୂଲ୍ୟବୋଧ, ସନ୍ତାନ ପାଇଁ ଆଉ ଗ୍ରହଣୀୟ ନୁହେଁ, ବରଂ ସେମାନେ 'ବାର୍ଦ୍ଧକ୍ୟଜନିତ ଅଜ୍ଞାନରେ ଅଯୁକ୍ତିକର, ଅଗ୍ରହଣୀୟ ଉପଦେଶଗୁଡ଼ାଏ ଦେଉଛନ୍ତି' - ଏପରି ଭାବନା ସୃଷ୍ଟି ହେଉଛି ସନ୍ତାନଙ୍କ ମନରେ।

ଏତେ କଷ୍ଟ ପାଉଥିବା ପରେ ବି ତୃତୀୟ ପିଢ଼ି ଅର୍ଥାତ୍ ନାତି-ନାତୁଣୀ, ଅଜା-ଆଇ ଡାକ ଶୁଣିବାରେ ବୟସ୍କ ପିତାମାତାଙ୍କ ମନ ଏତେ ବ୍ୟାକୁଳ ଯେ ପରିଣତି ସ୍ୱରୂପ ନିଜ ସନ୍ତାନମାନଙ୍କ ନିର୍ଦ୍ଦେଶରେ ନାତି-ନାତୁଣୀଙ୍କ 'କେୟାର ଟେକର୍' ଭାବେ ନିଯୁକ୍ତ ହେବାର ସୁଯୋଗ ସେମାନଙ୍କ ପାଇଁ ସୃଷ୍ଟି ହେଉଛି। ନାତି-ନାତୁଣୀଙ୍କ ସ୍ନେହ-ଶ୍ରଦ୍ଧାରେ ସବୁ ଦୁଃଖ ଭୁଲିଯିବାର ସୌଭାଗ୍ୟ ସେମାନଙ୍କୁ ମିଳୁନାହିଁ। ତୃତୀୟ ପିଢ଼ିର ମୋହରେ ବଶୀଭୂତ ବୟସ୍କ ପିତା-ମାତାଙ୍କ ଯନ୍ତ୍ରଣା ନିଜ ସନ୍ତାନମାନେ ମଧ୍ୟ ଉପଲବ୍ଧି କରିବାରେ ଅସମର୍ଥ।

କେହି କାହାର ପିତା-ମାତା ନୁହନ୍ତି, କେହି କାହାର ସନ୍ତାନ-ସନ୍ତତି ନୁହନ୍ତି। ଏହା କେବଳ ମାୟାପୂର୍ଣ୍ଣ ସଂସାରରେ ମାୟାଧରଙ୍କ ସାଂସାରିକ ଲୀଳା। ଭାଗବତବାଣୀର ଏହି ଅନ୍ତର୍ନିହିତ ଭାବ ସୁସମୃଦ୍ଧ ହେଲେ ବି ପିତାମାତାମାନେ ନବୁଝି ପାରିବା କାରଣରୁ ଯେତେ ସାଂସାରିକ ମୋହଗ୍ରସ୍ତ ହେଉଛନ୍ତି, ସେତେ ପରିମାଣରେ ଜୀବନର ଅନ୍ତିମ ଗତିକୁ ସନ୍ତାନମାନେ ଦୁର୍ଗତିରେ ପରିଣତ କରୁଛନ୍ତି। ପ୍ରକୃତରେ ଆଜିର ବସ୍ତୁବାଦୀ ସଭ୍ୟତାରେ ମାତାପିତା ପାରିବାରିକ ସମ୍ପର୍କ ମୋହରେ ଅଧିକ ଜଡ଼ିତ ନ ହେଲେ ସେମାନଙ୍କ କଷ୍ଟ କିଛି ପରିମାଣରେ ଦୂରୀଭୂତ ହୋଇପାରନ୍ତା। କିଛି ଦେଇ କିଛି ନ ପାଇବାର ମାନସିକତା ସୃଷ୍ଟି କଲେ ସନ୍ତାନମାନଙ୍କ ଦ୍ୱାରା ସୃଷ୍ଟ ସମସ୍ୟାରୁ ଦୂରେଇ ରହିବା ସମ୍ଭବ ହୁଅନ୍ତା। କିନ୍ତୁ ସାମାଜିକ ବ୍ୟବସ୍ଥାରେ ବୟସ୍କ ପିତାମାତାଙ୍କୁ ସେବାଯତ୍ନରେ ରଖିବାର ମାନସିକତା ନ ରଖିଲେ ଆଗାମୀ ବଂଶଧରମାନେ ସେହି ମହାନ୍ କର୍ତ୍ତବ୍ୟ ସଂପାଦନ ନକରି 'ପିତୃ ଋଣ- ମାତୃ ଋଣ' ପରିଶୋଧ କରିବାର ଭାବନା ଆଦୌ କରିବେ ନାହିଁ। ଯା' ଦ୍ୱାରା ସଭ୍ୟତା, ସଂସ୍କୃତି, ପରମ୍ପରାର ମହତ୍ ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହା ବୁଝିପାରି ଗ୍ରହଣୀୟ ସାମାଜିକ କର୍ତ୍ତବ୍ୟ ଆପଣେଇ ନେଲେ ଏକ ସୁସ୍ଥ ପରିବାର ଓ ସମାଜ ଗଠନ ହେବ - ଏହା ସୁନିଶ୍ଚିତ। ସନ୍ତାନପ୍ରାପ୍ତି ଦୁର୍ଗତିର କାରଣ ନହୋଇ ସମାଜର ମଙ୍ଗଳ ପାଇଁ ଭଲ ବାର୍ତ୍ତା ଦେବ। ପିତାମାତାଙ୍କ ସେବାଯତ୍ନରୁ ପ୍ରାପ୍ତ ଆଶୀର୍ବାଦ ସନ୍ତାନମାନଙ୍କର ଭବିଷ୍ୟତ ସୁଖମୟ କରିବାରେ ସହାୟକ ନିଶ୍ଚୟ ହେବ - ଏକଥା ଆଜିର ଶିକ୍ଷିତ, ସଭ୍ୟ ଯୁବ ପିଢ଼ି ବୁଝିବାରେ ଯଥେଷ୍ଟ ଆବଶ୍ୟକତା ରହିଛି। ସେମାନେ ପିତାମାତାଙ୍କ ଦୁର୍ଗତିର କାରଣ ନହୋଇ ସୁଖ, ଶାନ୍ତି ପ୍ରଦାନ କରି ସୁଗତିର ମାର୍ଗ ନିର୍ଣ୍ଣୟ କରନ୍ତୁ। ଏହା ହିଁ ଆଜିର ସମୟରେ ମୂଲ୍ୟବୋଧ ଭିତ୍ତିକ ଗ୍ରହଣୀୟ ସାମାଜିକ ବାର୍ତ୍ତା।

(ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫


## କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

ପ୍ରବୀର କୁମାର ପଟ୍ଟନାୟକ

**ପ୍ରାରମ୍ଭିକ ବୌଦ୍ଧ ଧର୍ମର ଭାଷା:**

କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମର କାର୍ଯ୍ୟକଳାପ, ସ୍ଥିତି ତଥା ସଫଳତା ବିଷୟରେ ଆଲୋଚନା କଲା ବେଳେ ଏହି ଅଞ୍ଚଳର ପ୍ରାମାଣିକ ବୌଦ୍ଧ ସାହିତ୍ୟର ଭାଷା ସଂପର୍କିତ ଏକ ଜଟିଳ ପ୍ରଶ୍ନ ଉପରେ ଆଲୋଚନା କରାଯିବା ଆବଶ୍ୟକ। ଅନେକ ବିଦ୍ୱାନ୍ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ (ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ)ର ଭାଷା ଏବଂ କଳିଙ୍ଗ ଓ ସିଂହଳ (ଶ୍ରୀଲଙ୍କା) ମଧ୍ୟରେ ପ୍ରାଚୀନକାଳରୁ ରହିଆସିଥିବା ସାଂସ୍କୃତିକ ସଂପର୍କକୁ ଆଧାର କରି ମତ ପ୍ରକାଶ କରିଥା'ନ୍ତି ଯେ ପାଲି ଭାଷାର ଉତ୍ପତ୍ତି କଳିଙ୍ଗ ଆନ୍ଧ୍ର ଅଞ୍ଚଳରୁ ହୋଇଥିଲା।

ସିଂହଳ ସଂପର୍କିତ ପ୍ରାଚୀନ ଅଭିଲେଖଗୁଡ଼ିକ ସହିତ ପରିଚିତ ସମସ୍ତେ ଜାଣିପାରିବେ ଯେ, ସିଂହଳ ଓ କଳିଙ୍ଗ ରାଜ୍ୟ ମଧ୍ୟରେ ଥିବା ସଂପର୍କ ଅତ୍ୟନ୍ତ ନିବିଡ଼ ତଥା ଦୃଢ଼। ବୌଦ୍ଧ ସାହିତ୍ୟକୁ ସିଂହଳରେ ପହଞ୍ଚାଇବା ବା ପ୍ରତିଷ୍ଠା କରିବାର ମାଧ୍ୟମ ଭାବରେ କଳିଙ୍ଗ ଦେଶ ଅଥବା ଦକ୍ଷିଣ ଭାରତର ଏହାର ନିକଟବର୍ତ୍ତୀ କୌଣସି ରାଜ୍ୟର ସବୁଠାରୁ ଅଧିକ ଦାବି ଥିବା ପରି ଜଣାଯାଏ। ପ୍ରସିଦ୍ଧ ବିଦ୍ୱାନମାନଙ୍କର ଏହି ମତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ଓଡ଼ିଶାର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାଗୁଡ଼ିକର ପ୍ରାଚୀନ 'ବ୍ରାହ୍ମୀ' ଶିଳାଲେଖର ଭାଷାକୁ ନୂତନ ଭାବରେ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ପ୍ରେରଣା ଦେଇଛି। ଏହି ଶିଳାଲେଖଗୁଡ଼ିକର ଭାଷା ମୂଳତଃ ସିଂହଳର 'ପାଲି' ଭାଷା ସହିତ ସମାନ। ଡଃ ଭଣ୍ଡାରକର ମଧ୍ୟ ଏହି ମତକୁ ସମର୍ଥନ କରିଛନ୍ତି। ତାଙ୍କ ମତରେ 'ପାଲି' ପ୍ରାଚୀନ କଳିଙ୍ଗ ଓ ମହାରାଷ୍ଟ୍ରର ମଧ୍ୟ ଭାଷା ଥିଲା ଏବଂ ଏହି ଅଞ୍ଚଳଗୁଡ଼ିକରୁ ପାଲି ଭାଷା ସିଂହଳକୁ ପ୍ରବେଶ କରିଥିଲା। ଏଚ୍. କର୍ଣ୍ଣଙ୍କ ପରି ବିଦ୍ୱାନମାନଙ୍କର ମଧ୍ୟ ଏହି ମତ ଯେ ପାଲି ଭାଷାର ଉତ୍ପତ୍ତି ଆନ୍ଧ୍ର-କଳିଙ୍ଗ ଅଞ୍ଚଳରେ ହୋଇଥିଲା। ଡଃ ବାଗ୍‌ଚୀଙ୍କ ମତରେ ଖାରବେଳଙ୍କ ଶିଳାଲେଖରୁ ଯାହା ସ୍ପଷ୍ଟ, ତାହା ହେଲା ପାଲି ପୂର୍ବ-ଭାରତର ଭାଷା ଥିଲା। ଖାରବେଳଙ୍କ ଶିଳାଲେଖ କଳିଙ୍ଗର ନିଜସ୍ୱ ଆଞ୍ଚଳିକ ଭାଷା ନୁହେଁ; ବରଂ ଏହା ସେହି ସମୟର ପ୍ରମାଣିତ ପୂର୍ବୀୟ ଭାଷା ଥିଲା, ଯାହା ସେତେବେଳେ ସମଗ୍ର ପୂର୍ବ ଭାରତରେ ସାହିତ୍ୟିକ ଭାଷା ଭାବରେ ପ୍ରଚଳିତ ଥିଲା। 'ପାଲି' ଭାଷା ମଗଧର ଭାଷା ଥିଲା ବୋଲି ସିଂହଳ ପରମ୍ପରାରେ ଯେଉଁ ଧାରଣା ରହିଛି, ତାହାର କୌଣସି ଦୃଢ଼ ଆଧାର ଥିବା ପରି ମନେ ହୁଏ ନାହିଁ।



ଓଡ଼ିଶାର ବୌଦ୍ଧ ପରମ୍ପରା

ସବୁଠାରୁ ଯୁକ୍ତିସଙ୍ଗତ ମତ ହେଉଛି - 'ପାଲି' ପ୍ରାଚୀନ କଳିଙ୍ଗ ଅଞ୍ଚଳର ଭାଷା ଥିଲା। ସେତେବେଳେ ପ୍ରାଚୀନ କଳିଙ୍ଗ ମଧ୍ୟରେ ପୂର୍ବଉପକୂଳର ଏକ ବିଶାଳ ଅଞ୍ଚଳ ରହିଥିଲା। ଆମେ ମଧ୍ୟ ଏହା ନିଶ୍ଚିତ ଭାବେ ସ୍ୱୀକାର କରିବା ଯେ, ଖାରବେଳ ନିଜର କୃତି ଓ ସଫଳତାର ବିବରଣୀ ନିଜ ଦେଶରେ ନିଜ ଦେଶର ଭାଷାରେ ହିଁ ଲେଖାଇଥିଲେ, ମଗଧବାସୀଙ୍କ ଭାଷାରେ ନୁହେଁ। ପୁନଶ୍ଚ ମଗଧବାସୀଙ୍କୁ ସେ ନିଜର ପ୍ରମୁଖ ଶତ୍ରୁ ଭାବରେ ବିବେଚନା କରୁଥିଲେ।

**ପ୍ରାରମ୍ଭିକ ବୌଦ୍ଧ ଧର୍ମର ପ୍ରସାର :**

ପ୍ରାରମ୍ଭିକ ବୌଦ୍ଧ ଧର୍ମ 'ପାଲି' ଭାଷାର ମାଧ୍ୟମରେ ବର୍ମା(ମିଆଁମାର) ସିଂହଳ ଓ ସିଆମ (ଥାଇଲାଣ୍ଡ) ଆଦି ଅଞ୍ଚଳରେ ପ୍ରସାର ଲାଭ କରିଥିଲା। ସମୁଦ୍ର ପାରି ପଡ଼ୋଶୀ ଏହି ଅଞ୍ଚଳଗୁଡ଼ିକରେ ବୌଦ୍ଧ ଧର୍ମର ଧର୍ମପ୍ରଚାରମୂଳକ କାର୍ଯ୍ୟକଳାପରେ କଳିଙ୍ଗର ଏକ ବଡ଼ ଭୂମିକା ରହିଥିଲା। କଳିଙ୍ଗ ଓ ଦକ୍ଷିଣ ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ସକ୍ରିୟ ସାଂସ୍କୃତିକ ଆଦାନପ୍ରଦାନ ମଧ୍ୟ ରହିଥିଲା। ଏହାସହିତ ପୂର୍ବଭାରତର ପ୍ରାୟ ସମଗ୍ର ଉପକୂଳ ଅଞ୍ଚଳ ଅନେକ ଶତାବ୍ଦୀ ଧରି ବୌଦ୍ଧ ଧର୍ମର ଦୃଢ଼ କେନ୍ଦ୍ର ଭାବରେ ରହିଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଏମ୍ଏମ୍ଡିଆର୍ ବିଲ୍ ପଢ଼ି ବୁଝିପାରୁ ନାହାନ୍ତି ବିଜେପି ନେତା

## ଖଣି ଅଞ୍ଚଳର ହୋଇସୁଦ୍ଧା ଖଣି ଅର୍ଥନୀତି ଉପରେ ସାଂସଦଙ୍କର ଜ୍ଞାନ ଦୁର୍ବଳ: କଂଗ୍ରେସ

ଭୁବନେଶ୍ୱର, ୪।୯ (ସମିସ): ଏମ୍ଏମ୍ଡିଆର୍ ସଂଶୋଧନ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଡାହା ମିଛ କହିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଏମ୍ଏମ୍ଡିଆର୍ ବିଲ୍ ପଢ଼ିପାରି ନାହାନ୍ତି। ସେ ଓଡ଼ିଶାରୁ ଜଣେ ସାଂସଦ ଏବଂ ବିଶେଷକରି ଖଣି ଅଞ୍ଚଳରୁ ହୋଇଥିଲେ ମଧ୍ୟ ଓଡ଼ିଶା ଏବଂ ଏହାର ଖଣିଜ ଅର୍ଥନୀତି ବିଷୟରେ ତାଙ୍କର ଜ୍ଞାନ ଦୁର୍ବଳ ବୋଲି କଂଗ୍ରେସ କହିଛି।

ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଭବିଷ୍ୟତ ବିନିମୟରେ କେବଳ ଅନ୍ଧ ଭାବରେ ନିଜ ଦଳର ସ୍ୱାର୍ଥ ରକ୍ଷା କରୁଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ହୋଇଥିବା ଏମ୍ଏମ୍ଡିଆର୍ ଆକ୍ଟ ସଂଶୋଧନ ୨୦୨୬ ସମ୍ବିଧାନ ବିରୋଧୀ। କାରଣ ଏହା ରାଜ୍ୟଗୁଡ଼ିକର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ଏବଂ ଖଣି ସମୃଦ୍ଧ ରାଜ୍ୟଗୁଡ଼ିକର ସ୍ୱାର୍ଥ ବିରୋଧୀ। ବିଶେଷ କରି ଓଡ଼ିଶାର ଜନସାଧାରଣଙ୍କ ବିରୋଧରେ ଯାଉଛି, ଯାହାକି ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବରେ ଦେଶର ପ୍ରାୟ ୫୦ ପ୍ରତିଶତ ଖଣିଜ ଉତ୍ପାଦନରେ ସହଯୋଗ



କରିଥାଏ। ବିଜେପି ସରକାରଙ୍କର ଏହି ଜନବିରୋଧୀ ପଦକ୍ଷେପ ହେଉଛି ବିଜେପିର କର୍ପୋରେଟ୍ ବନ୍ଧୁମାନଙ୍କ ସ୍ୱାର୍ଥ ସାଧନ କରିବା। ଏହି ସଂଶୋଧନ ପଛରେ ଥିବା ଷଡ଼ଯନ୍ତ୍ର ହେଉଛି, ଜୁଲାଇ ୨୦୨୪ର ସୁପ୍ରିମକୋର୍ଟଙ୍କ ରାୟକୁ ବଦଳାଇବା, ଯେଉଁଥିରେ ୯:୧ ସଦସ୍ୟ ବିଶିଷ୍ଟ ବେଞ୍ଚ ରାଜ୍ୟଗୁଡ଼ିକୁ ଖଣିଜ ସମୃଦ୍ଧ ଜମି ଉପରେ ଟିକସ ଲଗାଇବାକୁ ଏବଂ ପିଛିଲା ଭାବେ ବାକି ଅର୍ଥ ସଂଗ୍ରହ କରିବାକୁ ଅନୁମତି ଦେଇଥିଲେ। ଏହି ସଂଶୋଧନ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଖଣିଜ ଅଧିକାର ଏବଂ ଖଣିଜ ସମୃଦ୍ଧ ଜମି ଉପରେ ଟିକସ ଲଗାଇବା ଅଧିକାରକୁ ବିପଦରେ ପକାଇଛି ଏବଂ ଟିକସ ଆକାରରେ ମିଳିବାକୁ ଥିବା କିଛି ଲକ୍ଷ କୋଟି ଟଙ୍କାରୁ ରାଜ୍ୟଗୁଡ଼ିକୁ ବଞ୍ଚିତ କରିଛି।

ଦଳ କହିଛି, ଝାଡ଼ଖଣ୍ଡ ସରକାରଙ୍କ ଭଳି ଜୁଲାଇ ୨୦୨୪ ର ରାୟ ପରେ ଡବଲ ଇଞ୍ଜିନ ସରକାର ତୁରନ୍ତ ଟିକସ ସଂଗ୍ରହ କରିବା ଉଚିତ ଥିଲା। କିନ୍ତୁ ଖଣି କମ୍ପାନୀଗୁଡ଼ିକୁ ସୁହାଇବା ପାଇଁ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରତ୍ୟାଖ୍ୟାନ କରାଯାଇଛି। ଯେତେବେଳେ ଖଣିଜ ସମୃଦ୍ଧ ପଛୁଆ ରାଜ୍ୟଗୁଡ଼ିକ ଖଣିଜ ଉତ୍ପାଦନ ଯୋଗୁଁ ପରିବେଶ, ଜୀବିକା, ବିସ୍ଥାପନ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଉପରେ ପଡ଼ିଥିବା ପୁରୁଣା ପ୍ରଭାବର ମୁକାବିଲା କରିବାକୁ ସଂଘର୍ଷ କରୁଛନ୍ତି, ବିଜେପି ସରକାରଙ୍କ ଏହି ପଦକ୍ଷେପ ଏହାକୁ ଆହୁରି ଖରାପ କରିବ। ଏପରି ସ୍ଥଳେ ସାଂସଦ ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ଏମ୍ଏମ୍ଡିଆର୍ ଆକ୍ଟର ଗୁଣଗାନ କରି ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ କରିବାକୁ କିଭଳି ଅଣ୍ଟା ଭିଡ଼ିଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ଶାସନ କ୍ଷମତାକୁ ଆସିଥିବା ବିଜେପି ଓ ଏହାର ନେତା ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଲିଗାଲ ନୋଟିସ ପଠାଇବା କାରଣରୁ ଆଇନଜୀବୀଙ୍କ ବିରୋଧରେ ହୋଇପାରିବନି ଅପରାଧିକ ମାମଲା

କଟକ, ୪।୯(ସମିସ): ଆଇନଗତ ନୋଟିସ୍ (ଲିଗାଲ ନୋଟିସ) ପଠାଇଥିବା କାରଣରୁ ଜଣେ ଆଇନଜୀବୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୌଣସି ଅପରାଧିକ ଷଡ଼ଯନ୍ତ୍ରରେ ଆଇନଜୀବୀଙ୍କ ସମ୍ପୃକ୍ତି ନ ଥିଲେ କେବଳ ନୋଟିସ ପଠାଇଥିବା ହେତୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଆଇନଜୀବୀ ବିଜୟାନନ୍ଦ ପଣ୍ଡାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ଶୁଣାଣି କରି ଅଦାଲତ କହିଛନ୍ତି ଯେ ଯଦି ପ୍ରତ୍ୟେକ ବିଫଳ ଆଇନଗତ ପରାମର୍ଶ କିମ୍ବା ମୋକଦ୍ଦମାକାରୀଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଆଇନଜୀବୀଙ୍କ ବିରୋଧରେ ଅପରାଧିକ ମାମଲାର ଆଧାର କରାଯାଇପାରିବ ନାହିଁ। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ନିଜ ବରିଷ୍ଠ ଆଇନଜୀବୀଙ୍କ ମହକିଲଙ୍କ ନିର୍ଦ୍ଦେଶକ୍ରମେ ଚେକ୍ ବାଉନ୍ସ ସମ୍ପର୍କିତ ଏକ ଆଇନଗତ ନୋଟିସ୍ ପ୍ରସ୍ତୁତ କରି ବିପକ୍ଷ ପକ୍ଷଙ୍କୁ ପଠାଇଥିଲେ। ନୋଟିସ୍ ପାଇବା ପରେ ଅଭିଯୋଗକାରୀ ଜଣକ ଆବେଦନକାରୀ ସମ୍ପୃକ୍ତ ଆଇନଜୀବୀଙ୍କ ସମେତ ତାଙ୍କ ମହକିଲ ଓ ଅନ୍ୟ ମାନଙ୍କ ବିରୋଧରେ ଠକେଇ ନେଇ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ନର୍ଲା ଥାନାରେ ଏତଲା ରୁଜୁ କରିଥିଲେ। ଅଭିଯୋଗ ହୋଇଥିଲା ଯେ ଋଣ ପରିଶୋଧ ପରେ ମଧ୍ୟ ଦସ୍ତଖତ ହୋଇଥିବା ବ୍ଲାଙ୍କ ଚେକ୍ ଫେରସ୍ତ ନକରି ଆଡଭୋକେଟ୍‌ଙ୍କ ଜରିଆରେ ନୋଟିସ୍ ପଠାଇ ବ୍ଲାକ୍‌ମେଲ୍ କରାଯାଉଥିଲା। ପୁଲିସ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲାଫ ପରେ ଆବେଦନକାରୀ ଶ୍ରୀ ପଣ୍ଡା ନିଜ ବିରୋଧରେ କଳାହାଣ୍ଡି ମ.ରାମପୁର ଜେଏମଏଫସିରେ ବିଚାରାଧୀନ ଥିବା ମାମଲାକୁ ରଦ୍ଦ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରସଙ୍ଗ

# ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଲୁଚକାଳି ଖେଳୁଛନ୍ତି ସରକାର: ବିଜେଡି

**୩ ମାସ ପରେ ମଧ୍ୟ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନରେ ରାଜ୍ୟ ସରକାର ବିଫଳ**

**ତ୍ରୁଟି ସଂଶୋଧନ ପରେ ପ୍ରକାଶିତ ପିଡିଏଫରେ ମଧ୍ୟ ଏକାଧିକ ତ୍ରୁଟି**

**ବିଫଳତାର ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ**

ଭୁବନେଶ୍ୱର,୪।୯(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଗତ ଜୁନ୍ ମାସରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ରାଜ୍ୟବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଘଟଣାକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ତ୍ରୁଟିଶୂନ୍ୟ ବହି ପାଇପାରିନାହାନ୍ତି, ଯାହାକୁ ନେଇ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ପ୍ରଥମ ସମେଟିଭ ପରୀକ୍ଷା ନିକଟତର ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ତ୍ରୁଟିଶୂନ୍ୟ ପୁସ୍ତକ ପାଇପାରି ନାହାନ୍ତି, ଯାହା ଅଭିଭାବକମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି, ରାଜ୍ୟର ସରକାରୀ ସ୍କୁଲରେ ପ୍ରଚଳିତ ହେଉଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ, ଓଡିଶା ସର୍ବଭାରତୀୟ ସ୍ତରରେ ନିନ୍ଦିତ ହୋଇଥିଲା। ତୁରନ୍ତ ଏହି ତ୍ରୁଟିଗୁଡିକୁ ସୁଧାରି ନୂତନ ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିବା ପାଇଁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁସ୍ତକରେ ଥିବା ବ୍ୟାପକ ତ୍ରୁଟିକୁ ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିବା ସହିତ ନୂତନ ତ୍ରୁଟିଶୂନ୍ୟ ପୁସ୍ତକ ବିତରଣ କରାଯିବ ବୋଲି କହିଥିଲେ। କିନ୍ତୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୂତନ ପୁସ୍ତକ ପ୍ରଦାନ କରାଯିବ ନାହିଁ ଓ ଶିକ୍ଷକମାନେ ବହିରେ ଥିବା ତ୍ରୁଟିକୁ ସୁଧାରି ପିଲା ମାନଙ୍କୁ ପଢ଼ାଇବେ ବୋଲି କହିଥିଲେ, ଯାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା।

ଶ୍ରୀ ରାୟ କହିଛନ୍ତି, ଗତ ଅଗଷ୍ଟ ମାସରେ ବହିରେ ଥିବା ତ୍ରୁଟିକୁ ସଂଶୋଧନ କରି, ରାଜ୍ୟ ସରକାର ଏକ ପିଡିଏଫ ପ୍ରକାଶ କରି ଜନସାଧାରଣ ଏହାକୁ ତର୍ଜମା କରିବା ପାଇଁ ଆହ୍ୱାନ କରିଥିଲେ। ଏହି ପିଡିଏଫ୍‌ରେ ମଧ୍ୟ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି, ଯାହା ରାଜ୍ୟ ସରକାରଙ୍କର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କ ପାଖରେ ତ୍ରୁଟିଶୂନ୍ୟ ବହି ହସ୍ତଗତ ହୋଇନଥିବା ବେଳେ ସେମାନଙ୍କ ପ୍ରଥମ ସମେଟିଭ ପରୀକ୍ଷାକୁ ଆଉ ମାସଟିଏ ବି ନାହିଁ। ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟରେ କିଛି ତାଳମେଳ ରହୁନାହିଁ। ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ସରକାର ଲୁଚକାଳି ଖେଳ ଖେଳୁଛନ୍ତି। ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନରେ ବିଫଳ ହୋଇଥିବାରୁ, ଏହି ବିଫଳତାର ନୈତିକ ଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କାହା ସାହସରେ...

କରିଛନ୍ତି। ଅନ୍ୟ ରାଜ୍ୟରୁ ଚାଉଳ ଓ ଗହମ ଉଠାଉଥିବାବେଳେ ଓଡ଼ିଶାକୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରିଛନ୍ତି। ମାତ୍ର ଏଫ୍‌ସିଆଇ କାହିଁକି ଓଡ଼ିଶା ପ୍ରତି ଅବିଚାର କରୁଛି ତାହାର ଉତ୍ତର କାହାର ନାହିଁ। ଲୋକସଭାରେ ଓଡ଼ିଶାରୁ ନିର୍ବାଚିତ ୨୦ ଓ ରାଜ୍ୟସଭାରେ ୫ ବିଜେପି ସାଂସଦ ଏହି ପ୍ରସଙ୍ଗରେ ନିରବ ରହିବା ଏବେ ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାଜ୍ୟରୁ ବଳକା ଚାଉଳ ଉଠାଇବା ଓ ବକେୟା ଅର୍ଥ ପ୍ରଦାନ ପ୍ରସଙ୍ଗରେ ଓଡ଼ିଶା ସରକାର ସରକାର ବାରମ୍ବାର କେନ୍ଦ୍ର ନିକଟରେ ଦାବି କରୁଛନ୍ତି। କେନ୍ଦ୍ର ଯୋଗାଣମନ୍ତ୍ରୀଙ୍କୁ ଭେଟୁଛନ୍ତି, ଚିଠି ଲେଖୁଛନ୍ତି, ପର୍ଯ୍ୟାୟ ପର୍ଯ୍ୟାୟ ଆଲୋଚନା କରାଯାଉଥିବାର ଫଟୋ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ମାତ୍ର କେନ୍ଦ୍ର ସରକାର ରାଜ୍ୟର ଦାବିପ୍ରତି କର୍ଣ୍ଣପାତ କରୁନାହାନ୍ତି, ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଉ ନାହିଁ। ଯଦି ଏଫ୍‌ସିଆଇ ବଳକା ଚାଉଳ ଉଠାଇବାକୁ ରାଜି ନହୁଏ, ତେବେ ରାଜ୍ୟ ସରକାର ନିଜସ୍ୱ ଭାବେ ଟେଣ୍ଡର ଡାକି ଚାଉଳ ବିକ୍ରି କରିବା ଦିଗରେ ପଦକ୍ଷେପ ନେବେ ବୋଲି ପୂର୍ବରୁ ମନ୍ତ୍ରୀ କହିଥିଲେ, ମାତ୍ର ସେ ଦିଗରେ ମଧ୍ୟ କୌଣସି ପଦକ୍ଷେପ ଏଯାଏ ଗ୍ରହଣ କରାଯାଇନାହିଁ।

କେବଳ ଚାଉଳ ଉଠାଇବା ପ୍ରସଙ୍ଗ ନୁହେଁ, ବକେୟା ପ୍ରଦାନ କ୍ଷେତ୍ରରେ ବି କେନ୍ଦ୍ର ସରକାର ଓଡ଼ିଶାକୁ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଗତ ବିଧାନସଭା ଅଧିବେଶନ ସମୟରେ ବିକେନ୍ଦ୍ରୀକୃତ ଧାନ ସଂଗ୍ରହ ବ୍ୟବସ୍ଥାରେ ଓଡ଼ିଶା ସରକାର ଏଯାଏ କେନ୍ଦ୍ର ସରକାରଙ୍କଠାରୁ ୮୦୦୦ କୋଟି ଟଙ୍କା ବକେୟା ପାଇ ନ ଥିବା ମଧ୍ୟ ସୂଚନା ଦେଇଥିଲେ। ଧାନ କ୍ରୟ ସମୟରେ ରାଜ୍ୟ ପ୍ରଥମେ ଚାଷୀଙ୍କୁ ଧାନର ମୂଲ୍ୟ ପ୍ରଦାନ କରିଥାଏ। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ତ୍ରୟମାସିକ ଅଗ୍ରିମ ଓ ପ୍ରୋଭିଜନାଲ ସବସିଡି ମାଧ୍ୟମରେ ରାଜ୍ୟକୁ ଅର୍ଥ ପରିଶୋଧ କରିବାର ବ୍ୟବସ୍ଥା ରହିଛି। ତେବେ କେନ୍ଦ୍ରରୁ ଏହି ଅର୍ଥ ନିୟମିତ ଭାବେ ମିଳୁନଥିବାରୁ ରାଜ୍ୟର ଆର୍ଥିକ ପରିଚାଳନା ଉପରେ ଚାପ ବଢୁଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଧାନ ବିକ୍ରିର ଅର୍ଥ ପ୍ରଦାନ ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ (ଓଏସ୍‌ସିଏସ୍‌ସି) କୁ ଖୋଲା ବଜାରରୁ ଋଣ ନେବାକୁ ପଡୁଛି ଓ ଏଥିପାଇଁ ମଧ୍ୟ ସରକାର ସୁଧ ବୋଝ ବୋହୁଛନ୍ତି। ଗୋଟିଏ ପଟେ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ରାଜ୍ୟକୁ ତୁରନ୍ତ ଅର୍ଥ ଯୋଗାଡ଼ କରିବାକୁ ପଡୁଛି, ଅନ୍ୟପଟେ ଏଫ୍‌ସିଆଇ ଚାଉଳ ଉଠାଇ ନେବାରେ ବିଳମ୍ବ କଲେ ଗୋଦାମରେ ଚାଉଳ ଜମା ହୋଇ ରହୁଛି। ଫଳରେ ଆଗାମୀ ଧାନ ସଂଗ୍ରହ ପାଇଁ ଗୋଦାମ ଖାଲି ହୋଇ ପାରୁନାହିଁ।

### ମହାକାଶରେ 'ଇଓଏସ୍-୦୫'...

'ଇଓଏସ୍-୦୫'ର ସବୁଠାରୁ ବଡ଼ ବିଶେଷତା ହେଉଛି—ଏହା ଭୂସମକାଳୀନ କକ୍ଷରୁ ପୃଥିବୀର ଚିତ୍ର ଉତ୍ତୋଳନ ପାଇଁ ଭାରତର ପ୍ରଥମ ଉପଗ୍ରହ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଭୂସମକାଳୀନ କକ୍ଷରେ ଥିବା ଉପଗ୍ରହ ପୃଥିବୀର ଘୂର୍ଣ୍ଣନ ସମୟ ସହ ପ୍ରାୟ ସମାନ ସମୟରେ ପରିକ୍ରମା କରେ। ଫଳରେ ଏହା ପୃଥିବୀର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବାରମ୍ବାର ନିରୀକ୍ଷଣ କରିପାରେ। ବିଶାଳ ଅଞ୍ଚଳର ନିୟମିତ ଓ ଦ୍ରୁତ ନିରୀକ୍ଷଣ ପାଇଁ ଏହା ବେଶ୍ ଉପଯୋଗୀ ହେବ। ଜିଏସ୍ଏଲ୍‌ଭି-ଏଫ୍୧୭ ହେଉଛି ଇସ୍ରୋର ଭୂସମକାଳୀନ ଉପଗ୍ରହ ଉତ୍କ୍ଷେପଣ ଯାନ ପରିବାରର ଏକ ରକେଟ୍। ଭାରୀ ଉପଗ୍ରହକୁ ଉଚ୍ଚ ଶକ୍ତିର କକ୍ଷରେ ସ୍ଥାପିତ କରିବା ପାଇଁ ଏହି ଶ୍ରେଣୀର ରକେଟ୍ ବ୍ୟବହାର କରାଯାଏ। ଏହି ମିଶନରେ ପ୍ରାୟ ୪ ମିଟର ବ୍ୟାସର ଓଗିଭ୍ ଆକୃତିର ସଂଯୁକ୍ତ ପେଲୋଡ୍ ଫେୟାରିଂ ବ୍ୟବହାର କରାଯାଇଛି। ଉତ୍କ୍ଷେପଣର ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୁମଣ୍ଡଳୀୟ ପ୍ରଭାବରୁ ଉପଗ୍ରହକୁ ସୁରକ୍ଷା ଦେବାରେ ଏହା ସାହାଯ୍ୟ କରେ। ଏହି ମିଶନ ଜିଏସ୍ଏଲ୍‌ଭିର ୧୯ତମ ଉତ୍କ୍ଷେପଣ ଭାବେ ମଧ୍ୟ ଗୁରୁତ୍ୱ ବହନ କରୁଛି। ଏହା ଦ୍ୱାରା କୃଷିଠାରୁ ବିପର୍ଯ୍ୟୟ ପରିଚାଳନା—ବହୁ କ୍ଷେତ୍ରରେ ଲାଭ ମିଳିବ। ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ପୃଥିବୀର ଭୂପୃଷ୍ଠ ଓ ବାୟୁମଣ୍ଡଳ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରେ। 'ଇଓଏସ୍-୦୫'ରୁ ମିଳୁଥିବା ତଥ୍ୟ ଭାରତର ବିଭିନ୍ନ ଉନ୍ନୟନ ଓ ପରିଚାଳନା କାର୍ଯ୍ୟରେ ଉପଯୋଗ ହୋଇପାରେ। ବନ୍ୟା, ଘୂର୍ଣ୍ଣିବାତ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହର ତଥ୍ୟ ବହୁତ ମୂଲ୍ୟବାନ ହୋଇଥାଏ। ପ୍ରଭାବିତ ଅଞ୍ଚଳର ଚିତ୍ର ଓ ତଥ୍ୟ ମାଧ୍ୟମରେ କ୍ଷୟକ୍ଷତିର ଆକଳନ କରିବା ସହିତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ଯୋଜନା କରାଯାଇପାରେ। ସେହିପରି କୃଷି କ୍ଷେତ୍ରରେ ଫସଲର ସ୍ଥିତି, ଜଳ ଉପଲବ୍ଧତା ଓ ଜମିର ପରିବର୍ତ୍ତନ ସମ୍ପର୍କରେ ତଥ୍ୟ ମିଳିପାରିବ। ଜଙ୍ଗଲ ଓ ପରିବେଶରେ ଘଟୁଥିବା ପରିବର୍ତ୍ତନକୁ ମଧ୍ୟ ନିୟମିତ ଭାବେ ନଜରରେ ରଖାଯାଇପାରିବ। 'ଇଓଏସ୍-୦୫' ମିଶନ ଭାରତର ଦୂରସମ୍ବେଦନ ଓ ପୃଥିବୀ ପର୍ଯ୍ୟବେକ୍ଷଣ କ୍ଷମତାକୁ ଆହୁରି ମଜବୁତ କରିବ। ଭୂସମକାଳୀନ କକ୍ଷକୁ ପୃଥିବୀର ଚିତ୍ର ଉତ୍ତୋଳନ କାର୍ଯ୍ୟରେ ବ୍ୟବହାର କରିବା ଦିଗରେ ଏହି ମିଶନ ଏକ ନୂଆ ପ୍ରଯୁକ୍ତିଗତ ପଦକ୍ଷେପ ବୋଲି ମନେ କରାଯାଉଛି। ଉପଭୂସମକାଳୀନ ସ୍ଥାନାନ୍ତରଣ କକ୍ଷରେ ସ୍ଥାପନ ପରେ ଉପଗ୍ରହକୁ ଆବଶ୍ୟକ କକ୍ଷପଥ ପରିବର୍ତ୍ତନ ମାଧ୍ୟମରେ ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷମ କକ୍ଷକୁ ନିଆଯାଇପାରିବ। ଜିଏସ୍ଏଲ୍‌ଭି-ଏଫ୍୧୭ ମାଧ୍ୟମରେ 'ଇଓଏସ୍-୦୫'ର ସଫଳ ଉତ୍କ୍ଷେପଣ ଭାରତର ମହାକାଶ ଓ ପୃଥିବୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। କୃଷି, ପରିବେଶ, ଜଳସମ୍ପଦ, ବିପର୍ଯ୍ୟୟ ପରିଚାଳନା ଓ ଯୋଜନା ପ୍ରସ୍ତୁତି ଭଳି କ୍ଷେତ୍ରରେ ଏହାର ତଥ୍ୟ ଭାରତର କ୍ଷମତାକୁ ଆହୁରି ବଢ଼ାଇପାରେ।

### ବର୍ଷାରେ ବୁଡ଼ିଲା...

ଏହାପରେ ବର୍ଷା ଜଳ ଟର୍ମିନାଲ୍-୨ ଓ ୩ ଭିତରକୁ ପ୍ରବେଶ କରିଥିଲା। ପରେ ସେହି ପାଣି ଗୁଡ଼ିକୁ ବାହାର କରାଯାଇଥିଲେ ଦେଶର ସବୁଠୁ ପ୍ରମୁଖ ବିମାନବନ୍ଦରର ଏପରି ଦୁର୍ଦ୍ଦଶା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବିମାନବନ୍ଦର ପରିଚାଳନା କରୁଥିବା ସଂସ୍ଥା ଡିଆଇଏଲ୍ ଏକ୍ସରେ ଶୁକ୍ରବାର ବର୍ଷା ଯୋଗୁଁ ପ୍ରବେଶ ପଥ ଏବଂ ସମ୍ମୁଖ ଭାଗରେ ପାଣି ଜମି ଯାଇଥିବା ସୂଚନା ଦେଇଛି। ବିମାନବନ୍ଦରର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଅପରାହ୍ଣ ପାଗ ଖରାପ ହେବା କାରଣରୁ ଅନ୍ତତଃ ୯ଟି ବିମାନକୁ ଅନ୍ୟତ୍ର ଅବତରଣ କରାଯାଇଛି। ଏଥିମଧ୍ୟରୁ ୪ଟି ବିମାନକୁ ଜୟପୁର ଓ ଲକ୍ଷ୍ନୌ ଏବଂ ଗୋଟିଏ ବିମାନକୁ ଅହମ୍ମଦାବାଦ ଅଭିମୁଖେ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆଇଜିଆଇ ବିମାନବନ୍ଦରରେ ଦୈନିକ ୧,୩୦୦ ରୁ ଅଧିକ ବିମାନ ଚଳାଚଳ କରିଥାଏ। ଦେଶର ସବୁଠାରୁ ବ୍ୟସ୍ତବହୁଳ ବିମାନବନ୍ଦର ଏଭଳି ପରିସ୍ଥିତି ମାମଲାର ଗୁରୁତ୍ୱକୁ ବର୍ଣ୍ଣନା କରୁଛି। ସେପଟେ ଶୁକ୍ରବାର ଦିନ ସାରା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ହୋଇଛି।

### କୃଷକଙ୍କ ସମୃଦ୍ଧି...

ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି। ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଚାଷୀଙ୍କ ଆୟ ଦୁଇଗୁଣ କରିବ। ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ।

ସେ ପୁଣି କହିଛନ୍ତି ଯେ ୨୦୨୫-୨୬ ଖରିଫ ଋତୁରେ ୧୮.୮୪ ଲକ୍ଷ ଚାଷୀଙ୍କଠାରୁ ୭୭.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୭୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ "କୃଷି ବିଦ୍ୟାନିଧି ଯୋଜନା'ରେ ୨୦୨୫-୨୬ ଶିକ୍ଷା ବର୍ଷରେ ରେକର୍ଡ ସଂଖ୍ୟକ ୬୮,୯୧୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି। ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଭଳି ଗମ୍ଭୀର ସମସ୍ୟା କୃଷି ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଜୈବିକ ଚାଷ, ମାଣ୍ଡିଆ ଚାଷ ଏବଂ ପୁନରୁଦ୍ଧାରକାରୀ କୃଷିକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍‌ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକମାନଙ୍କ ଧନ୍ୟବାଦ ଜଣାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବନ୍ୟା ପ୍ରପୀଡିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯିବା କଥା କହିଛନ୍ତି। କୌଣସି ବି ଯୋଗ୍ୟ ହିତାଧିକାରୀ ଏହି ପ୍ରକ୍ରିୟାରେ ସହାୟତା ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି। ଏଥିସହ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଯିଏ କି ଚାଷୀମାନଙ୍କୁ ସବୁଠାରୁ ଅଧିକ ସବସିଡି ପ୍ରଦାନ କରୁଛି। ଚାଷୀମାନଙ୍କ ଆର୍ଥିକ ଅବସ୍ଥାର ପୁନରୁଦ୍ଧାର ଏବଂ ସେମାନଙ୍କୁ କୃଷି କାର୍ଯ୍ୟ ପାଇଁ ସମସ୍ତ ଅନୁକୂଳ ପରିବେଶ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।


Government of Odisha
Office of the Superintending Engineer
Rural Works Division-II, Nabarangpur, Umarkot.
e-mail: eerwukt@gmail.com & eerwukt@ymail.com
25001/1074/2627

Letter No. 3283 Date: 29-08-2026

GePNIC e-Procurement Notice

| | | | |
|---|---|---|---|
| 1 | Name of the work | :- | Road Works |
| 2 | Total No of works | :- | 09 (Nine) Nos. |
| 3 | Approx. Estimated Cost | :- | Varies from 52.88 Lakhs to 81.69 Lakhs. |
| 4 | Class of Contractor | :- | "B" Class of Contractor |
| 5 | Period of Completion | :- | As per TCN |

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Timing of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Nabarangpur, Umarkot. | Online Tender/05/ RWD-UKT /2026-27 | 07.09.2026 at 11.00 AM | 17.09.2026 up to 5.00 PM | 17.09.2026 at 01.00 PM | 18.09.2026 at 11:00 AM | To be intimated separately |

Further details can be seen from the Government website www.tendersodisha.gov.in

Sd/-
Superintending Engineer
Rural Works Division-II
Nabarangpur, Umarkot

OIPR-25001/25103/1/26-27/0006

WATCO 13001/1741/2627
OFFICE OF THE GENERAL MANAGER,
WATCO DIVISION-I, BHUBANESWAR,
Vanivihar Square, Bhubaneswar-751022,
Odisha, India
Telefax: - +91-674-2542821 E-mail – gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/44/ 2026-27 Dt.29.08.2026

| | | | |
|---|---|---|---|
| 01 | Name of the work | : | 04 Nos. of Work |
| 02 | Estimate cost | : | Rs. 34.50 Lakh to 80.11 Lakhs |
| 03 | Period of completion | : | 24 Months |
| 04 | Class of contractor | : | "C & B" Class |
| 05 | Date & Time of availability of bid document In the portal | : | From 11.00 AM of Dt.09.09.2026 to 5.00 PM of 23.09.2026 |
| 06 | Last date / time of receipt of bids in the portal | : | 5.00 PM of 23.09.2026 |
| 07 | Date & Time of opening of bids | : | At 12.30 PM of 24.09.2026 |
| 08 | Name and Address of the Officer Inviting Bid | : | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"

GENERAL MANAGER,
WATCO DIVISION-I, BHUBANESWAR

OIPR-13001/13083/1/26-27/0002

OFFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: pwdoff_khd@yahoo.com
Tender Call Notice
Bid Identification No. S.E.-KHD-(R&B)-13/2026-27
34001/730/2627

Letter No. 4469 dtd. 29/08/2026

The Superintending Engineer, Khordha (R&B) Division, Khordha on behalf of Governor of Odisha invites Percentage Rate bids in Single Cover System from valid Empanelled Fire licensed agency of class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO or MV/HT above having valid license from ELBO conforming with DTCN registered with the State Governments and contractors of equivalent Grade / Class registeted with Central Government / MES / Railways for execution of the E.I Work. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : Electrical Works
2. No of Work : 4 Nos.
3. Tender Cost : Sl.No. 01 & 03 Rs. 6000.00 (Online); Sl.No. 02 Rs. 2000.00 (Online); Sl.No. 04 Rs. 4000.00 (Online)
4. Class of Contractor : Sl.No. 01 to 02 - Empanelled Fire licensed agency of class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. Sl.No 03 & 04- MV/HT/ above having valid license from ELBO
5. Available of Bid documents in the web site. : From Dt. 05.09.2026 at 10.30 A.M to Dt. 17.09.2026 at 5.00 PM
6. Date of opening of Bids : Dt. 18.09.2026 at 11.00 AM
7. Bidders have to participate in ONLINE bidding only. Further details can be seen from the Website: https://tendersodisha.gov.in . Any information regarding Addendum / Corrigendum / cancellation of tender can be available in the said website.

Superintending Engineer
Khordha (R&B) Division, Khordha

OIPR-34001/34095/1/26-27/0013

CERTIFICATE LOST

I, **Lipsa Panda,** D/o Dusmanta Kumar Panda, resident of Vill/PO-Mundeilo, PS- Parjang, Dist-Dhenkanal, Odisha, student of Post Graduate, Department of Sanskrit, Ravenshaw University, Cuttack, **Roll No. 18MSN-058, Year of Passing-2022**, hereby inform that my original Transfer-cum-Conduct Certificate has been destroyed by white ants and is untraceable despite thorough search. I have applied for duplicate certificate. Affidavit No. 998, dated- 01.09.2026 before The Executive Magistrate, Parjang.

**Lipsa Panda**

LOST

I, **Manoj Rajuka** do hereby declare that, the original Money Receipt issued by **WESCO** Utility towards Security Deposit of **₹18,52,340/-** in the name of **RADHA GOPI RICE MILL, BISRA** has been lost / misplaced. If the original money receipt is found in future, **RADHA GOPI RICE MILL** shall have no claim for refund of the said security deposit on the basis of original receipt.

**Sd/- Manoj Rajuka**
**Partner RADHA GOPI RICE MILL, Bisra**

AFFIDAVIT

By virtue of an affidavit sworn before the Executive Magistrate, Sambalpur, dated 01.09.2026, I, SANJAY AGRAWAL, At-Khetrajpur, PO/PS-Khetrajpur, Dist.- Sambalpur declare that my correct name is SANJAY AGRAWAL, but my name has been wrongly recorded as SANJAYA AGRAWAL in the Birth Certificate of my son SABHYA AGRAWAL. I further declare that SANJAY AGRAWAL and SANJAYA AGRAWAL refer to one and the same person, i.e. myself. Henceforth, I shall be known as **SANJAY AGRAWAL** for all purposes.

**Sd/- SANJAY AGRAWAL**

AFFIDAVIT

ପ୍ରମିଳା ଭୋଇ, ସ୍ୱାମୀ ସ୍ୱର୍ଗତ ମନୋଜ ଭୋଇ, ବେରବୋଇ, ଡେଲାଙ୍ଗ, ପୁରୀ, ଡେଲାଙ୍ଗ ଏକଜ୍ୟୁକିଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ତା.13.07.2026 ସତ୍ୟପାଠ କ୍ରମେ ତାଙ୍କ ପୁଅର ନାମ ଜନ୍ମ ପ୍ରମାଣ ପତ୍ର ଓ ବାସିନ୍ଦା ପ୍ରମାଣପତ୍ରରେ ବଣ୍ଟି ଭୋଇ (Banti Bhoi) ବୋଲି ଉଲ୍ଲେଖ ରହିଥିଲା ବେଳେ ଆଧାର କାର୍ଡ ନଂ 4515 6323 6696 ରେ ଭୁଲକ୍ରମେ ବାଦଲ ବେହେରା ଉଲ୍ଲେଖ ରହିଛି | ବଣ୍ଟି ଭୋଇ ଓ ବାଦଲ ବେହେରା ଜଣେ ବ୍ୟକ୍ତି ହୋଇଥିବାରୁ ସେ ବଣ୍ଟି ଭୋଇ ଭାବେ ସବୁ ସ୍ତରରେ ପରିଚିତ ହେବେ|

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 03.09.2026, I, K. VAJARAM, At/PO-Palanga, P.S.-Rambha, Dist.-Ganjam, PIN-761028, declare that I have changed my name from K. AJARAM DORA to K. VAJARAM. Henceforth, I shall be known as **K. VAJARAM** for all purposes

**Sd/- K. VAJARAM**

AFFIDAVIT

By virtue of an Affidavit sworn before Executive Magistrate, Balasore on dt. 02.09.2026, Sl No.-6797 I, **Mrutunjay Jena,** S/o Prasanna Kumar Jena, At./Po. Chhanua, P.S. Basta, Dist. Balasore 756027, declare that I have change my name from **Mrutyunjay Jena & Mrutyunjaya Jena to MRUTUNJAY JENA.** Henceforth, I shall be known as **Mrutunjay Jena** for all purposes.

AFFIDAVIT

By virtue of an affidavit before the Executive Magistrate, Bargarh vide no. 1326, dtd.21.11.2025, I, Binodini Padhan, W/o- Late Gunian Padhan, R/o- Vill./Po.- Kadobahal, Ps./Tah.- Attabira, Dist.- Bargarh, Odisha state that, before marriage I was known as **Binodini Sahu**, D/o- Haribandhu Sahu. After marriage to Gunian Padhan I known as **Binodini Padhan**. Hence **Binodini Padhan** and **Binodini Sahu** is same and one person.

AFFIDAVIT

By virtue of an affidavit sworn before the Executive Magistrate, Sohela vide CF no. 02, dtd.03.09.2026, I, Bharati Meher, W/o- Bhuja Pandey, R/o- Vill.: Budamal, Po.- Kangaon, Ps.- Sohela, Dist.- Bargarh, Pin- 768033 state that, I have changed my name from **Bharati Pandey** to **Bharati Meher**. Henceforth I shall be known as **Bharati Meher** for all future purposes.

ସକାଳ THE SAKALA



# ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ



ଧାମନଗର,୪।୯ (ସମିସ): ଧାମନଗର ବ୍ଲକ୍ ଓ ଏନ୍ଏସି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ସ୍ଥାନରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି। ସେହିପରି ବ୍ଲକ୍ ଅନ୍ତର୍ଗତ ଚୁଡ଼ାକୁଟି ସରସ୍ୱତୀ ଶିଶୁ ମନ୍ଦିରରେ ଏହି ଉତ୍ସବ ପାଳନ ଅବସରରେ ଶିଶୁ ମନ୍ଦିରରେ ମହାଆଡ଼ମ୍ବରରେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣ ଓ ପରମ ପ୍ରେମମୟୀ ଶ୍ରୀରାଧାଙ୍କ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନେ ବିଭିନ୍ନ ରଙ୍ଗବେରଙ୍ଗର ପାଟ, ମୟୂର ଚନ୍ଦ୍ରିକା, ମୁକୁଟ, ବଂଶୀ ଓ ଚିତ୍ରିତ ମାଟିଗରା ବ୍ୟବହାର କରି ରାଧା କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ବିଦ୍ୟାଳୟକୁ ଆସିଥିଲେ। ଶିଶୁ ମନ୍ଦିରର ପ୍ରତିଷ୍ଠାତା ତଥା ସାମ୍ବାଦିକ ବିବେକାନନ୍ଦ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଶ ପ୍ରତିଯୋଗିତା ପରେ ରାଧା କୃଷ୍ଣ ବେଶଧାରୀ ଶିଶୁମାନେ ଚୁଡ଼ାକୁଟି ବଜାର ସ୍ଥିତ ରାମମନ୍ଦିରକୁ ଯାଇ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ ସହିତ ପ୍ରସାଦସେବନ କରି ଭଜନ କୀର୍ତ୍ତନ ସହିତ ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ଗୁରୁଜୀ ସଞ୍ଜୟ ସେଠୀ, ରଶ୍ମିରଞ୍ଜନ ଦାଶ, ବିଦ୍ୟାଧର ପଣ୍ଡା, ଗୁରୁମା' ମୀନାରାଣୀ ପାଲ୍, ଗୋପିକାରାଣୀ ସାମଲ, ପ୍ରମିଳା ବେହେରା, ସରିତା ନାୟକ, ପ୍ରିୟଙ୍କା ସାହୁ, ଶୁଭଶ୍ରୀ ପାଗଳ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକଙ୍କ ଦ୍ୱାରା ଚୟନ ପ୍ରକିୟାରେ କୃତିତ୍ୱ ପ୍ରତିଯୋଗୀଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ସମ୍ମାନିତ ଓ ପୁରସ୍କୃତ କରାଯିବ ବୋଲି ଶିଶୁ ମନ୍ଦିର ପ୍ରତିଷ୍ଠାତା ସୂଚନା ଦେଇଛନ୍ତି।

**ବାସୁଦେବପୁର :** ବାସୁଦେବପୁରର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହିତ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶିଶୁ ବିହାର, ବେତଡ଼ାସ୍ଥିତ ପ୍ରଶାନ୍ତି ଶିଶୁବିହାର କୁନିକୁନି ଶିଶୁମାନଙ୍କ ମଧ୍ୟରେ କୃଷ୍ଣ



ଚେତନାରେ ବୁଡ଼ି ରହି ସହର ପରିକ୍ରମା କରିଥିଲେ। ରାଧାକୃଷ୍ଣ ବେଶରେ ସଜେଇ ହୋଇ ବସିଛନ୍ତି ସୁସଜ୍ଜିତ ରଥରେ। ପାଖକୁ ଲାଗି ଚାଲିଛନ୍ତି ମା' ଯଶୋଦା। ସମସ୍ତଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ସଙ୍ଗୀତର ତାଳେ ତାଳେ ଲଉଡ଼ି ଖେଳରେ ତଲ୍ଲୀନ ହୋଇ ପଡ଼ିଛନ୍ତି ଛାତ୍ରଛାତ୍ରୀମାନେ। ବେତଡ଼ା ବଜାର ପରିକ୍ରମଣ କରି ନାଚି ନାଚି ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପହଞ୍ଚି ଦଧି ହାଣ୍ଡି ଭାଙ୍ଗିଥିଲେ। ବାସୁଦେବପୁର ଯାଦବ ମହାସଂଘ ପକ୍ଷରୁ ୧୯ ବର୍ଷ ଧରି ପାଳିତ ହେଉଛି ଜନ୍ମାଷ୍ଟମୀ। କୁନି କୁନି ସୁସଜ୍ଜିତ କୃଷ୍ଣ ନେଇ କରାଯାଇଥିଲା ପ୍ରତିଯୋଗିତା। ଶିଶୁ ବିହାର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୃଷ୍ଣ ସୁସଜ୍ଜିତ ବେଶରେ ଅଂଶଗ୍ରହଣ କରିଥିଲେ। ଭକ୍ତିମୟ ପରିବେଶରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନଙ୍କର ଗହଳି ଲାଗିଛି। ଶ୍ରେଷ୍ଠ କୃଷ୍ଣ ବେଶଧାରୀ ଶିଶୁକୁ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ରୁପାର ବଂଶୀ ପ୍ରଦାନ କରିଥିଲେ। ଦିନଯାକ ପ୍ରସାଦସେବନ ସହିତ ପ୍ରବଚନ କାର୍ଯ୍ୟକ୍ରମ ରହିଛି ବୋଲି ଯାଦବ ସଂଘର ସମ୍ପାଦକ ଭାଗିରଥି ପଲାଇ କହିଥିଲେ।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ୍ ମାଳଦାସ୍ଥିତ ରାଧାଗୋବିନ୍ଦ ଧାମଠାରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଭାବଉଦ୍ଦୀପନାର ସହିତ ପାଳନ



ହୋଇଯାଇଛି। ସୂର୍ଯ୍ୟୋଦୟରୁ ମଧ୍ୟରାତ୍ରୀ ଯାଏଁ ବୈଦିକ ରୀତିନୀତି ଅନୁଯାୟୀ, ଜନ୍ମାଷ୍ଟମୀ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ଧାମରେ ଗୁରୁପୂଜା, ପାଦୁକା ପୂଜା, ଜଗନ୍ନାଥ ମହାପ୍ରଭୁଙ୍କ ପୂଜା ସହିତ ସଂକୀର୍ତ୍ତନ ଆୟୋଜନ ହୋଇଥିଲା। ସନ୍ଧ୍ୟା ଆଳତି ସହିତ ମଧ୍ୟରାତ୍ରରେ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଖପାଖ ୫/୭ ଖଣ୍ଡ ଗାଁର ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ମହାନ୍ତି, କ୍ଷୀରୋଦ ଦାସ, ବିପିନ ଦାସ, ଭରତହରି ରାଉତ, ଘନଶ୍ୟାମ ସାମଲ, ମନୋରଞ୍ଜନ ମହାନ୍ତି, ରଜତ ଜେନା, ମଣ୍ଟୁ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅନୁରୂପ ଭାବେ ବ୍ଲକ୍‌ର କିଛି ସରସ୍ୱତୀ ଶିଶୁ ମନ୍ଦିର ସମେତ ବୈଦିକ ଅନୁଷ୍ଠାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

**ଦୋଲସାହି :** ତିହିଡ଼ି ଥାନା ଅଧୀନ ଓଡ଼ିଶା ବ୍ରିଗେଡ୍ (ସୈନିକ) ସ୍କୁଲ ପକ୍ଷରୁ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଯାଇଛି। ଏହି



ଅବସରରେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ଛାତ୍ରଛାତ୍ରୀମାନେ ଦହିହାଣ୍ଡି ଭାଙ୍ଗିଥିଲେ। ପରେ ରାଧାକୃଷ୍ଣଙ୍କଠାରୁ ଆରମ୍ଭ କରି ବିଭିନ୍ନ ବେଶରେ ସଜ୍ଜିତ ସ୍କୁଲର କୁନିକୁନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅମୂଲ୍ୟ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ଅତିରିକ୍ତ ତହସିଲ୍‌ଦାର ସୌମ୍ୟରଞ୍ଜନ ଜେନା, ମୁଖ୍ୟବକ୍ତା ଭାବେ ତିହିଡ଼ି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଚନ୍ଦ୍ରକାନ୍ତ ମହାନ୍ତି, କମଳାକାନ୍ତ ଲେଙ୍କା ଓ ସାହିତ୍ୟିକ ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଜନ୍ମାଷ୍ଟମୀ ପାଳନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ ପରିଚାଳନା କମିଟିର ସମ୍ପାଦକ ସୀତାକାନ୍ତ ନାୟକ, ସ୍କୁଲର ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁ, ଯଯାତି କେଶରୀ ଦାସ ଓ ସସ୍ମିତା ସେଠୀଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଅସୁରାଳି:** ଧୂଷୁରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ''ଜନ୍ମାଷ୍ଟମୀ ଉତ୍ସବ' ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଧାନଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ରଞ୍ଜନ କୁମାର ଭୂୟାଁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ନାୟକ ଓ ସମ୍ମାନିତ ଅତିଥି ଭାବେ ସମ୍ପାଦକ ରାମମୋହନ ଗୁପ୍ତା ଯୋଗଦେଇ ''ଜନ୍ମାଷ୍ଟମୀ' ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। କଳ୍ପନା ଦେବତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ



ରଶ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ରାଧାକୃଷ୍ଣ ବେଶରେ ପିଲାମାନଙ୍କୁ ଦୋଳିରେ ଝୁଲଣ କରାଯାଇଥିଲା ଓ ଧୂଷୁରୀ ବଜାର ପରିକ୍ରମା କରି ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ। ଦମୟନ୍ତୀ ସାହୁ, ରଶ୍ମିତା ସାହୁ, ପିଙ୍କିରାଣୀ ମାଝୀ, ମାନିନୀ ସାହୁ, ଅନନ୍ୟା ହଜାରା, ଜୟଶ୍ରୀ ଦାଶ, ଆରତୀ ହୋତା, କମଳା ସାହୁ, ଦିବାକର ମାଝୀ, ମାମିନା ସେଠୀ ଓ ବିଜୁଳିଲତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେବିକା ମାମିନା ମହାପାତ୍ର ଓ ସୁମତି ମୁଦୁଲି ସହଯୋଗ କରିଥିଲେ।




## ଶ୍ରାବଣୀ ଉପାକ୍ରମ ଉଦ୍‌ଯାପିତ



ଦୋବଲ,୪।୯ (ସମିସ): ଧାମନଗର ବ୍ଲକ୍ ଦୋବଲ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତି ଆନୁକୂଲ୍ୟରେ ବେଦସପ୍ତାହ ତଥା ଶ୍ରାବଣୀ ଉପାକ୍ରମ ରାକ୍ଷୀପୂର୍ଣ୍ଣିମାଠାରୁ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ୯ ଦିନ ଧରି ଅନୁଷ୍ଠିତ ହୋଇଛି। ବିଭିନ୍ନ ଦିବସରେ ବିଭିନ୍ନ ଗ୍ରାମରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇ ଶେଷ ଦିନରେ ଯଜ୍ଞ ମଣ୍ଡପରେ ସାମୂହିକ ଯଜ୍ଞ ତଥା ଉଦ୍‌ଯାପିତ ହୋଇଥିଲା। ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ପଣ୍ଡିତ ସୁଧାକର ଶାସ୍ତ୍ରୀ ଯଜ୍ଞ ପୌରୋହିତ୍ୟ କରିଥିଲେ। ଯଜମାନ ଭାବେ ସୁଧାଂଶୁ ଶେଖର ବାରିକ ଓ ତାଙ୍କ ଧର୍ମପତ୍ନୀ ଥିଲେ। ବୈଦିକ ଯଜ୍ଞ ସହିତ ପ୍ରବଚନ ହୋଇଥିଲା। ସମିତିର ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ନାୟକ, ପ୍ରଭାତ ସାମଲ, ହୃଦାନନ୍ଦ କର, ରାସବିହାରୀ ମହାନ୍ତି, ପ୍ରତାପ ସାମଲ, ପ୍ରିୟରଞ୍ଜନ ସାମଲ, ବିଷ୍ଣୁଚରଣ ଦାସ, ଘନଶ୍ୟାମ ଥାଟୋଇ, ପ୍ରଦୀପ ମହାପାତ୍ର, ପ୍ରଶାନ୍ତ ସାହୁ, କମଳାକାନ୍ତ ଦାସ, ଜ୍ଞାନେନ୍ଦ୍ର ସାହୁ, ପଞ୍ଚାନନ ନାୟକ, ଦଶରଥ ଗାହାଣ, ଜ୍ଞାନରଞ୍ଜନ କର, ପ୍ରେମାନନ୍ଦ ନାୟକ, ସରତ ଶଙ୍ଖୁଆ, ରଞ୍ଜିତ ମହାନ୍ତି, ସିଦ୍ଧେଶ୍ୱର ସାମଲ, ପ୍ରଫୁଲ୍ଲ ରାଉତ, ପରମେଶ୍ୱର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ହୃଦ୍‌ଘାତରେ ସିଆର୍‌ସିସିଙ୍କ ପରଲୋକ

ବାରିକପୁର,୪।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ଗ୍ରାମର ବରିଷ୍ଠ ଶିକ୍ଷକ ତଥା ସିଆର୍‌ସିସି ବିଶ୍ୱରଞ୍ଜନ ଷେଣ୍ଢ (୫୩)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିବା ଜଣାଯାଇଛି। ଶୁକ୍ରବାର ସକାଳେ ବାସଗୃହଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା



ସହିତ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସ୍ୱର୍ଗତ ଷେଣ୍ଢ ୨୦୧୧ରେ ଚାକିରି ଜୀବନ ଆରମ୍ଭ କରି ନୂଆପୋଖରୀ ଓ ପରମାନନ୍ଦପୁରଠାରେ ସଫଳତାର ସହ ଶିକ୍ଷକତା କରିଥିଲେ। ୨୦୨୨ ମସିହାଠାରୁ ସରସଦା ଓ ବାରିକପୁର କ୍ଲଷ୍ଟରରେ ସିଆର୍‌ସିସି ଭାବେ ନିଯୁକ୍ତି ପାଇଥିଲେ। ସେ ଜଣେ ଛାତ୍ରବତ୍ସଳ, ମେଳାପୀ ଓ ଦକ୍ଷ ଶିକ୍ଷା ସଂଯୋଜକ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗକୁ ନେଇ ଶିକ୍ଷା ବିଭାଗ ସମେତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

## ଗୋ-ସେବା ଆଶ୍ରମର ଭୂମିପୂଜନ ଉତ୍ସବ

ବାସୁଦେବପୁର,୪।୯ (ସମିସ): ବାସୁଦେବପୁର ପୌରପାଳିକାର ନ୍ୟୁ ଇଣ୍ଡିଆ ସାହିର ଏକ ଦାତବ୍ୟ ଗୋ-ଚିକିତ୍ସାଳୟ ମୀରା ଡିଭାଇନ ଗୋ-ସେବା ଆଶ୍ରମର ଭୂମିପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜାମୁଝାଡ଼ିରୁ ଧାମରା ପର୍ଯ୍ୟନ୍ତ ଭାୟା ବାସୁଦେବପୁର ଦେଇ ପ୍ରତିଦିନ ଶହଶହ ଆଇରନ ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଗୋରୁଗାଈ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଆହତ ଗୋରୁଗାଈଙ୍କୁ ଚିକିତ୍ସା



ଯୋଗାଇଦେବାକୁ ମୀରା ଡିଭାଇନ ଗୋ-ସେବା ଆଶ୍ରମର ଏକ ଦାତବ୍ୟ ଚିକିତ୍ସାଳୟ ଶୁଭାରମ୍ଭ ହେବ। ଏହି ଚିକିତ୍ସାଳୟରେ କେବଳ ଦୁର୍ଘଟଣାଗ୍ରସ୍ତ ଗୋରୁଗାଈଙ୍କ ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯିବ। ଏହି ଉତ୍ସବରେ ଗୋ-ସେବା ଆଶ୍ରମର ମୁଖ୍ୟ ଅରବିନ୍ଦ ନାୟକ, କାଉନ୍‌ସିଲର ଟୁଟୁ ସାହୁ, ପ୍ରଭାତ ମହାନ୍ତି, ସୁମନ୍ ମହାନ୍ତି, କାଉନ୍‌ସିଲର ଲକ୍ଷ୍ମୀଧର ପ୍ରଧାନ, ବିଜୟ ମହାନ୍ତି, ମଧୁସୂଦନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଦୋବଲ,୪।୯ (ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ମୁସ୍ତାଫାପୁର ପଞ୍ଚାୟତ ହଂସପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ଦାସ (୯୨)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ରବିବାର ପରଲୋକ ଘଟିଛି। ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ବିୟୋଗ ଖବର ପାଇ ଆଇନଜୀବୀ



ରଣଜିତ୍ ମହାନ୍ତି, ସାମ୍ବାଦିକ ଜ୍ଞାନେନ୍ଦ୍ର ସାହୁ, ସରତ ଶଙ୍ଖୁଆ, ଦେବେନ୍ଦ୍ର ଦାସ, ନରେନ୍ଦ୍ର ଦାସ, ପ୍ରେମାନନ୍ଦ ନାୟକ, ସେକ୍ ମୁସ୍ତାକ୍, ଅଜୟ ଶଙ୍ଖୁଆ, କମଳାକାନ୍ତ ଦାସ ପ୍ରମୁଖ ଯୋଗଦେଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ବେଳକୁ ବଡ଼ପୁଅ ପ୍ରସନ୍ନ ଦାସ ଓ ସାନ ପୁଅ ପ୍ରସାନ୍ତ ଦାସ ଉପସ୍ଥିତ ଥିଲେ।

## ୨.୧୩ ଲକ୍ଷ ଚାଷୀଙ୍କୁ ୪୨.୫୯ କୋଟିର ସିଏମ୍ କିଷାନ୍ ସହାୟତା

ଭଦ୍ରକ,୪।୯ (ସମିସ): ରବି ଋତୁ ୨୦୨୬-୨୭ ପାଇଁ ଭଦ୍ରକ ଜିଲ୍ଲାର ଚାଷୀମାନଙ୍କୁ ସିଏମ୍-କିଷାନ୍ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାର ୨ ଲକ୍ଷ ୧୨ ହଜାର ୪୨୦ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୫୩୨ ଜଣ ଭୂମିହୀନ କୃଷି ପରିବାରକୁ ନେଇ ମୋଟ ୨ ଲକ୍ଷ ୧୨ ହଜାର ୯୫୨ ଜଣ ହିତାଧିକାରୀଙ୍କୁ ମୋଟ୍ ୪୨ କୋଟି ୫୯ ଲକ୍ଷ ୪ ହଜାର ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ଚାଷୀମାନଙ୍କୁ ରବି ଫସଲ



ପାଇଁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ଉପକରଣ କ୍ରୟରେ ସହାୟକ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, ସହକାରୀ କୃଷି ନିର୍ଦ୍ଦେଶକ ପ୍ରୀତିରେଖା ମହାଲିକ, କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀମାନେ ସରକାରଙ୍କ ଚାଷୀ କଲ୍ୟାଣମୂଳକ ଯୋଜନାର ସୁଯୋଗ ନେଇ କୃଷି ଉତ୍ପାଦନ ଓ ଆୟବୃଦ୍ଧି ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ''ଚାଷୀଙ୍କ ସମୃଦ୍ଧି ମାଧ୍ୟମରେ ଓଡ଼ିଶାର ସମୃଦ୍ଧି' ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

### ବିବିସିସି ବ୍ୟାଙ୍କରେ ଅନିୟମିତତା; ୩ ଶାଖା ପରିଚାଳକଙ୍କ ବଦଳି ହେଉନି

## ୮ ବର୍ଷରୁ ଅଧିକ ହେବ ଆସ୍ଥାନ ଜମାଇ ବସିଛନ୍ତି

ଭଦ୍ରକ,୪।୯ (ସମିସ): ଭଦ୍ରକ ଜିଲ୍ଲାରେ ଥିବା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ(ବିବିସିସି ବ୍ୟାଙ୍କ)ର ୩ଟି ପ୍ରମୁଖ ଶାଖା-ଚାନ୍ଦବାଲି, ବାସୁଦେବପୁର ଓ ଧାମରାରେ ଦୀର୍ଘ ୮ ବର୍ଷରୁ ଅଧିକ ହେବ ଗୋଟିଏ ପଦବୀରେ ଆସ୍ଥାନ ଜମାଇ ବସିଛନ୍ତି ବାବୁମାନେ। ଯାହା କେବଳ ବେଆଇନ କାର୍ଯ୍ୟ ନୁହେଁ, ବରଂ ବ୍ୟାଙ୍କରେ ଦୁର୍ନୀତି, ଜାଲିଆତି ଓ ସ୍ୱେଚ୍ଛାଚାରିତାକୁ ପ୍ରୋତ୍ସାହିତ କରୁଛି।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ମୁଖ୍ୟ ଶାଖା ଭଦ୍ରକ ସମେତ ମୋଟ୍ ୧୦ଟି ଶାଖା ବ୍ୟାଙ୍କ ରହିଛି। ବିଶେଷକରି ଏହି ସମବାୟ ବ୍ୟାଙ୍କ ଚାଷୀମାନଙ୍କର ବ୍ୟାଙ୍କ ଭାବେ ପରିଚିତ। ଏହି ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ କୃଷିଋଣ ଉପରେ ପର୍ଯ୍ୟବସିତ। ଜିଲ୍ଲାରେ ଥିବା ମୋଟ୍ ୧୦ଟି ଶାଖାରେ ପ୍ରାୟ ୯୫ ହଜାର କୃଷି ଋଣୀ ଥିବାବେଳେ ୧ଲକ୍ଷରୁ ଅଧିକ ଜମାକାରୀ ଅଛନ୍ତି। ରାଜ୍ୟ ସମବାୟ ବିଭାଗ ଅଧୀନରେ ଥିବା ଏହି ବିବିସିସି ବ୍ୟାଙ୍କ କୃଷିଋଣ ସହି ବ୍ୟବସାୟ ଓ ଅନ୍ୟାନ୍ୟ ସରାକାରୀ ସବ୍‌ସିଡି ଲୋନ୍ ପ୍ରଦାନ କରି ଆସୁଛି। ତେବେ ଏହି ସମବାୟ ବ୍ୟାଙ୍କରେ ଏବେ ବହୁ ଅନିୟିମତତା ଦେଖିବାକୁ ମିଳିଛି। ବିଶେଷକରି ସମବାୟ ବିଭାଗ ବଦଳି ନିୟମାନନୁଯାୟୀ, ବ୍ୟାଙ୍କର ଜଣେ ଶାଖା ପରିଚାଳକ ସର୍ବାଧିକ ୩ ବର୍ଷ ଧରି ଗୋଟିଏ ଶାଖାରେ ରହିବା କଥା। ତେବେ ଭଦ୍ରକ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲାର ୩ଟି ପ୍ରମୁଖ ଶାଖା ପରିଚାଳକ ୮ ବର୍ଷରୁ ଅଧିକ ଦିନ ଧରି ଏକକାଳୀନ କାର୍ଯ୍ୟ କରିବା ଘଟଣା ସମବାୟ ବିଭାଗର ସ୍ୱଚ୍ଛତା ପ୍ରତି ସ୍ୱତଃ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସମବାୟ ବିଭାଗ ଏଚ୍‌ଆର୍ ପଲିସି ବା ମାନବ ସମ୍ବଳ ନିୟମକୁ ଉଲ୍ଲଂଘନ କରି ଦୀର୍ଘ ୮ବର୍ଷ ଧରି କିଭଳି ଉକ୍ତ ୩ ମ୍ୟାନେଜର ବା ଶାଖା ପରିଚାଳକ କାର୍ଯ୍ୟ କରୁଛନ୍ତି ଏନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏଥିସହ ବେନାମୀ ଋଣ ଓ ନକଲି କାଗଜପତ୍ର ସର୍ଜନାରେ ଅନେକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ୮ ବର୍ଷ ଧରି ଉକ୍ତ ୩ଟି ବ୍ୟାଙ୍କ ଶାଖା ମ୍ୟାନେଜରଙ୍କୁ କାହିଁକି ଓ କାହା ସୁପାରିସ୍‌ରେ ଗୋଟିଏ ପଦବୀରେ ବେଆଇନ ଭାବେ ରଖାଯାଇଛି ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ମରଣଯୋଗ୍ୟ, ଚାନ୍ଦବାଲି ବିବିସିସି ବ୍ୟାଙ୍କ ଶାଖାର ପରିଚାଳକ ଗୁରୁପ୍ରସାଦ ମିଶ୍ର, ବାସୁଦେବପୁର ବିବିସିସି ବ୍ୟାଙ୍କ ଶାଖା ମ୍ୟାନେଜର ତପନ କୁମାର ଦାସ ଓ ଧାମରା ବିବିସିସି ଶାଖା ପରିଚାଳକ ମହେନ୍ଦ୍ର ପ୍ରସାଦ ନାୟକ ଦୀର୍ଘ ୮ ବର୍ଷରୁ ଅଧିକ ଦିନ ହେବ ସେହି ଶାଖାରେ ମ୍ୟାନେଜର ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏ ଦିଗରେ ଓଡ଼ିଶା ସମବାୟ ସମିତି ସମୂହ ନିବନ୍ଧକ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ବୃଦ୍ଧାବସ୍ଥାରେ ନାହିଁ ନ ଥିବା ଦୁର୍ଦ୍ଦଶା

## ୭ ମାସ ହେଲା ବ୍ୟାଙ୍କ ଖାତାକୁ ଆସୁନି ଭତ୍ତା ଟଙ୍କା

ଅସୁରାଳି,୪।୯ (ସମିସ): ଧାମନଗର ବ୍ଲକ୍ ସରେଇ ଚୁଡ଼ାକୁଟି ପଞ୍ଚାୟତ ତାମ୍ପଳା ଗାଁର ୮୧ ବର୍ଷୀୟ ସୁରେଶ ଘୋଷ। ବୟସର ଅପରାହ୍ନରେ ପହଞ୍ଚିଥିବା ଏହି ଦୀନଦରିଦ୍ର ବୃଦ୍ଧ ଜଣକ ଏବେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ଚାଲିବୁଲି କରିବାକୁ ଅସମର୍ଥ। ଶରୀର ଅକ୍ଷମ ହୋଇପଡ଼ିଥିବା ବେଳେ ସରକାରୀ ସାହାଯ୍ୟ ହିଁ ତାଙ୍କର ଶେଷ ସମ୍ବଳ। ମାତ୍ର ବିଡ଼ମ୍ବନାର ବିଷୟ, ବିଗତ ୭ ମାସ ହେଲା ତାଙ୍କ ବ୍ୟାଙ୍କ ଖାତାକୁ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଆସୁନାହିଁ। ସରକାରୀ ନିୟମାନୁସାରେ ମିଳୁଥିବା ନିୟମିତ ଭତ୍ତା ତ ଦୂରର କଥା, ସରକାର ପ୍ରଦାନ କରୁଥିବା ବର୍ଦ୍ଧିତ ଭତ୍ତାରୁ ମଧ୍ୟ ସେ ବଞ୍ଚିତ ହୋଇଛନ୍ତି। ବ୍ୟାଙ୍କ ଖାତାକୁ ଟଙ୍କା ନ ଆସିବା ଏବଂ ପଞ୍ଚାୟତ କିମ୍ବା ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆ ନ ଯିବା ଯୋଗୁଁ ଏହି ବୃଦ୍ଧ ଜଣକ ଏବେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଔଷଧପତ୍ର ଓ ନିତ୍ୟବ୍ୟବହାର୍ଯ୍ୟ ଖର୍ଚ୍ଚ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ତାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ସରକାରଙ୍କ ଯୋଜନା ଗରିବ ଓ ଅସହାୟଙ୍କ ପାଖରେ ପହଞ୍ଚୁଥିବା ନେଇ ବଡ଼ ବଡ଼ ଦାବି କରାଯାଉଥିବା ବେଳେ, ସୁରେଶଙ୍କ ଭଳି ଜଣେ ଗମ୍ଭୀର ଏବଂ ଦୀର୍ଘଦିନର ବଞ୍ଚିତ ହିତାଧିକାରୀଙ୍କ



ପ୍ରତି ପ୍ରଶାସନର ଏଭଳି ଅବହେଳା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ ଏହି ଘଟଣାର ଅନୁସନ୍ଧାନ କରି ପ୍ରଶାସନ ପକ୍ଷରୁ ସୁରେଶ ଘୋଷଙ୍କୁ ତାଙ୍କର ବାକି ଥିବା ସମସ୍ତ ଭତ୍ତା ଓ ବର୍ଦ୍ଧିତ ରାଶି ପ୍ରଦାନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ଭଗବାନଙ୍କ ଭରସାରେ ରୋଗୀ

- କିଛି ଡାକ୍ତର ଦିନ ୧୨ଟାରେ ଆସୁଛନ୍ତି; ରୋଗୀ ହନ୍ତସନ୍ତ
- ସରକାରୀ ଦରମା ନେଇ ବେସରକାରୀ କ୍ଲିନିକ୍‌ରେ ୨୦୦ ଟଙ୍କା ଫି' ନେଇ ରୋଗୀ ଦେଖୁଥିବା ଅଭିଯୋଗ



ଚାନ୍ଦବାଲି,୪।୯ (ସମିସ): ରୋଗୀଙ୍କ ଜୀବନ ସହ କିପରି ଖେଳାଯାଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ। ଚାନ୍ଦବାଲିରେ ସରକାରୀ ସ୍ୱାସ୍ଥ୍ୟସେବାକୁ ନେଇ ବାରମ୍ବାର ବଡ଼ ବଡ଼ ଦାବି କରାଯାଉଥିଲେ ମଧ୍ୟ ଏଠି ତାହା ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି। ଚାନ୍ଦବାଲି ଡାକ୍ତରଖାନାକୁ ଦିନ ୧୨ଟା ପରେ ଆସୁଛନ୍ତି କିଛି ଡାକ୍ତର ବାବୁ। ସତ୍ୟତାକୁ ପ୍ରତିବାଦ କଲେ ମିଳୁଛି ମିଛ କେସ୍‌ର ଧମକ। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଭରସା କରି କାହିଁ କେତେ ଦୂରରୁ ଆସୁଛନ୍ତି ରୋଗୀ। ନ ଖାଇ ନ ପିଇ ଛୋଟ ଛୋଟ ପିଲାଙ୍କୁ ଧରି ଆସୁଥିବା ଅସହାୟ ଓ ନିଃସହାୟ ରୋଗୀମାନେ ଏଠାରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେଉଛନ୍ତି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ କଥା ହେଉଛି, ସରକାରୀ ଚାକିରି କରି ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେଇ ନିଜ କ୍ଲିନିକ୍ ତଥା ବେସରକାରୀ କ୍ଲିନିକ୍‌ରେ ବ୍ୟବସାୟ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ରୋଗୀମାନଙ୍କ ଗୁରୁତର ଅଭିଯୋଗ ରହିଛି ଯେ, ଯେଉଁ ଡାକ୍ତରମାନେ ସରକାରୀ ଦରମା ପାଉଛନ୍ତି, ସେମାନେ ସଠିକ୍ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁନାହାନ୍ତି। ବରଂ ସରକାରୀ ମେଡିକାଲ ପରିସର ଭିତରେ ନିଜର ବ୍ୟକ୍ତିଗତ ଚ୍ୟାମ୍ବର କରି ବସି ଅସାଧୁ ବ୍ୟକ୍ତିଙ୍କୁ ଲଗାଇ ପ୍ରତ୍ୟେକ ରୋଗୀ ପିଛା ୨୦୦ ଟଙ୍କା ଲେଖାଏଁ ଆଦାୟ କରି ରୋଗୀ ଦେଖୁଥିବା ନେଇ ଅଭିଯୋଗ ହୋଇଛି। ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଛରେ ପକାଇ ନିଜ ପ୍ରାଇଭେଟ୍ ଚ୍ୟାମ୍ବରକୁ ପ୍ରାଥମିକତା ଦେଉଥିବା ଏହି ବାବୁମାନଙ୍କୁ ଏତେ ସାହସ ଦେଲା କିଏ, କାହା ଛତ୍ରଛାୟା ତଳେ ରହି ଏଭଳି ଅସାଧୁ କାରବାର କରୁଛନ୍ତି ତାହା ଏବେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ଅଭିଯୋଗକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରୁ, ସେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ, ଓଲଟା ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲି ଆଖି ଦେଖାଇ କ୍ୟାମେରା ଓ ବୁମ୍‌କୁ ଠେଲିଦେଇ ମିଛ କେସ୍‌ର ଧମକ ମଧ୍ୟ ଦେବାକୁ ପଛାଇ ନାହାନ୍ତି। ପରେ କ'ଣ କରିବ କର କହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଅଣଦେଖା କରି ନିଜ ଚ୍ୟାମ୍ବରକୁ ଚାଲିଯାଇଥିଲେ। ଦେଖିବାକୁ ବାକି ରହିଲା ସରକାର ହୁଅନ୍ତୁ ଅବା ଜିଲ୍ଲା ପ୍ରଶାସନ ସଠିକ୍ ତଦନ୍ତ କରି କି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି? ଗୋଟିଏପଟେ ସରକାର ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଏପଟେ ଚାନ୍ଦବାଲିରେ ତାହାର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି। ରୋଗୀମାନେ ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କହୁଥିବାବେଳେ ଏଠି କ'ଣ ଚାଲିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହା ଉପରେ ଦୃଷ୍ଟି ଦେଇ ତୁରନ୍ତ ସଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାନ୍ଦବାଲି ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଆବାସ ନିର୍ମାଣ ସମ୍ପୂର୍ଣ୍ଣ କରୁନାହାନ୍ତି ୧୩୬୬ ହିତାଧିକାରୀ

ଦୋଳସାହି, ୪।୯ (ସମିସ): ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବହୁ ବେଆଇନ ହିତାଧିକାରୀ ଏହି ଆବାସ ଯୋଜନାରେ ସାମିଲ୍ ହୋଇ ମାଲାମାଲ ହେଉଥିବା ଦେଖିବାକୁ ମିଳୁଥିବାବେଳେ ପ୍ରକୃତ ହିତାଧିକାରୀ ବଳି ପଡୁଥିବା ଦେଖିବାକୁ ମିଳିଛି। ଅନେକ ଏହି ସହାୟତାରେ ସାମିଲ୍ ଆବାସ ଯୋଜନା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରୁ ନ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକର ୩୧ ପଞ୍ଚାୟତରେ ଏହି ଆବାସ ଯୋଜନାରେ ସାମିଲ୍ ୧୭୪୩ ଜଣଙ୍କ ମଧ୍ୟରୁ ୧୩୬୬ ହିତାଧିକାରୀ ଏହି ଆବାସ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନ ଥିବା ଜଣାଯାଇଛି। ଅଚକ ପଞ୍ଚାୟତରେ ୬୦, ଦୋଳସାହି ପଞ୍ଚାୟତରେ ୫୦, ଗୁଆମାଳ ପଞ୍ଚାୟତରେ ୫୭, କୁବେରା ପଞ୍ଚାୟତରେ ୬୯, ମହରମପୁରରେ ୭୬, ତାଳପଦାରେ ୩୨, କୋହ୍ଲରେ ୩୯, ଭାଟପଡ଼ାରେ ୯୫, ବିଳଣାରେ ୬୫, ବାହାବଳପୁରରେ ୫୪, ବାମନବିନ୍ଧାରେ ୭୨, ବାରସରରେ ୧୩୭, ମୁକୁନ୍ଦପୁରରେ ୯୬, ହରସିଂପୁରରେ ୪୨, ବାରୋରେ ୧୨୦, ତଳଗୋପବିନ୍ଧାରେ ୫୨, ପାଳିଆବିନ୍ଧାରେ ୬୪, ନୟାନନ୍ଦରେ ୧୯, ରାଜନଗରରେ ୨୬, ଶ୍ୟାମସୁନ୍ଦରପୁରରେ ୨୦, ସାହାପୁରରେ ୭୫ ଓ ସୟା ପଞ୍ଚାୟତରେ ୪୬ ଜଣ ଆବାସ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନ ଥିବା ଜଣାଯାଇଛି।

## ଯୁବକଙ୍କ ଅକାଳ ବିୟୋଗ

ବାରିକପୁର, ୪।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ଯୁବକ ସତ୍ୟରଞ୍ଜନ ଦାସ (୩୪)ଙ୍କର ଅକାଳ ବିୟୋଗ ଘଟିଛି। ସେ କେରଳରେ ଏକ ଘରୋଇ କମ୍ପାନୀରେ ରହି ଚାକିରି କରୁଥିଲେ। ଗତ ବୁଧବାର ରାତିରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଶୁକ୍ରବାର ଗ୍ରାମରେ ପାର୍ଥିବ ଶରୀର ପହଞ୍ଚିବା ପରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ସାଙ୍ଗସାଥୀଙ୍କଠାରୁ ଆରମ୍ଭ କରି ଗ୍ରାମବାସୀମାନେ ଶବାଧାରରେ ସାମିଲ୍ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବୈତରଣୀ ନଦୀର ବାରୁଣୀ ଘାଟରେ ପାର୍ଥିବ ଶରୀରର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି।

## ଶନି ଦେବଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ବାରିକପୁର, ୪।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥ ବୈଦିକ ପୀଠରେ ବାବା ଶନି ଦେବଙ୍କ ୪୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପ୍ରତ୍ୟୁଷରୁ ପୀଠରେ ସୂର୍ଯ୍ୟ ପୂଜା, ପଞ୍ଚଗବ୍ୟ ପୂଜା, ଘଟ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ଆଦି ଆୟୋଜିତ ହୋଇଥିଲା। ମୁଖ୍ୟ ପୂଜକ ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ସମେତ ଚନ୍ଦ୍ରଶେଖର ପାଢ଼ୀ, ଗଗନ ପଣ୍ଡା, ମନୋଜ ପଣ୍ଡା ବୈଦିକ ବିଧିମତେ ବାବା ଶନି ଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବିଦ୍ୟାଧର ଦ୍ୱିବେଦୀ ଓ ଲତାଞ୍ଜଳି ଦ୍ୱିବେଦୀ ସଙ୍କଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆଖପାଖ ୧୫/୨୦ ଖଣ୍ଡ ଗାଁର ଲୋକେ ପୂଜା ଉତ୍ସବରେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଆୟୋଜକ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

## କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ବନ୍ତ/ଆଗରପଡ଼ା, ୪।୯ (ସମିସ): ଆଗରପଡ଼ା କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରକୁ ଅଧ୍ୟକ୍ଷ ଶାନ୍ତନୁ ଜେନା ଉଦ୍‌ଘାଟନ କରିଛନ୍ତି। ପ୍ରଶିକ୍ଷିକା ଅହଲ୍ୟା



ଦାସ ଓ ରଶ୍ମିପ୍ରଭା ଦାସ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ଏହି ପ୍ରଶିକ୍ଷଣ ଦେବେ। ଶକ୍ତିଶ୍ରୀ ସଂଯୋଜିକା। ସାବିତ୍ରୀ ମଞ୍ଜରୀ ଦାସ, ମନ୍ଦାକିନୀ ଦାସ, ବ୍ରଜମୋହନ ପତି, ସନ୍ଧ୍ୟାରାଣୀ ନାୟକ, ପ୍ରେମଲତା ଦାଶ, ହରିହର ଦାସ, ପ୍ରଶାନ୍ତ ନାୟକ, ହେମନ୍ତ ଓଝା, ଜଗନ୍ନାଥ ଦାସ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା, ଅଫିସ ସହାୟକ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ସାହସପୁର ପଞ୍ଚାୟତରେ ରିଲିଫ୍ ବଣ୍ଟନ

ଧୂଷୁରୀ/ଅସୁରାଳି, ୪।୯ (ସମିସ): ବନ୍ୟା ଜଳ ଛାଡ଼ିଯିବା ପରେ ଏବେ ସାମ୍ନାକୁ ଆସିଛି ବିପତିର ଅସଲ କରାଳ ରୂପ। ବନ୍ୟା ପାଇଁ ସାହସପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବନ୍ୟା ପରବର୍ତ୍ତୀ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ବନ୍ୟା ଜଳ ହଟିବା ପରେ ଗ୍ରାମର ଶତାଧିକ ଘରେ ପାଣି ପଶିବା ଫଳରେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବହୁଗୁଣିତ ହୋଇଯାଇଛି। ବନ୍ୟା ଜଳରେ ଦୀର୍ଘଦିନ ଧରି ଘର ବୁଡ଼ି ରହିବା ଫଳରେ ଗ୍ରାମର ଘରଦ୍ୱାର ଭାଙ୍ଗିଯିବା ଯୋଗୁଁ ଘରେ ଥିବା ଆସବାବପତ୍ର ଓ ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଛି।




ଏହି ପରିସ୍ଥିତିରେ ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁ ସେଠୀ ଫାଉଣ୍ଡେସନ ତରଫରୁ ପଞ୍ଚାୟତର ବନ୍ୟା ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ତତ୍ତ୍ୱାବଧାନ ଓ ଫାଉଣ୍ଡେସନର ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଛି। ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ଜିଲ୍ଲା ବିଜେପି ଉପସଭାପତି ଚତୁର୍ଭୁଜ ନାୟକ ଶୁଭାରମ୍ଭ କରିଥିବାବେଳେ ଧୂଷୁରୀ ମଣ୍ଡଳ ବିଜେପି ସଭାପତି ଅନିରୁଦ୍ଧ ସାହୁ ଓ ସାହସପୁର ପଞ୍ଚାୟତ ସଭାପତି ଅଭୟ ମାଝୀ, ସବୀର ଦାସଙ୍କ ସମେତ ସଦସ୍ୟମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସମାଜସେବୀ ଯୋଗଦେଇଥିଲେ।

### ଏସ୍‌ଆଇଆର୍: ଫର୍ମ-୭ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଏତଲା

ଧାମନଗର, ୪।୯ (ସମିସ)

ଧାମନଗରରେ ଭୋଟର ତାଲିକାରୁ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ଓ ଫର୍ମ-୭ର ଷଡ଼ଯନ୍ତ୍ର କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା (ଏଆର୍‌ଓ) ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ଏତଲା ଦିଆଯାଇଛି। ଅଭିଯୋଗ କରାଯାଇଛି ଯେ, ସୁପରଭାଇଜରଙ୍କ ମାଧ୍ୟମରେ ଆମକୁ ସନ୍ଧ୍ୟା ୭ଟାରେ ଅଫିସକୁ ଆସି ଫର୍ମ-୭ରେ କାର୍ଯ୍ୟ କରିବା ପାଇଁ ବିଏଲ୍‌ଓଙ୍କୁ ଚାପ ପ୍ରୟୋଗ ହେଉଥିବା ସଙ୍ଗୀନ ଅଭିଯୋଗ ଏବେ ଥାନାରେ ପହଞ୍ଚିଛି। ଏନେଇ ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ଅଧିକାରୀ ଶୁଭ୍ରଜିତ୍ ଦାଶଙ୍କୁ ବିଏଲ୍‌ଓ ସେମାନେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହି ଲିଖିତ ଅଭିଯୋଗ କରିଥିବା ବିଏଲ୍‌ଓମାନଙ୍କ ମଧ୍ୟରେ ରହିଛନ୍ତି ବୁଥ୍ ନଂ ୧୬୪ର ଜୟନ୍ତୀ ଜେନା, ୧୬୫ର ମମିତା ମହାପାତ୍ର, ୧୭୧ର ଝରଣା ଜେନା, ୧୬୬ର ମଞ୍ଜୁଲତା ସେଠୀ, ୧୭୩ର ଜୁଗୁନୁ ବେଗମ, ୧୫୩ର ନିରୂପମା ତ୍ରିପାଠୀ, ୧୫୧ର ଏସ୍‌କେ କୁତୁବୁଦ୍ଦିନ ଅହମ୍ମଦ, ୧୫୫ର ବେଞ୍ଜାଲତା ମାଝୀ, ୧୬୯ର କମଳା ସେଠୀ, ୧୬୮ର ବବିତା ମଲ୍ଲିକ ପ୍ରମୁଖ ଥାନାରେ ପହଞ୍ଚି ସଙ୍ଗୀନ ଅଭିଯୋଗ କରିଛନ୍ତି।





**ସନ୍ଧ୍ୟା ୭ଟାରେ ଅଫିସ ଆସି ଫର୍ମ-୭ରେ କାର୍ଯ୍ୟ କରିବା ପାଇଁ ବିଏଲ୍‌ଓଙ୍କୁ ଚାପ ପ୍ରୟୋଗ**

ଅଭିଯୋଗରେ ଦର୍ଶାଯାଇଛି ଯେ, ଧାମନଗର ଇଓ ତଥା ଏଆର୍‌ଓ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ବିଏଲ୍‌ଓମାନଙ୍କ ଉପରେ ଚାପ ପକାଇବା ଏବଂ ଭୋଟରଙ୍କ ଓଟିପି ବ୍ୟବହାର କରି ଫର୍ମ-୭ର ଷଡ଼ଯନ୍ତ୍ର ମାଧ୍ୟମରେ ଭୋଟର ତାଲିକାରୁ ନାମ ବାଦ୍ ଦେବାକୁ ଉଦ୍ୟମ ହୋଇଥିବା ଭଳି ଗୁରୁତର ଅଭିଯୋଗ କରାଯାଇଛି। ବିଏଲ୍‌ଓମାନଙ୍କ ଅଭିଯୋଗ ଅନୁଯାୟୀ, ନିୟମାନୁସାରେ ଫର୍ମ-୭ ସମ୍ପର୍କିତ ଆବେଦନଗୁଡ଼ିକର ଫିଲ୍ଡ ଭେରିଫିକେସନ୍ କରିବା ଆବଶ୍ୟକ ବୋଲି ସେମାନେ ଆଇଆଇସିଙ୍କ ନିକଟରେ ମତ ରଖିଥିଲେ। ତେବେ ଏହାକୁ ନେଇ କେତେକ ବିଏଲ୍‌ଓଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବା ସହ ଚାକିରିଗତ କାର୍ଯ୍ୟାନୁଷ୍ଠାନର ଧମକ ଓ ଭୟଭୀତ ଦେଖାଇ ଚାପ ପକାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ଏନ୍‌ଏସିର କେତେକ କର୍ମଚାରୀଙ୍କୁ ସୁପରଭାଇଜର ଭାବେ ବ୍ୟବହାର କରାଯାଇ ବିଏଲ୍‌ଓମାନଙ୍କ ଉପରେ ଚାପ ପକାଯାଉଥିବା ନେଇ ମଧ୍ୟ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଡିଜିଟାଲ୍ ଫୋରେନ୍ସିକ୍, ଓଟିପି ଲଗ୍, ୟୁଜର ଆଇଡି, ଆଇପି ଆଡ୍ରେସ୍ ଓ ଆବେଦନ ପାଇଁ ବ୍ୟବହୃତ ଡିଭାଇସ୍‌ର ଯାଞ୍ଚ କରାଯିବାକୁ ବିଏଲ୍‌ଓମାନେ ଥାନା ଅଧିକାରୀଙ୍କୁ ଦାବି କରିଛନ୍ତି। ତଦନ୍ତ କରିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେଇଛନ୍ତି।

ସବୁଠୁ ବଡ଼ କଥା ହେଲା, ଏତେ ଚାପ ପ୍ରୟୋଗ କରାଯାଉଛି ହେଲେ ଆମେ ଚାକିରି ଛାଡ଼ି ଦେବୁ କିନ୍ତୁ ଏତେ ବଡ଼ ତଥା ଗଣତନ୍ତ୍ରକୁ ବାଧା କରିବୁନି କହିବା ସହ ଅଧିକାରୀ ଏବଂ ସୁପରଭାଇଜର ଆମକୁ ବାଧ୍ୟ କରୁଛନ୍ତି ବୋଲି ଗଣମାଧ୍ୟମ ଆଗରେ ବିଏଲ୍‌ଓମାନେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଏନ୍‌ଏସି ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସହ ଯୋଗାଯୋଗ କଲେ ମଧ୍ୟ ସେ ଫୋନ୍ ଗ୍ରହଣ କରି ନ ଥିଲେ। ଏସ୍‌ଆଇଆର୍ ଅନିୟମିତତାକୁ ନେଇ ଭରତର ୨୩ଟି ବିରୋଧୀ ଦଳ ଏବଂ ସ୍ୱାଧୀନ ସାଂସଦ ମିଳିତ ଭାବରେ ଭୋଟ୍ ଜାଲିଆତି, ନିର୍ବାଚନ ଜାଲିଆତି, ନିର୍ବାଚନ ପ୍ୟାନେଲର ଭୂମିକା ଏବଂ ଅନ୍ୟାନ୍ୟ ନିର୍ବାଚନ ସମ୍ବନ୍ଧୀୟ ପ୍ରସଙ୍ଗ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ମୁଖ୍ୟ ନିର୍ବାଚନ କମିସନଙ୍କ ନିକଟକୁ ଚିଠି ଲେଖି ଜଣାଯାଇଛି ବୋଲି ସୂଚନା ଦିଆଯାଇଛି।

## ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

ବନ୍ତ/ଆଗରପଡ଼ା, ୪।୯ (ସମିସ): ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ବନ୍ତ ବ୍ଲକ ଅଧୀନ କାଦବରାଙ୍ଗ, ବଡ଼ବର୍ଚ୍ଚିକୟାଁ, ପୁରୁଷଣ୍ଡ ଓ ଗୋପୀନାଥପୁର ଆଦି ପଞ୍ଚାୟତକୁ ଯାଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା



ସହ ମହିଳା ଉଦ୍ୟୋଗୀଙ୍କ କାର୍ଯ୍ୟ ତଦାରଖ କରି ସ୍ୱାବଲମ୍ବୀ ହେବା ପାଇଁ କହିଥିଲେ। କାଦବରାଙ୍ଗ ବାବା ଧବଳେଶ୍ୱର ମହିଳା ମହାସଂଘ ଅଧୀନରେ କାର୍ଯ୍ୟରତ ଗ୍ରାମାଞ୍ଚଳ ଶିଳ୍ପ ଉଦ୍ୟାନ, ମହିଳା ମହାସଂଘ ଗୃହ, ଅଟା କଳ ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କାର୍ଯ୍ୟର ତଦାରଖ କରିଥିଲେ। ପରେ ଶେଉଳଗଡ଼ିଆସ୍ଥିତ କୃଷି ଫାର୍ମରେ କୁକୁଡ଼ା, ମାଛ ଓ ପନିପରିବା ଚାଷ ବୁଲି ଦେଖିଥିଲେ। ପଞ୍ଚାୟତ ଗୃହ ପରିଦର୍ଶନ ପରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାୟ ୧୦ କୋଟି ଟଙ୍କାର ନୂତନ ଗୃହ ନିର୍ମାଣର ଅଗ୍ରଗତି ନେଇ ତଦାରଖ କରିବା ସହ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସଙ୍ଗୀତା ବିଶ୍ୱାଳ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ଗୋପିନାଥପୁର ପଞ୍ଚାୟତ କାଣ୍ଡବା ସ୍କୁଲ ଯାଇ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସାହୁପଡ଼ା ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ଗୋପୀନାଥପୁର ମହିଳା ଫେଡେରେସନ ଗୃହ, ନୂତନ ଗୋପିନାଥପୁର-ହରିପୁର ସେତୁ ଓ ମହିଳା ବୁଣାକାରଙ୍କୁ ଭେଟି ଗାମୁଛା ଓ ଷ୍ଟଲ୍ ବୁଣା ଦେଖି ପ୍ରଶଂସା କରିଥିଲେ। ଶେଷରେ କୈଳାସ ସାହୁଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ କୁକୁଡ଼ା ଫାର୍ମ ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ସୀତାକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଣେଶ ହେମ୍ବ୍ରମ, ଏସ୍‌ଡିଓ ସୁରଥ ବେହେରା, ସିଡିପିଓ ଅଲାଡ଼ି ମାରାଣ୍ଡି, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗମାୟା ସିଂହ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସରସଦା ହାଇସ୍କୁଲ ପ୍ରତିଷ୍ଠାତାଙ୍କ ପ୍ରଣାମ ଉତ୍ସବ

ବାରିକପୁର, ୪।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଜଗନ୍ନାଥ ନାୟକଙ୍କ ୪୫ତମ ଶ୍ରାଦ୍ଧ ଉପଲକ୍ଷେ ପ୍ରଣାମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୋମନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଡା. ସୁମନ୍ତ କୁମାର ରାଉଳ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗଦାଧର ଜେନା, ବରେଣ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁ, ଅଜୟ କୁମାର ନନ୍ଦ, ଶଶୀଶେଖର କରଶର୍ମା,



ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ଉଦ୍ୟୋଗୀ ପ୍ରଦ୍ୟୁମ୍ନ କୁମାର ଜେନା, ବାର୍ଷିୟାନ ସାହିତ୍ୟିକ ନଟବର ରାଉଳ, ସୁଧାକର ବେଜ, ଉଦକର ନାୟକ ପ୍ରମୁଖ ଯୋଗଦେଇ ପୂଜ୍ୟ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ନିମନ୍ତେ ସବୁଜ ସୁନ୍ଦର ପୃଥିବୀ ଗଠନ ପାଇଁ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲ ଉଦ୍ଦେଶ୍ୟ ଜ୍ଞାପନ ଓ ଶିକ୍ଷକ ବିକ୍ରମ ସୌରଭ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ, ସୁଜାତା ମଲ୍ଲିକ, ପ୍ରତିଭା ସେଠୀ, ସସ୍ମିତା ମହାନ୍ତି, ବିନ୍ଦୁ ବର୍ଣ୍ଣାଳୀ ରାଉତ, ବିଜୟାଲକ୍ଷ୍ମୀ ପାତ୍ର, ମାନସୀ ରାଉତ, କ୍ଷୀରାବ୍ଧୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଖଦାଲପୋଖରୀରେ ଶାନ୍ତି ଓ ସଦ୍‌ଭାବନା ସଭା

## ଗ୍ରାମରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ

ଚାନ୍ଦବାଲି, ୪।୯ (ସମିସ): ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖଦାଲପୋଖରୀ ଗ୍ରାମରେ ଶାନ୍ତି, ସଦ୍‌ଭାବନା ଓ ସାମାଜିକ ସୌହାର୍ଦ୍ଦ୍ୟ ବଜାୟ ରଖିବା ଲକ୍ଷ୍ୟରେ ଏକ ବଡ଼ ଶାନ୍ତି ଓ ସଦ୍‌ଭାବନା ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଗତ ବିଧାନସଭା ନିର୍ବାଚନ ସମୟରୁ ଦେଖାଦେଇଥିବା ବିଭିନ୍ନ ଅଶାନ୍ତି ଓ ଅରାଜକତାର ସ୍ଥାୟୀ ସମାଧାନ ପାଇଁ ଗଠିତ ଶାନ୍ତି କମିଟି ପକ୍ଷରୁ ଏହି

**ଯୋଗଦେଲେ ଶତାଧିକ ପୁଲିସ ଓ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ**



ସଭାର ଆୟୋଜନ କରାଯାଇଥିଲା। ଖଦାଲପୋଖରୀ ଗ୍ରାମର ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଗ୍ରାମରେ ଶାନ୍ତିପୂର୍ଣ୍ଣ ପରିବେଶ ଫେରାଇ ଆଣିବା, ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ଭବିଷ୍ୟତରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟେ, ସେଥିପାଇଁ ବିଭିନ୍ନ ପଦକ୍ଷେପ ଓ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ସଭାରେ ଘଣ୍ଟେଶ୍ୱର କଲେଜର ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ନାଥ, ଘଣ୍ଟେଶ୍ୱର ସୁରକ୍ଷା ମଞ୍ଚର ସଭାପତି ତଥା ଆଇନଜୀବୀ ବିକାଶ ନାଥ, ମଞ୍ଚର ସମ୍ପାଦକ ଅଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଗ୍ରାମରେ ଭାଇଚାରା ଓ ସାମାଜିକ ଏକତା ବଜାୟ ରଖିବା ଉପରେ ମତ ରଖିଥିଲେ। ଏହାସହ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ କୁମାର ସାହୁ, ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି, ବାଉଁଶଗଡ଼ା ଥାନାଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆ, ପିରହାଟ ଥାନାଧିକାରିଣୀ ରୋଜାଲିନ୍ ବେହେରା ଏବଂ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ଇନ୍ସପେକ୍ଟର ଅରୂପ କୁମାର ସାମଲଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

ଶାନ୍ତି କମିଟିର ସଭାପତି ଚନ୍ଦ୍ରମଣି ଦାସଙ୍କ ସମେତ କମିଟିର ସଦସ୍ୟମାନେ ମଧ୍ୟ ସଭାରେ ଯୋଗଦେଇ ଗ୍ରାମରେ ଶାନ୍ତି ଓ ସୁରକ୍ଷା ପାଇଁ ଆଗାମୀ ଦିନରେ କିଭଳି ସମସ୍ତଙ୍କୁ ନେଇ ଏକତ୍ରିତ ଭାବେ କାର୍ଯ୍ୟ କରାଯିବ, ସେନେଇ ଆଲୋଚନା କରିଥିଲେ।

ସଭାରେ ପ୍ରାୟ ୩୦୦ ଜଣ ଖଦାଲପୋଖରୀ ଗ୍ରାମବାସୀଙ୍କ ସହ ଶତାଧିକ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଶାନ୍ତି ବଜାୟ ରଖିବା, ଆଇନକୁ ସମ୍ମାନ କରିବା ଏବଂ କୌଣସି ଗୁଜବ କିମ୍ବା ଅପ୍ରୀତିକର ଘଟଣାରେ ଆଇନକୁ ହାତକୁ ନ ନେଇ ପୁଲିସର ସହାୟତା ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଶାନ୍ତି ଓ ସଦ୍‌ଭାବନା ସଭା ମାଧ୍ୟମରେ ଖଦାଲପୋଖରୀ ଗ୍ରାମରେ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ପରିବେଶ ଗଢ଼ିତୋଳିବା ସହ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଏକତାକୁ ଆହୁରି ମଜଭୁତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ପଦକ୍ଷେପ କେତେଦୂର ସଫଳ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଅନ୍ୟ ପାଇଁ ଉଦାହରଣ ଓଡ଼ିଆ ପାଇଲଟ୍ କନିଷ୍କା

ଭଦ୍ରକ, ୪।୯ (ସମିସ): ନାରୀମାନେ ପୁରୁଷଙ୍କଠାରୁ ଆଉ ପଛରେ ନାହାନ୍ତି। ବିଭିନ୍ନ କ୍ଷେତ୍ରରେ ପୁରୁଷଙ୍କୁ ପଛରେ ପକାଇ ନାରୀମାନେ ବହୁ ଆଗକୁ ଯାଇପାରିଛନ୍ତି। ବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ନାରୀମାନେ ନିଜ ପ୍ରତିଭାକୁ ସାଥି କରି ଶୀର୍ଷ ସୋପାନରେ ପହଞ୍ଚିଛନ୍ତି। ଏଭଳି ଜଣେ ଓଡ଼ିଆ ଝିଅ ହେଉଛନ୍ତି ଦିଲ୍ଲୀରେ ଜନ୍ମିତ କନିଷ୍କା ପାତ୍ର। ମାତ୍ର ୧୯ ବର୍ଷ ବୟସରେ ସୁଦୂର ସାଉଥ୍ ଆଫ୍ରିକା ରୁଷ୍ଟେନବର୍ଗସ୍ଥିତ ଜୋହାନ୍ସବର୍ଗରେ ପାଇଲଟ୍ ଭାବରେ ଟ୍ରେନିଂ ନେଉଛନ୍ତି। ସେ ବର୍ତ୍ତମାନ ୧୦ ହଜାର ଫୁଟ୍ ଉଚ୍ଚ ଆକାଶମାର୍ଗରେ ପାଇଲଟ୍ ଭାବେ ଉଡ଼ାଜାହାଜ



ଉଡ଼ାଇବାର ଦକ୍ଷତା ଅର୍ଜନ କରି ପ୍ରଶିକ୍ଷଣ ଏକାଡେମୀ ତରଫରୁ ପୁରସ୍କୃତ ହୋଇଛନ୍ତି। ଏହାକୁ ନିଜର ପେସା ଭାବେ ଗ୍ରହଣ କରି ଅଳ୍ପଦିନ ପରେ ଭାରତ ଫେରି ଆସି କୌଣସି କମ୍ପାନୀରେ ଯୋଗଦେଇ ଉଡ଼ାଜାହାଜ ଉଡ଼ାଇବେ ବୋଲି ସେ କହିଛନ୍ତି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଧୀନ ଷେଣ୍ଡିତିରା ପଞ୍ଚାୟତ ଖଳାଗଡ଼ିଆ ଗାଁର ଉଦ୍ୟୋଗୀ ଯୁବକ ତଥା ନୂଆଦିଲ୍ଲୀସ୍ଥିତ ଦୁସାଦ କନ୍‌ଷ୍ଟ୍ରକ୍ସନ କମ୍ପାନୀ ମ୍ୟାନେଜର ସୁକାନ୍ତ ପାତ୍ର ଓ ସୁପରିତାଙ୍କ ଏକ ମାତ୍ର ଝିଅ କନିଷ୍କା ନୂଆଦିଲ୍ଲୀସ୍ଥିତ ଦ୍ୱାରକା ଏମ୍‌ଏଲ୍ ଖାନ୍ନା ଡିଏଭି ପବ୍ଲିକ୍ ସ୍କୁଲରେ ଅଧ୍ୟୟନ କରିଥିଲେ। ଉକ୍ତ ବିଦ୍ୟାଳୟରେ ସେ ମଧ୍ୟ ଜଣେ ମେଧାବୀ ଛାତ୍ରୀ ଭାବେ ପରିଚିତ ଥିଲେ। ମାଟ୍ରିକ୍ ଓ +୨ରେ ମଧ୍ୟ ସେ ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀଙ୍କୁ ପଛରେ ପକାଇ ଟପ୍ପର ହୋଇପାରିଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ସେ ଶୁକ୍ରବାର ୧୦ହଜାର ଫୁଟ୍ ଉଚ୍ଚତାରେ ଉଡ଼ାଜାହାଜ ଚଳାଇ ନିଜ ଅଞ୍ଚଳ ପାଇଁ ଗୌରବ ଆଣିପାରିଛନ୍ତି। ସେ ଦିଲ୍ଲୀରେ ରାମପାଲ ଚୌକସ୍ଥିତ ବିନୋଦ ଯାଦବ ଆଭିନେସନ ଏକାଡେମୀରେ ପାଇଲଟ୍ ଶିକ୍ଷାଗ୍ରହଣ କରିଥିଲେ। ଏବେ ସପରିବାର ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଅବସ୍ଥାନ କରୁଛନ୍ତି।

### ଭଦ୍ରକ ସହରର ଗଣେଶ ପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ

# ଅକ୍ଟୋବର ୧୧ରୁ ୧୫ ମଧ୍ୟରେ ସମସ୍ତ ମୂର୍ତ୍ତି ବିସର୍ଜନ

ଭଦ୍ରକ, ୪।୯ (ସମିସ)

ଭଦ୍ରକ ସହରର ଗଣେଶ ପୂଜା ଓ ଭସାଣି ଉତ୍ସବ-୨୦୨୬କୁ ଶାନ୍ତିଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ପାଳନ ନିମନ୍ତେ ଗୁରୁବାର ଅପରାହ୍ଣରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ସମସ୍ତ ପୂଜା କମିଟିର ସହଯୋଗ କାମନା କରିଥିଲେ। ଏସ୍‌ପି ମନୋଜ କୁମାର ରାଉତ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତ ପୂଜା କମିଟିକୁ ଅକ୍ଟୋବର ୧୧ରୁ ୧୫ ତାରିଖ ମଧ୍ୟରେ ବିସର୍ଜନ କରିବାକୁ



**କୃତ୍ରିମ ଜଳାଶୟରେ ବିସର୍ଜନ; ଡିଜେ ଉପରେ କଟକଣା**

ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଆଡିସନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମଞ୍ଚାସୀନ ଥିଲେ। ପୂଜା ସମୟରେ ଭିଡ଼ ପରିଚାଳନା, ଶୋଭାଯାତ୍ରାର ସୁପରିଚାଳନା ଓ ମେଢ଼ର ଉଚ୍ଚତା ସମ୍ପର୍କିତ ନିୟମ ପାଳନ କରାଯିବ। ଅସାମାଜିକ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରହିବ ଏବଂ ବେଆଇନ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପୂଜା କମିଟି ପ୍ରତି ବର୍ଷ ପରି ଶୋଭାଯାତ୍ରା ପାଇଁ ପ୍ରଶାସନଠାରୁ ଅନୁମତି ନେବେ। ଡିଜେ ବ୍ୟବହାର ଓ ଉଚ୍ଚ ଶବ୍ଦ ଉପରେ କଟକଣା ରହିବ। ଜାତୀୟ ସବୁଜ ପ୍ରାଧିକରଣଙ୍କ ଆଦେଶ ଅନୁଯାୟୀ, ପ୍ରାକୃତିକ ଜଳାଶୟ, ନଦୀ, ଘାଟ ଓ କେନାଲରେ ବାସିଫୁଲ, ଫଳ, ପତ୍ର ଓ ପୂଜା ସାମଗ୍ରୀ ପକାଇବା ମନା। କୃତ୍ରିମ ଜଳାଶୟରେ ମୂର୍ତ୍ତି ବିସର୍ଜନ କରାଯିବ ଏବଂ ନଦୀ ଘାଟଠାରୁ ୧୦୦ ମିଟର ମଧ୍ୟରେ ସଚେତନତା ଫଳକ ଲଗାଯିବ। ଭସାଣି ଶୋଭାଯାତ୍ରା ପାଇଁ ଆଲୋକ ବ୍ୟବସ୍ଥା, ରାସ୍ତା ମରାମତି ଓ ସଫେଇ, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆମ୍ବୁଲାନ୍ସ ସହ ମେଡିକାଲ ଟିମ୍, ଅଗ୍ନିଶମ ବିଭାଗ ଦ୍ୱାରା ଆବଶ୍ୟକ ବ୍ୟବସ୍ଥା, ଯାନବାହନ ଚଳାଚଳ ନିୟନ୍ତ୍ରଣ ଓ ବିଦ୍ୟୁତ୍ ବିଭାଗ ଦ୍ୱାରା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଗଣେଶ ପୂଜା କମିଟିର ସଭାପତି/ସମ୍ପାଦକ ଓ ଶାନ୍ତି କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ● ମା’ ସାରଦା ଦେବୀ +୩ ମହାବିଦ୍ୟାଳୟରେ ଅଶାନ୍ତି

## ୭ ମାସର ଦରମା ବକେୟାକୁ ନେଇ ଅଧ୍ୟାପକଙ୍କ ମଧ୍ୟରେ ବିବାଦ

ଅସୁରାଳି, ୪।୯ (ସମିସ): ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ କୋଠାରସ୍ଥିତ ମା’ ସାରଦା ଦେବୀ +୩ ମହାବିଦ୍ୟାଳୟରେ ଦୀର୍ଘଦିନ ହେବ ଆର୍ଥିକ ଅଚଳାବସ୍ଥା ଏବଂ ପ୍ରଶାସନିକ ଅନିଶ୍ଚିତତା ଯୋଗୁଁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଘନେଇବାରେ ଲାଗିଛି। ଏପରିକି ଏହି ବିବାଦ ଥାନା ପର୍ଯ୍ୟନ୍ତ ଯାଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ପ୍ରାୟ ୮ ମାସ ପୂର୍ବରୁ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ

**ଅଧ୍ୟାପକଙ୍କ ନାମରେ ବେନାମୀ ଧମକପୂର୍ଣ୍ଣ ଚିଠି; ଥାନାରେ ଅଭିଯୋଗ**

ଭାରତୀ ନିଜ ପଦବୀରୁ ଓହରିଯିବା ପରେ ଭଦ୍ରକ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରଶ୍ମିକାନ୍ତ ନନ୍ଦ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ତାଙ୍କୁ ଆର୍ଥିକ କ୍ଷମତା (ଫାଇନାନ୍ସିଆଲ୍ ପାୱାର) ପ୍ରଦାନ କରାଯାଇ ନ ଥିବାରୁ ମହାବିଦ୍ୟାଳୟର ସମସ୍ତ ଆର୍ଥିକ ଦେଣନେଣ ବନ୍ଦ ରହିଛି। ଫଳରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ କ୍ରମାଗତ ଭାବେ ୭ ମାସ ହେବ କୌଣସି ଦରମା ପାଇପାରି ନାହାନ୍ତି। ଦୀର୍ଘଦିନ ଧରି ଦରମା ମିଳି ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅଶାନ୍ତି ବୃଦ୍ଧି ପାଇବା ସହ ଶେଷରେ ଏହା ଅଧ୍ୟାପକମାନଙ୍କ ମଧ୍ୟରେ ପରସ୍ପର ବିବାଦର ରୂପ ନେଇଛି।

ମହାବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ଦାସଙ୍କୁ ଅନ୍ୟ ଜଣେ




ଅଧ୍ୟାପକ ପଙ୍କଜ ମହାପାତ୍ର ବେନାମୀ ଚିଠି ମାଧ୍ୟମରେ ବିଭିନ୍ନ ପ୍ରକାର ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଅଧ୍ୟାପକ ହିମାଂଶୁ ଦାସ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ପଙ୍କଜ ମହାପାତ୍ରଙ୍କୁ ଥାନାକୁ ଆଣି ଘଟଣାର ତଦନ୍ତ ଜାରି ରଖିଛି। ବିଶେଷକରି ଏହା ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଏପରି ଗମ୍ଭୀର ସମସ୍ୟା ଓ ଅନ୍ତଃକନ୍ଦଳକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଶିକ୍ଷାନୁଷ୍ଠାନର ଏ ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ଆର୍ଥିକ ଅନ୍ତଃବୈଷମ୍ୟ ଦୂର କରିବା ଏବଂ ଦରମା ପ୍ରଦାନ ପାଇଁ ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି।

## ଗ୍ରାମ୍ୟରାସ୍ତାରେ ଭାରୀଯାନ ଚଳାଚଳକୁ ବିରୋଧ

# ଓଏମ୍‌ସିରୁ ଲୁହାପଥର ପରିବହନ ପ୍ରଭାବିତ

କେନ୍ଦୁଝର,୪।୯ (ସମିସ)

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ତଳକଇଁସାରୀ ଗ୍ରାମ ରାସ୍ତା ଦେଇ ଭାରୀଯାନ ଚଳାଚଳକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଫଳରେ ଗତ ୩ ଦିନ ହେବ ଉକ୍ତ ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶୁଆକାଟୀସ୍ଥିତ ଓଏମ୍‌ସି ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ଦୈନିକ ଶହ ଶହ ଟ୍ରକ ତଳକଇଁସାରୀ ଗ୍ରାମ୍ୟ ରାସ୍ତାରେ ଚଳାଚଳ ଯୋଗୁ ଧୂଳି, ଧୂଆଁ ହେବା ସହ ଜଳ ଓ ବାୟୁ ପ୍ରଦୂଷଣ ହେଉଛି। ଓଏମ୍‌ସି ଲୁହାପଥର ବୋଝେଇ ଟ୍ରକ ଚଳାଚଳ ପାଇଁ ବିକଳ୍ପ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ତଳକଇଁସାରୀ ଗ୍ରାମବାସୀ କେନ୍ଦ୍ର ସରକାରଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁଯାୟୀ, ତଳକଇଁସାରୀ ଗ୍ରାମ୍ୟ ରାସ୍ତାରେ ଗାଡି ଚଳାଚଳ ଯୋଗୁଁ ବାୟୁ ପ୍ରଦୂଷଣ ହେଉଛି ଏବଂ ରାସ୍ତା ଉପରେ ଲୁହାପଥର ଗୁଣ୍ଡ ପଡି ବର୍ଷା ପାଣିରେ ଧୋଇ ନିକଟସ୍ଥ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଗ୍ରାମବାସୀଙ୍କ ସୁରକ୍ଷା ବିପନ୍ନ ହେବା ସହ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ସ୍କୁଲ ଛାତ୍ରଛାତ୍ରୀ ଏବଂ ବୃଦ୍ଧ ବ୍ୟକ୍ତି ନାନାଦି ସମସ୍ୟାରେ ପଡିବା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାକୁ ନେଇ ଗତ ୨୪ ତାରିଖରେ ଗ୍ରାମବାସୀ ଜିଲ୍ଲାପାଳ, କେନ୍ଦୁଝର ବନଖଣ୍ଡ ଅଧିକାରୀ, ରାଜ୍ୟ



ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ସମସ୍ୟା ନେଇ କେହି ନ ଶୁଣିବାରୁ ପରିବେଶବିତ୍ ତଥା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଭୁବନେଶ୍ୱର କାର୍ଯ୍ୟାଳୟକୁ ଚିଠି କରି ଏ ଦିଗରେ ପଦକ୍ଷେପ ନେବା ସହ ଲୋକଙ୍କ ଜୀବନଜୀବିକା ଓ ଚାଷଜମିର ସୁରକ୍ଷା କରିବାକୁ ଜିଲ୍ଲା ପ୍ରଶାସନକୁ ଆଦେଶ କରିବାକୁ କହିଥିଲେ।

ଗତ ୧ତାରିଖରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବଙ୍କୁ ଚିଠି କରି ପଦକ୍ଷେପ ନେବାକୁ କହିଛନ୍ତି। ଗ୍ରାମ୍ୟ ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ମଣିଷ ଏବଂ ଗୃହପାଳିତ ପଶୁ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାବ୍ୟତୀତ ଗ୍ରାମ୍ୟ ରାସ୍ତା ପାଶ୍ୱର୍ ବେସରକାରୀ ଜମି ଅଧିଗ୍ରହଣ ନ କରି ଏବଂ ଲୋକଙ୍କୁ କ୍ଷତିପୂରଣ ନ ଦେଇ ରାସ୍ତା ଚଉଡା କରାଯାଉଛି। ତଳକଇଁସାରୀ ଗ୍ରାମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଶତାଧିକ ପରିବାର ବସବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁଣ୍ଡା, ପାଉଡିଭୂୟାଁ ସମ୍ପ୍ରଦାୟର ଅଟନ୍ତି। ଚାଷ ଜମିରେ ଲୌହ ମିଶ୍ରିତ ଲାଲ ପାଣି ମିଶୁଥିବାରୁ ଜମିର ଉର୍ବରତା ନଷ୍ଟ ହେବା ସହ ଚାଷ କଲେ କମ୍ ଉତ୍ପାଦନ ହେଉଛି। ଖଣି ବର୍ଜ୍ୟବସ୍ତୁ ବର୍ଷା ଦିନରେ ଧୋଇ ଆସି ବିଲ, ନାଳରେ ମିଶି ଜଳ ପ୍ରଦୂଷିତ କରୁଛି। ଖରା ଏବଂ ଶୀତ ଦିନରେ ଗାଡି ଚଳାଚଳ ବେଳେ ଧୂଳି ଉଡି ଘର,ପୋଖରୀ ଉପରେ ପଡୁଛି। ପୋଖରୀ ଏବଂ ନାଳରେ ଧୂଳିର ଆସ୍ତରଣ ବସି ରହୁଥିବାରୁ ଏଠାରେ ଗାଧୋଉଥିବା ଲୋକ ବିଭିନ୍ନ ଜଳ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗାଁ ରାସ୍ତାରେ ଭାରୀଯାନ ଚଳାଚଳ ନ କରିବାକୁ ଗାଁ ଲୋକ ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣିର ଆଞ୍ଚଳିକ ପରିଚାଳକଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ କରିଛନ୍ତି। ଲୁହାପଥର ପରିବହନ ପାଇଁ ଏକ ସ୍ୱତନ୍ତ୍ର ରାସ୍ତା କରିବାକୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଖଣିଜ ପଥର ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ କରି ଗ୍ରାମ୍ୟ ରାସ୍ତାରେ ଗାଡି ଚଳାଚଳ କରୁଥିବାରୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି ବୋଲି ଆଇନଜୀବୀ ଶଙ୍କର ପ୍ରସାଦ ପାଣି କହିଛନ୍ତି। ତଳକଇଁସାରୀ ଗ୍ରାମ୍ୟ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ସହ କ୍ଷତିଗ୍ରସ୍ତ ଚାଷ ଜମିର ପୁନରୁଦ୍ଧାର ଏବଂ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି। କରିଛନ୍ତି। ଶୁଆକାଟିସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣିର ଆଞ୍ଚଳିକ ପରିଚାଳକ ପଙ୍କଜ ମହାନ୍ତ କହିଛନ୍ତି, ଲୋକମାନେ ଗ୍ରାମ୍ୟ ରାସ୍ତାରେ ଗାଡି ଚଳାଚଳକୁ ବିରୋଧ କରି ଆନ୍ଦୋଳନ କରୁଛନ୍ତି। ଓଏମ୍‌ସି ପକ୍ଷରୁ ଉକ୍ତ ଗ୍ରାମ୍ୟ ରାସ୍ତାର କଂକ୍ରିଟକରଣ କରିବା ସହ ରକ୍ଷଣାବେକ୍ଷଣ କାମ କରାଯାଉଛି। ପୂର୍ବରୁ ଲୋକମାନଙ୍କ ସହମତିରେ ଗାଡି ଚଳାଚଳ କରୁଥିଲା। କେବଳ ଉକ୍ତ ରାସ୍ତାରେ ଖାଲି ଗାଡି ଚଳାଚଳ କରୁଛି।

# ଶ୍ରୀନୃସିଂହ ନାରାୟଣ ରାସପାର୍ଟିରେ ଜନ୍ମାଷ୍ଟମୀ



ଆନନ୍ଦପୁର, ୪।୯ (ସମିସ): ଆନନ୍ଦପୁର ଶ୍ରୀ ନୃସିଂହନାରାୟଣ ରାସ ପାର୍ଟିରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ପୂଜକ ଗୌରଚନ୍ଦ୍ର ମିଶ୍ରଙ୍କ ବେଦପାଠ ଓ ସତ୍ୟବ୍ରତ ରାମ ସଂକଳ୍ପରେ ଆହୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର କଳାକାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ରାସ ପାର୍ଟି ଉପଦେଷ୍ଟା ନାରାୟଣ ଚନ୍ଦ୍ର ଶା ନାରାୟଣ ସାମଲ ସନ୍ତୋଷ ସିଂହ ଶ୍ରୀଧର ଖୁଣ୍ଟିଆ ରମାକାନ୍ତ ନାୟକ ମଦନ ପାଣି ମନରଞ୍ଜନ ମହାପାତ୍ର ହରିହର ଜେନା ମଦନ କୁଣ୍ଡ ଗୌରାଙ୍ଗ ବେହେରା ବୁବୁଲ ଚାନ୍ଦ ବାପୁ ମିଶ୍ର କାନ୍‌ହା ଭଟାଚାର୍ଯ୍ୟ ନ୍ଦିରଣ ପାଢ଼ୀ ଗୌରାଙ୍ଗ ବେହେରା ଦେବେନ ଦାସ ରବୀନ୍ଦ୍ର ପାତ୍ର ପଦ୍ମନାଭ ପାତ୍ର ରୋଶନ କୁମାର ବରାଳ ସୁରେଶ କୁମାର ସାହୁ ରାସ ସଂଗୀତ ପରିବେଷଣ କରିଥିଲେ।

# ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ ଓ ଜନ୍ମାଷ୍ଟମୀ ପାଳିତ

ଶୁଳିଆପଦା,୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଦେଉଳିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଓ ୩୩ତମ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଭକ୍ତି ଓ ଆଡମ୍ବର ସହକାରେ ପାଳନ କରାଯାଇଛି। ଏ ଅବସରରେ ଅନୁଷ୍ଠାନର କୁନି କୁନି ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ ଓ ରାଧା ବେଶରେ ସଜ୍ଜିତ ହୋଇ ମନମୋହକ ନାଚ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୀତ ସହିତ ପିଲାଙ୍କ ନୃତ୍ୟର ତାଳେ ତାଳେ ସମଗ୍ର ପରିବେଶ ଭକ୍ତିମୟ ହୋଇ ଉଠିଥିଲା।

ଉପସ୍ଥିତ ଦର୍ଶକ ଝୁମିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ମନୋଜ କୁମାର ବେହେରା, ପରିଚାଳନା ନିର୍ଦ୍ଦେଶିକା ଚନ୍ଦ୍ରିକା ପୋଥାଳ, ସମସ୍ତ ଗୁରୁଜୀ, ଗୁରୁମା ଓ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଥିଲା। ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ ନାଏକ, ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରଣ ଭୋଳ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓଡା, ଶିକ୍ଷାବିତ ଆଦିତ୍ୟପଣ୍ଡା, ସମାଜସେବୀ ଅନ୍ତର୍ଯ୍ୟାମୀ କାନୁନଗୋ, ମଣ୍ଡଳ ସଭାପତି ମନୋଜ ଦାଁ, ଶୁଳିଆପଦା +୨ ମହାବିଦ୍ୟାଳୟର ଅଧକ୍ଷ ଶୋଭାକର ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ମନୋଜ ପଣ୍ଡା, ରଞ୍ଜନ କୁମାର ଦାଶ, ଦୀପକ କୁମାର ନାୟକ, ସାରଦା ପ୍ରସାଦ ବାରିକ, ଜୟନ୍ତ ଧଡା, ସତ୍ୟ ମହାପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।



# କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମେହେର ଜୟନ୍ତୀ

କରଞ୍ଜିଆ,୪।୯ (ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ତମ ଜୟନ୍ତୀ ଅବସରରେ ଆଲୋଚନାଚକ୍ର ଓ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ମିଲନ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ଇଂରାଜୀ ବିଭାଗ ମୁଖ୍ୟ ଡକ୍ଟର ଅବନୀକାନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରାଚ୍ୟ ସଂସ୍କୃତି ପ୍ରୀତି, ସ୍ୱାଭିମାନ ଓ ସାହିତ୍ୟ ସାଧନାର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ କବି ଓ କଥାକାର ମିତ୍ରଭାନୁ ତନ୍ତୀ ଗଙ୍ଗାଧର ମେହେରଙ୍କ କାବ୍ୟକବିତାରେ ପ୍ରକୃତି ଚିତ୍ରଣର ଅନନ୍ୟ କୌଶଳ ଓ ମାନବୀୟ ସମବେଦନାର ସ୍ୱରୂପ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

ସେହିପରି ଆଭାସୀ ମାଧ୍ୟମରେ ଯୋଗଦେଇ ଚିତାଲୋ ଡିଗ୍ରୀ କଲେଜ, ଯାଜପୁରର ଓଡ଼ିଆ ବିଭାଗ ମୁଖ୍ୟ ତଥା ବିଶିଷ୍ଟ କଥାକାର ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ ଗଙ୍ଗାଧର ମେହେରଙ୍କୁ "ଆଲୋକ ଓ ଅମୃତର କବି' ଓ ଓଡ଼ିଆ ଜାତି ଅସ୍ମିତାର ଅନନ୍ୟ ପ୍ରତୀକ ଓ ମାର୍ଗଦର୍ଶକ ଭାବେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମକୁ ଚାରିଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟ କୃତିକୁ ନେଇ ମହାବିଦ୍ୟାଳୟର +୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ଉଦ୍‌ଘାଟନୀ ପର୍ଯ୍ୟାୟରେ ମୁଖ୍ୟଅତିଥି ଅଗ୍ରପୂଜ୍ୟ ଶ୍ରୀଗଣେଶ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପରେ ସଦ୍ୟ ପ୍ରୟାତ ପ୍ରଥିତଯଶା କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଓ ସାହିତ୍ୟିକ ଗିରି ଦଣ୍ଡସେନାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ମୁଖ୍ୟବକ୍ତାଙ୍କ ସମେତ ଅଧ୍ୟାପକ-ଅଧ୍ୟାପିକା ପୂଜାଶ୍ରୀ ସେଠୀ, ସନ୍ଧ୍ୟାରାଣୀ ନାଏକ, ସଞ୍ଜୟ କୁମାର ମୁଣ୍ଡା, ଡକ୍ଟର ନରେନ୍ଦ୍ର କୁମାର ପାତ୍ର ଓ ଗବେଷକ ସୁଦର୍ଶନ ସାହୁ ଗଙ୍ଗାଧର ମେହେରଙ୍କ କାବ୍ୟ କବିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ମୃତି, ସ୍ୱାଗତିକା, ପ୍ରତୀମା, ସତ୍ୟବ୍ରତ, ଗୀତାଞ୍ଜଳି ଓ ଗାୟତ୍ରୀ ପ୍ରମୁଖ ଗଙ୍ଗାଧର ମେହେରଙ୍କ ସାହିତ୍ୟକୃତି ଉପରେ ନିଜସ୍ୱ ନିବନ୍ଧ ଉପସ୍ଥାପନ କରିଥିଲେ। କୁଇଜ୍ ପ୍ରତିଯୋଗିତା ଓ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପାଠଚକ୍ର ସମ୍ପାଦିକା ସ୍ୱାଗତିକା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ● ଅର୍ଜୁନବିଲ୍ଲା ପଞ୍ଚାୟତରେ ହାତୀ ଉପଦ୍ରବ

# ବ୍ୟାପକ ଫସଲ ନଷ୍ଟ, ଚିନ୍ତାରେ ଚାଷୀ





ଖୁଣ୍ଟିଂ,୪।୯ (ସମିସ): ଶୁକୁଳି ବ୍ଲକର ଅର୍ଜୁନବିଲ୍ଲା ପଞ୍ଚାୟତ ଅନ୍ତର୍ଗତ ବରଦାପାଳ, ଶିଆଳି ଗୋଠାଣି, ଆଦିପୁର ପ୍ରଭୃତି ମୌଜାରେ ୯ ଟିକିଆ ହାତୀପଲର ଉପଦ୍ରବ ଦେଖିବାକୁ ମିଳିଛି। ବୈତରଣୀ ନଦୀ କୂଳବର୍ତ୍ତୀ ଏହି ଗ୍ରାମର ଚାଷୀ ବର୍ଷ ସାରା ବିଭିନ୍ନ ଫସଲ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଆଜି ବଡିଭୋରରୁ ବରଦାପାଳ ମୌଜା ପରିସୀମାରେ ଥିବା ଶିଆଳିଗୋଠାଣି ଗ୍ରାମର ମିତ୍ରଭାନୁ ବେହେରା, ଶିରିଶ ଚନ୍ଦ୍ର ବେହେରା, ପ୍ରସନ୍ନ ବେହେରା, ବିପିନ ବିହାରୀ ବେହେରା ଓ ସତ୍ୟାନନ୍ଦ ବେହେରା ପ୍ରମୁଖ ଚାଷୀଙ୍କ ୧୫ ଏକରରୁ ଉର୍ଦ୍ଧ୍ୱ ତଳିରୁଆ ଧାନ କିଆରୀରେ ହାତୀପଲ ଦଳିଚକଟି ଚାଲି ଯାଇଥିବାରୁ ତାହା ନଷ୍ଟ ହୋଇଯାଇଛି। ଏଥିସହିତ ଆଦିପୁର ମୌଜାର ସହଦେବ ମୁଣ୍ଡା ପ୍ରମୁଖ କ୍ଷୁଦ୍ର ଓ ନାମମାତ୍ର ଚାଷୀ କିଛି ଅର୍ଥ ରୋଜଗାର କରିବା ଆଶାରେ ପ୍ରାୟ ୧୦ ଏକର ପରିମିତ ନିଜ ଟିଂକଟଭୁକ୍ତ ପଡିଆ ଜମିରେ ବୋଇତି କଖାରୁ ଚାଷ କହିଥିଲେ। ମାତ୍ର ଏହି ହାତୀପଲ ଫୁଲ, ଫଳ ଧରିବା ଅବସ୍ଥାରେ ଥିବା ଏହି ଫସଲକୁ ଖାଇବା ସହିତ ଦଳି ନଷ୍ଟ କରିଦେଇଛନ୍ତି। ହାତୀଙ୍କ ଦ୍ୱାରା ଏହି ବ୍ୟାପକ କ୍ଷୟକ୍ଷତି ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଅନୁକମ୍ପା ରାଶି ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

# ୪୦ ମେଟ୍ରିକ ଟନ୍ ଲୁହାପଥର ସହ ଗାଡ଼ି ଜବତ

ଯୋଡ଼ା/ବଡ଼ବିଲ, ୪।୯ (ସମିସ): ଖଣି ବିଭାଗ ପକ୍ଷରୁ ଯାଞ୍ଚ ବେଳେ ପ୍ରାୟ ୪୦ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ଏକ ଗାଡ଼ିକୁ ଜବତ କରାଯାଇଛି। ଜବତ ଗାଡ଼ିର ନମ୍ବର ହେଉଛି ଓଡି୦୯ ଜେଡ୍ ୪୮୪୬। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨ ତାରିଖ ରାତ୍ରି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ବଡ଼ବିଲ ବେଲକୁଣ୍ଡିସ୍ଥିତ ଜେଆରସି ରେଳ ସାଇଡିଂ ନିକଟରେ ଖଣି ବିଭାଗର ଅଧିକାରୀମାନେ ଯାଞ୍ଚ କରୁଥିବା ବେଳେ ଏହି ଗାଡ଼ିଟି ଧରାପଡ଼ିଥିଲା। ଗାଡ଼ିରେ ପ୍ରାୟ ୪୦ ମେଟ୍ରିକ ଟନ୍ ଉଚ୍ଚ ମାନର ଲୁହାପଥର ବୋଝେଇ ଥିବା ଜଣାପଡ଼ିଛି। ଖଣି ବିଭାଗ ପକ୍ଷରୁ ଗାଡ଼ିଟିକୁ ଜବତ କରାଯାଇ ଘଟଣାର ତଦନ୍ତ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ଜାରି ରହିଛି। ନିୟମ ଉଲ୍ଲଂଘନ ହୋଇଥିଲେ ସମ୍ପୃକ୍ତ ଗାଡି ଓ ଏହାର ମାଲିକ ବିରୋଧରେ ଖଣି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି। ଯୋଡ଼ା ଖଣି ବିଭାଗର ଏକ ଚାରି ଜଣିଆ ଟିମ୍ ବଡବିଲ ରେଳ ସାଇଡିଙ୍ଗରେ ଉକ୍ତ ଅତର୍କିତ ଚଢ଼ଉ କରିଥିଲେ। ଜବତ ଲୁହାପଥରର ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିବା ବେଳେ ଖଣି ବିଭାଗ ତଦନ୍ତକୁ ବ୍ୟାପକ କରିଛି।

# ଗୋହିରା ଛକରେ ଦୁଇ ବାଇକ୍ ମୁହାଁମୁହିଁ

ଆନନ୍ଦପୁର, ୪।୯ (ସମିସ): ୨୦ ନମ୍ବର ଜାତୀୟ ରାଜପଥର ଗୋହିରା ଛକରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତରଙ୍କ ସହ ତିନି ଜଣ ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଳଗାଆଁ ଗ୍ରାମର ଅର୍ଜୁନ ଜେନା, ଗୋବର୍ଦ୍ଧନ ପାତ୍ର, ଅଭି ଦାସ ଗୋହିରା ହାଟରୁ ଟୁକୁଣା ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଓସ୍ତପୁରା ମିଲ ସାହି ଗୋହିରାରୁ କାମ ସାରି ଫେରୁଥିବା ସମୟରେ ଏଭଳି ଦୁର୍ଘଟଣା ହୋଇଥିଲା।


# ଠକେଇ ଅଭିଯୋଗରେ ଯୁବକ ଗିରଫ

ତୁରୁମୁଙ୍ଗା, ୪।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ଠକେଇ ଅଭିଯୋଗରେ ଭୁବନେଶ୍ୱରରୁ ଜଣେ ଯୁବକକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଯାଜପୁର ଜିଲ୍ଲା ମଙ୍ଗଳପୁର ଗ୍ରାମର ସତ୍ୟଜିତ ଘଡେଇ (୩୬)। ତୁରୁମୁଙ୍ଗା ଥାନା ବଡ ଗମ୍ଭାରିଆ ଗ୍ରାମର ନିତ୍ୟାନନ୍ଦ ମହାପାତ୍ରଙ୍କୁ ଏକ ୧୪ଚକିଆ ଟ୍ରକ ୨୫ ଲକ୍ଷ ୬୦ ହଜାରରେ କରାଇଦେବ କହି ୪ ବର୍ଷ ତଳୁ ଅଗ୍ରୀମ ୨ ଲକ୍ଷ ଟଙ୍କା ନେଇଥିଲା। ମାତ୍ର ଗାଡି ଦେଇ ନଥିଲା। ଏନେଇ ବାରମ୍ବାର ତାଙ୍କୁ ହଇରାଣ କରିବା ପରେ ନିତ୍ୟାନନ୍ଦ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଗୁରୁବାର ଏକ ଟିମ ଭୁବନେଶ୍ୱର ଯାଇ ବରଗଡ଼ ଥାନାଞ୍ଚଳରୁ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସତ୍ୟଜିତ ଘଡେଇଙ୍କ ନାମରେ ପୂର୍ବରୁ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଥାନାରେ ଏକାଧିକ ଠକେଇ ମାମଲା ଥିବା ପୁଲିସ ସୂଚନା ଦେଇଛି। ଏଏସଆଇ ସୁଜାତା ମହାନ୍ତ ତଦନ୍ତ କରୁଛନ୍ତି।



# ଯୋଡ଼ା ପୌରପାଳିକା ପାଇଁ ବିଧାୟକଙ୍କ ପ୍ରତିନିଧି ନିଯୁକ୍ତ

ଯୋଡ଼ା, ୪।୯ (ସମିସ): ଯୋଡ଼ା ପୌରପାଳିକାରେ ନିଜର ପ୍ରତିନିଧି ଭାବେ ଚତୁର୍ଭୁଜ ପଲେଇଙ୍କୁ ନିଯୁକ୍ତ କରିବା ପାଇଁ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସୁପାରିସ କରିଛନ୍ତି। ଏନେଇ ବିଧାୟକଙ୍କ ପକ୍ଷରୁ ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ପତ୍ର ଦିଆଯାଇଛି।ୟ ବାଂଶପାଣି ଅଞ୍ଚଳର ବାସିନ୍ଦା ଚତୁର୍ଭୁଜ ପଲେଇ ବିଧାୟକଙ୍କ ଅନୁପସ୍ଥିତିରେ ଯୋଡ଼ା ପୌରପାଳିକା ସମ୍ବନ୍ଧୀୟ ସରକାରୀ ବୈଠକରେ ଯୋଗଦେବା ସହ ବିଭିନ୍ନ ସରକାରୀ ଚିଠିପତ୍ର ଓ ଯୋଗାଯୋଗ କାର୍ଯ୍ୟରେ ବିଧାୟକଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେପ୍ଟେମ୍ବର ୩, ୨୦୨୬ରେ ଜାରି ହୋଇଥିବା ଏହି ପତ୍ରରେ ବିଧାୟକ ମହାକୁଡ଼ ଆବଶ୍ୟକ ପଦକ୍ଷେପ ନେବାକୁ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।



# ଦିଲ୍ଲୀପ ପାତ୍ର ଚିତ୍ରଡା ଫାଣ୍ଡି ନୂଆ ଅଧିକାରୀ

ମୋରଡା,୪।୯ (ସମିସ): ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ଗୁରୁବାର ଏଏସଆଇ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ତେବେ ମଦ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ରଖିଥିବା ଅଭିଯୋଗରେ ଏସ୍‌ପି ଚିତ୍ରଡାରେ ସେହି ସମୟରେ କାର୍ଯ୍ୟରତ ଥିବା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ତେବେ ମୋରଡା ଥାନାରେ ରୁଜୁ ହେଉଥିବା ମାମଲାର ୬୦ ପ୍ରତିଶତ ଚିତ୍ରଡା ଫାଣ୍ଡି ଅଞ୍ଚଳର ଘଟଣା ରହିଥାଏ। ଦୀର୍ଘଦିନ ଧରି ଫାଙ୍କା ପଡିଥିବା ଫାଣ୍ଡି ଅଧିକାରୀଙ୍କ ପଦବୀକୁ ବଡ଼ସାହି ଥାନା ଏଏସଆଇ/୪୬ ଦିଲ୍ଲୀପ କୁମାର ପାତ୍ରଙ୍କୁ ନୂତନ ଦାୟିତ୍ୱ ଦେଇଥିବା ନେଇ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୮୮୭/୩।୯।୨୬ରେ ଉଲ୍ଲେଖ କରାଯାଇଛି।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

# ବାଲିଡିହାରେ ବିଦ୍ୟୁତ୍ ସଂଯୋଗ ଦାବିକୁ ମାସେ ପୂରିଲା

ଠାକୁରମୁଣ୍ଡା/ମହୁଲଡିହା, ୪।୯ (ସମିସ)

ଦୀର୍ଘଦିନ ଧରି ବିଦ୍ୟୁତ ଆଲୋକରୁ ବଞ୍ଚିତ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ବାଲିଡିହା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଗତ ଜୁଲାଇ ୨୯ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ବିଦ୍ୟୁତ ସଂଯୋଗୀକରଣ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ଗ୍ରହଣ କରି ଜିଲ୍ଲାପାଳ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ବାରିପଦା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକୁ ଇତିମଧ୍ୟରେ ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ନା ଅଧିକାରୀ ଗ୍ରାମକୁ ଆସିଛନ୍ତି, ନା ସମସ୍ୟାର ସମାଧାନ ପାଇଁ କୌଣସି କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ଗ୍ରାମବାସୀଙ୍କ ମନରେ ପ୍ରଶ୍ନ ଉଠିଛି ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ମୂଲ୍ୟ କ'ଣ? ଯଦି ସମ୍ପୃକ୍ତ ବିଭାଗ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରିବ? ତେବେ ଆମେ କାହା ପାଖରେ ଅଭିଯୋଗ କରିବୁ ବୋଲି ପ୍ରଶ୍ନ କରିଛନ୍ତି। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ବାଲିଡିହା ଗ୍ରାମରେ ବିଦ୍ୟୁତ ଭଳି ମୌଳିକ ସୁବିଧା ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଘରୋଇ କାର୍ଯ୍ୟ, ମୋବାଇଲ ଚାର୍ଜିଂ, ସରକାରୀ ଅନଲାଇନ ସେବା ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ, ଦାବିପତ୍ର ଦେଲେ ନିର୍ଦ୍ଦେଶ ମିଳୁଛି, ନିର୍ଦ୍ଦେଶ ମିଳିଲେ ମଧ୍ୟ କାମ ହେଉନାହିଁ। ତେବେ ସାଧାରଣ ଲୋକେ ନିଜ ସମସ୍ୟା ନେଇ କାହା ପାଖକୁ ଯିବେ? ଏ ନେଇ ବିଦ୍ୟୁତ ବିଭାଗର ନିଷ୍କ୍ରିୟତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯଦି ବିଭାଗୀୟ ଅଧିକାରୀ ଏଭଳି ନିରବ ରହନ୍ତି, ତେବେ ଏହା କେବଳ ବିଭାଗୀୟ ଅବହେଳା ନୁହେଁ, ବରଂ ପ୍ରଶାସନିକ ନିର୍ଦ୍ଦେଶର ଅବମାନନା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ତୁରନ୍ତ ବାଲିଡିହାକୁ ବିଦ୍ୟୁତ ସଂଯୋଗ ଦେବା ସହ ଏହି ମାମଲାରେ ବିଳମ୍ବ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରି କଡ଼ା ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ବ୍ୟବସାୟ ଆରମ୍ଭ କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କର୍କଟ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି।

**ସିଂହ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅତିଥି ସତ୍କାର କରିପାରନ୍ତି। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ଛାତ୍ରଛାତ୍ରୀଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳମନସ୍କ ହେବେ। ଅନ୍ୟମାନଙ୍କୁ କଷ୍ଟ ଦେବା ପରି କଥା କୁହନ୍ତୁନି। ଧୈର୍ଯ୍ୟ ରଖି କାମ କରନ୍ତୁ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କର୍ମଚଞ୍ଚଳ ରହିବେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମକର:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୬୬୬- ଲଣ୍ଡନରେ ଭୟାବହ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୩,୨୦୦ ଘର ନଷ୍ଟ ହେବା ସହ ଆଠ ଜଣଙ୍କ ମୃତ୍ୟୁ।
- ୧୮୩୯- ଚୀନ୍‌ରେ ପ୍ରଥମ ଅଫିମ ଯୁଦ୍ଧ ଆରମ୍ଭ।
- ୧୯୨୦-ମେକ୍ସିକୋରେ ରାଷ୍ଟ୍ରପତି ନିର୍ବାଚନ ଆରମ୍ଭ।
- ୧୯୯୧- ନେଲସନ୍ ମଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ନିର୍ବାଚିତ।
- ୧୯୯୭- ମଦର ଟେରେସାଙ୍କ ପରଲୋକ।

# ଗୁରୁ ହିଁ ସାକ୍ଷାତ ଈଶ୍ୱର



ଭାରତବର୍ଷରେ ଗୁରୁଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ। କେବେ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା । ସାଧାରଣ ଛାତ୍ରଟିକୁ ଅସାଧାରଣ କରିବାର ଶକ୍ତି ତାଙ୍କ ପାଖେ। କଞ୍ଚାମାଟି ପିଣ୍ଡୁଳାକୁ ସୁନ୍ଦର ପ୍ରତିମା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ। ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପାଠ ଠାରୁ ଖେଳକୁଦ ପୁଣି ନୃତ୍ୟ, ସଙ୍ଗୀତ, ଅଭିନୟ, ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁଙ୍କ ଯୋଗଦାନ ଲୋଡ଼ାଥାଏ । ଛାତ୍ରର ମାର୍ଗଦର୍ଶକ ସାଜି ଭଲ ମଣିଷ ରୂପେ ଗଢ଼ିତୋଳିବାରେ ଗୁରୁଙ୍କ ଭୂମିକା ସର୍ବାଗ୍ରେ। ଭାରତୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ। ଅତୀତରେ ଗୁରୁକୁଳ ଆଶ୍ରମଗୁଡ଼ିକରେ ଶିଷ୍ୟମାନଙ୍କୁ ସାଧୁତା-ନୈତିକତା ମୂଲ୍ୟବୋଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଥିଲା। ଆଜିର ଆଧୁନିକ ଯୁଗରେ ଶିକ୍ଷାଦାନର ଶୈଳୀ ବଦଳିଛି। ବ୍ଲାକବୋର୍ଡ ସ୍ଥାନରେ ସ୍ମାର୍ଟବୋର୍ଡ ଏବଂ କ୍ଲାସରୁମ୍ ସ୍ଥାନରେ ଇଣ୍ଟରନେଟ୍ ଆସିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଗୁଗଲ୍ ତଥ୍ୟ ଦେଇପାରେ, ହେଲେ ସେହି ତଥ୍ୟକୁ ଜୀବନରେ କେମିତି ପ୍ରୟୋଗ କରାଯିବ ଏବଂ ଭଲ-ମନ୍ଦର ବିଚାର କେବଳ ଜଣେ ଗୁରୁ ହିଁ ଦେଇପାରିବେ। ଗୁରୁଙ୍କ ସ୍ନେହଭରା ଚାହାଣୀ ଓ ଶାସନର ବିକଳ୍ପ କୌଣସି ଟେକ୍ନୋଲୋଜି ହୋଇପାରିବ ନାହିଁ। ଆମ ଦେଶରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ। ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିରେ ପାଳିତ ହୁଏ ଗୁରୁ ଦିବସ। ୧୮୮୮ ମସିହା ଆଜିର ଦିନରେ ତାମିଲନାଡୁର ତିରୁଟ୍ଟନୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କର ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଏ। ୧୯୬୨ ମସିହାରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ। ସେ ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ। ମାତ୍ର ସେ ସେମାନଙ୍କୁ ନିଜ ଜନ୍ମଦିନ ପାଳିବାକୁ ମନା କରିଥିଲେ। ଜନ୍ମଦିନ ପାଳନ କରିବା ଅପେକ୍ଷା ଏହି ଦିନକୁ ଗୁରୁମାନଙ୍କ ଦିବସ ଭାବେ ପାଳନ କରାଗଲେ, ତାହା ତାଙ୍କ ପାଇଁ ବଡ଼ ସମ୍ମାନ ହେବ ବୋଲି କହିଥିଲେ। ସେବେଠୁ ତାଙ୍କ ଜନ୍ମଦିବସକୁ 'ଗୁରୁ ଦିବସ' ଭାବେ ପାଳନ କରାଯାଇ ଆସୁଛି। ରାଧାକ୍ରିଷ୍ଣନ୍‌ଙ୍କ କ୍ୟାରିୟର ଶିକ୍ଷକତାରୁ ଆରମ୍ଭ ହୋଇଥିଲା। ଶିକ୍ଷାର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି କରିବା ସହ ଦେଶର ସାକ୍ଷରତା ହାର କିଭଳି ଉପରକୁ ଉଠିବ, ତାହା ଥିଲା ତାଙ୍କର ଲକ୍ଷ୍ୟ। ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନରେ ଶିକ୍ଷାଦାନ କରିଥିଲେ। ବେଦ, ଉପନିଷଦକୁ ସେ ଅତି ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଏ। ଜୀବନର ପ୍ରଥମ ଗୁରୁ ମାଆଙ୍କଠାରୁ ଆରମ୍ଭ କରି ସ୍କୁଲ, କଲେଜ ଏବଂ କର୍ମକ୍ଷେତ୍ରରେ ଆମକୁ ବାଟ ଦେଖାଇଥିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏହି ଦିନଟି କୃତଜ୍ଞତା ଜଣାଇବାର ଦିନ।

# 'ସମୁକ୍' ଅକ୍ଷୟଙ୍କ ସହ ଧମାକା କରିବେ ବଙ୍ଗୀୟ ନାୟିକା





ବଲିଉଡ୍‌ରେ ଅକ୍ଷୟ କୁମାର ଏକମାତ୍ର ତାରକା ଯାହାଙ୍କର ବର୍ଷରେ ଏକାଧିକ ଫିଲ୍ମ ରିଲିଜ୍ ହୁଏ। ସବୁଠୁ ବଡ଼ କଥା ହେଲା, କରୋନା ମହାମାରୀ ସମୟରେ ଫିଲ୍ମ ରିଲିଜ୍ କରିବାକୁ ବଡ଼ ବଡ଼ କଳାକାରମାନେ ପଛଘୁଞ୍ଚା ଦେଇଥିବାବେଳେ ଅକ୍ଷୟଙ୍କର ଏହି ସମୟରେ ବି ଫିଲ୍ମ ରିଲିଜ୍ ହୋଇଥିଲା। ଚଳିତ ବର୍ଷ ଅକ୍ଷୟଙ୍କ ଅଭିନୀତ 'ଭୂତ୍‌ବଙ୍ଗଲା' ଏବଂ 'ୱେଲକମ୍ ଟୁ ଦ ଜଙ୍ଗଲ' ରିଲିଜ୍ ହୋଇଛି। ଆଉ କିଛି ଦିନ ପରେ ତାଙ୍କ ଅଭିନୀତ 'ହୈୱାନ୍' ମୁକ୍ତିଲାଭ କରିବ। ନିକଟରେ ଅକ୍ଷୟ ତାଙ୍କ ନୂଆ ସିନେମା 'ସମୁକ୍'ର ଘୋଷଣା କରିଥିଲେ। ଏହା ଏକ ସାଇନ୍ସ ଫିକ୍ସନ୍ ଏଲିଅନ୍ ଥ୍ରିଲର୍ ଫିଲ୍ମ ହେବ। ଏଥିରେ ଅକ୍ଷୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ପାଇଁ ଅନେକ ଦିନ ହେଲାଣି ନାୟିକା ଖୋଜା ଚାଲିଥିଲା। ଏବେ ଏଥିରେ ବଙ୍ଗୀୟ ନାୟିକା ରୁକ୍ମଣୀ ମୈତ୍ରାଙ୍କୁ ଫାଇନାଲ କରାଯାଇଛି। ଏବେ ବଲିଉଡ୍‌ର ପ୍ରଯୋଜକମାନେ ସାଉଥ୍ ଅଭିନେତ୍ରୀଙ୍କୁ ଫିଲ୍ମରେ ବ୍ରେକ୍ ଦେଉଥିବାବେଳେ ପ୍ରଯୋଜକ ବିପୁଲ ଅମୃତ ଶାହ କିନ୍ତୁ ଜଣେ ବଙ୍ଗୀୟ ନାୟିକାଙ୍କୁ ତାଙ୍କ ଫିଲ୍ମରେ ନେବାକୁ ସ୍ଥିର କରିଛନ୍ତି। ରୁକ୍ମଣୀ ବଙ୍ଗଳା ସିନେମା ଜଗତର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି। କନିଷ୍କ ବର୍ମା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିବାବେଳେ ବିପୁଲ ଶାହା ଓ ଅକ୍ଷୟ କୁମାର ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ।

# ୫ ବର୍ଷର ଝିଅ ପେଟରେ ୫୦ ଗ୍ରାମ୍‌ର ସୁନା ବିସ୍କୁଟ୍




ଚୀନ୍‌ରେ ଘଟିଥିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍ତର ଚୀନ୍‌ର ଜଣେ ୫ ବର୍ଷର ଶିଶୁ କନ୍ୟା ଘରେ ଖେଳୁଥିବା ସମୟରେ ହଠାତ୍ ଏକ ୫୦ ଗ୍ରାମ୍ ଓଜନର ଛୋଟ ସୁନା ବିସ୍କୁଟ୍ ଗିଳି ଦେଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷରୁ ଅଧିକ ଥିଲା। ସୁନା ବିସ୍କୁଟ୍‌ଟି ଶିଶୁର ପେଟ ଭିତରେ ରହିଯାଇଥିଲା। ଏହାର ଅତ୍ୟଧିକ ଓଜନ ଏବଂ ଘନତ୍ୱ ଯୋଗୁଁ ପିଲାଟିର ପାକସ୍ଥଳୀ କିମ୍ବା ଖାଦ୍ୟନଳୀ କଟିଯିବାର ଏବଂ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଥିବାରୁ ତା'ର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବେଜିଂ ଚିଲ୍‌ଡ୍ରେନ୍ସ ହସ୍‌ପିଟାଲକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତରୀ ଦଳ ଏକ ଜଟିଳ ଏଣ୍ଡୋସ୍କୋପି ପ୍ରକ୍ରିୟା ମାଧ୍ୟମରେ ସେହି ସୁନା ବିସ୍କୁଟ୍‌ଟିକୁ ସୁରକ୍ଷିତ ଭାବେ ବାହାର କରି ଦେଇଥିଲେ। ବର୍ତ୍ତମାନ ଶିଶୁ କନ୍ୟାଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏହି ଖବର ଭାଇରାଲ ହେବା ପରେ, ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ଏହି ଘଟଣା ପ୍ରତ୍ୟେକ ବାପାମାଆଙ୍କ ପାଇଁ ଏକ ଶିକ୍ଷା ବୋଲି ଅନେକ ଏଥିରେ ପ୍ରତିକ୍ରିୟା ଦେଇଛନ୍ତି। ଆଉ କିଛି ଜଣ ୫ ବର୍ଷର ପିଲା ପାଖରେ ସୁନା ବିସ୍କୁଟ୍ କେମିତି ପହଞ୍ଚିଲା, ସେ ନେଇ ପିତାମାତାଙ୍କ ଦାୟିତ୍ୱହୀନତାକୁ ନେଇ ସମାଲୋଚନା କରିଛନ୍ତି।

## ପ୍ରହେଳିକା

- କାହାସାଥେ ନାହିଁ ତା'ର ତୁଳନା
  ଦୁନିଆଁ ଅସାର ଲାଗେ ତାହାରି ବିନା
  ଯାହାଙ୍କ ପାଖରେ ନ ଥାଏ ସିଏ
  ଦୁନିଆଁ ତାହାଙ୍କୁ ମୂରୁଖ କୁହେ
  ଅତି ମୂଲ୍ୟବାନ ସମ୍ପତ୍ତି ସିଏ
  ନାମଟି ତାହାର କହିବ କିଏ?
  ଉ- ଶିକ୍ଷା
- ଯାହାଙ୍କ ପାଇଁ ଆମେ ହେଉ ଶିକ୍ଷିତ
  ବୁଦ୍ଧି ବିବେକରେ ହେଉ ଶାଣିତ
  ଯିଏ ସେ ଗଢ଼ନ୍ତି ଆମ ଜୀବନ
  ଯାହାଙ୍କ ପାଇଁ ସଫଳ ଆମ ସପନ
  ଦୁନିଆଁର ଶ୍ରେଷ୍ଠ ବ୍ୟକ୍ତିତ୍ୱ ସିଏ
  ନାମଟି ତାଙ୍କର କହିବ କିଏ?
  ଉ-ଗୁରୁ
- ବହିବସ୍ତାନୀ ସାଥିରେ ନେଇ
  ସକାଳୁ ଯାଉ ପଢିବା ପାଇଁ
  ରହିଥାନ୍ତି ସେଠି ଆମରି ଗୁରୁ
  ଶିକ୍ଷାଲାଭ କରୁ ତାଙ୍କରି ଠାରୁ
  କେତେ ସାଙ୍ଗସାଥି ସେଇଠି ଦେଖୁ
  ନୂଆ ନୂଆ କଥା ସେଠାରୁ ଶିଖୁ
  ସେ ସ୍ଥାନର ନାମ କହିବ ଯିଏ
  ସୁନାପିଲା ନିଶ୍ଚେ ହୋଇବ ସିଏ?
  ଉ-ବିଦ୍ୟାଳୟ
- ଆମକୁ ଯିଏ ଶିକ୍ଷା ଦିଅନ୍ତି
  ଭଲମନ୍ଦ ସବୁ ସିଏ ଶିଖାନ୍ତି
  ସଫଳ କରନ୍ତି ଜୀବନ ପଥ
  ଚଳାଉଥାନ୍ତି ସେ ଶିକ୍ଷାର ରଥ
  ତାଙ୍କ ପାଇଁ ପାଳିତ ଏକ ଦିବସ
  କହିଲ ସେ କେଉଁ ଦିନ ବିଶେଷ?
  ଉ-ଗୁରୁ ଦିବସ

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ଗୁରୁ ଆଶିଷ ଅମୂଲମୂଲ



କୁଞ୍ଜବିହାରୀ ସାହୁ

ବିଦ୍ୟାଳୟରେ ପଢ଼ିବା ପାଇଁ
ହୋଇଲା ନାଁ ଲେଖା,
ସେହିଦିନ ଠୁ ଗୁରୁ, ଗୁରୁମା
ସହିତ ହେଲା ଦେଖା ।
ଆଦର କରି ପାଖରେ ବସି
ଶିଖେଇ ଅ, ଆ
କହିଲେ -ପିଲେ ଅକ୍ଷର ପରେ
ନିତି ଗାଉଥା ।
ଅ ଠୁ ଔ ଶିଖେଇଦେଲେ
ତା ପରେ କ, ଖ
ଗ, ଘ କୁ ଲେଖେଇଦେଲେ
କହିଲେ ତୁଣ୍ଡେ ଧ ।
ପିଠି ଆଉଁଶି କହିଲେ ଗପ
ଶୁଣେଇଦେଲେ ଗୀତ,
ଗୁରୁ ଦିବସେ ହୋଇଛୁ ଆମେ
ତୁମରି ସାଥୀ ମିତ ।
ଯିଏ ଲେଖାଏ, ବହି ପଢ଼ାଏ
ଶିଖାଏ ଭଲ କଥା,
ସିଏ ତ ପରା ଅଟନ୍ତି ଗୁରୁ
ନୁଆଁଇ ଦିଅ ମଥା ।
ଗୁରୁ ଆଶିଷ ଅମୂଲମୂଲ
ସରଗ ଠାରୁ ବଡ଼,
ଜୀବନେ ତୁମେ ମାନି ଚଳିଲେ
ଜିଣିପାରିବ ଗଡ଼ ।

ପାତ୍ରପଡ଼ା, ଭୁବନେଶ୍ୱର

## ଗୁରୁ ପୂଜିବା ଆସ



ମହେନ୍ଦ୍ର କୁମାର ଘଡ଼େଇ

ପିଲାଏ ଯେତେ ମିଳି
ଆଣିଛୁ ଫୁଲ ତୋଳି
ଗୁରୁ ପୂଜିବା ପାଇଁ ଧରିଛୁ
ହାତେ ବନ୍ଦାଣ ଥାଳି ।
ପାଦ ଯୁଗଳ ଧୋଇ
ଫୁଲ, ଚନ୍ଦନ ଦେଇ
ଭକତି ଭରା ସମରପଣେ
ମଥାକୁ ଦେବୁ ନୋଇଁ ।
ଆଶିଷ ତାଙ୍କ ପାଇ
ପାଠେ ଆଗେଇ ଯାଇ
ଅଜ୍ଞାନ ଅମା ଅନ୍ଧାର ପାଖ
ପୂରାଇ ଦେବୁ ନାହିଁ।
ହୋଇବୁ ଭଲ ଚାଟ
ପଢ଼ିବୁ ମିଳି ପାଠ
ଛନ୍ଦ କପଟ ଅନୀତି ଛାଡ଼ି
ବୁଜିବୁ ଯେତେ ଫାଟ ।
ଆମେରେ ଫୁଲଝରି
ମହକ ବୋଳା ପରି
ଦୁନିଆ ବୋଝ ବାହିନେବାକୁ
ଯିବୁ ବରତ କରି ।
ଉପରେ ଗୁରୁ ଥାନ
କରିଲେ ସନମାନ
କରାଇଦେବେ ଜ୍ଞାନସିନ୍ଧୁରେ
ଗୋବିନ୍ଦ ଦରଶନ ।
ନିନ୍ଦା ନରକେ ବାସ
ପୂଜାରେ ମିଳେ ଯଶ
ଏଇ କଥାଟି ମନରେ ରଖି
ଗୁରୁ ପୂଜିବା ଆସ।

କ୍ଷେତ୍ରମୋହନ ବିଦ୍ୟାପୀଠ
କଟରପଡ଼ା, କଟକ

## ସୁମନ

# ହରିମାଷ୍ଟ୍ରେଙ୍କ ଗୁରୁଦକ୍ଷିଣା



ଶୁଭନାରାୟଣ ଶତପଥୀ



ରାମପୁର-ସାହସପୁରକୁ ଯିବା ବାଟରେ ଥିବା ଜଙ୍ଗଲରେ କିଛି ଚୋର ରହୁଥିଲେ। ଜଙ୍ଗଲ ବାଟ ଦେଇ ଯେଉଁ ଲୋକମାନେ ଯାଆନ୍ତି ତାଙ୍କ ଠାରୁ ସେମାନେ ଧନରତ୍ନ ଲୁଟି ନିଅନ୍ତି। ଲୋକମାନେ ଭାରି ହଇରାଣ ହରକତ ହୁଅନ୍ତି। ସେହି ଚୋରମାନଙ୍କୁ ଧରିବାକୁ ଦୁଇ ଗାଁର ଲୋକେ ଯେତେ ଚେଷ୍ଟା କଲେ ବି କିଛି ଫଳ ମିଳେ ନାହିଁ। କାରଣ ସେହି ଘଞ୍ଚ ଜଙ୍ଗଲର ଭିତରେ ସେମାନେ କୁଆଡ଼େ ଲୁଚିଯାଆନ୍ତି ତାଙ୍କୁ କେହି ଧରିପାରନ୍ତି ନାହିଁ। ଏପରି ଅବସ୍ଥାରେ ଲୋକେ ଜଙ୍ଗଲ ଦେଇ ଗଲା ବେଳେ ବହୁତ ଭୟଭୀତ ହୋଇଯାଆନ୍ତି। ଏକଦା ଦୁଇ ଗାଁର ଗ୍ରାମବାସୀ ଘୋଷଣା କଲେ ଯେ ଯିଏ ସେହି ଚୋର ଦଳକୁ ଧରାଇଦେବ ତାଙ୍କୁ ପୁରସ୍କାର ଦିଆଯିବ। ଏ ପୁରସ୍କାର ଖବର ପାଇ ଅନେକ ଲୋକ ଚୋର ଧରିବାକୁ ଚେଷ୍ଟା କଲେ ତଥାପି ବିଫଳ ହେଲେ। ଶେଷରେ ବ୍ୟସ୍ତ ହୋଇ କିଛି ଲୋକ ହରିମାଷ୍ଟ୍ରେଙ୍କ ପାଖକୁ ଗଲେ। ହରିମାଷ୍ଟ୍ରେ ଦୀର୍ଘ କୋଡ଼ିଏ ବର୍ଷ ହେଲା ଦୁଇ ଗାଁର ପିଲାମାନଙ୍କୁ ଶିକ୍ଷାଦାନ କରି ଆସୁଛନ୍ତି। ହରିମାଷ୍ଟ୍ରେ ଆଶ୍ୱାସନା ଦେଇ କହିଲେ ତୁମେ ବ୍ୟସ୍ତ ହୁଅନାହିଁ ମୁଁ ଏହାର ଉପାୟ ଚିନ୍ତା କରୁଛି। କିଛି ଦିନ ଗଲା ପରେ ହରିମାଷ୍ଟ୍ରେଙ୍କ ଜନ୍ମଦିନ ପଡ଼ିଲା। ତାଙ୍କର କିଛି ଛାତ୍ରଛାତ୍ରୀ ଦାୟିତ୍ୱ ନେଇ ହରିମାଷ୍ଟ୍ରେଙ୍କ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ନେଲେ । ଦୁଇ ଗାଁର ସବୁ ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରଣ କରାଗଲା। ଭୋଜିର ଆୟୋଜନ ବି ହେଲା। ହରିମାଷ୍ଟ୍ରେ ସବୁ ଛାତ୍ରଛାତ୍ରୀଙ୍କ ପ୍ରିୟ ସାର୍ ହୋଇଥିବାରୁ ସମସ୍ତେ ଆସିଲେ। ଉପହାର ବି ଦେଲେ। ଏତେ ଉପହାର ଆସିଲା ଯେ, ହରିମାଷ୍ଟ୍ରେଙ୍କ ଘର ଛୋଟ ପଡ଼ିଗଲା। ଉପହାର ଗ୍ରହଣ କରୁଥିବା ସମୟରେ ହରିମାଷ୍ଟ୍ରେ ତାଙ୍କର କିଛି ପୁରୁଣା ଛାତ୍ରଙ୍କୁ ରହିବାକୁ କହିଲେ। କାର୍ଯ୍ୟକ୍ରମ ଶେଷରେ ସେହି ପୁରୁଣା ଛାତ୍ରଙ୍କୁ ପାଖକୁ ଡାକିଲେ ଓ କହିଲେ ମୋ ଶିକ୍ଷାଦାନରେ ବୋଧହୁଏ କେଉଁଠି ଭୁଲ ରହି ଯାଇଛି । ନହେଲେ ତୁମେମାନେ ସମାଜର ଉନ୍ନତି କରିବା ବଦଳରେ କ୍ଷତି କରୁ ନଥାନ୍ତ । ଏହା କହି ସେମାନେ ଦେଇଥିବା ଉପହାରକୁ ଫେରାଇ ଦେଲେ। ହରିମାଷ୍ଟ୍ରେ କହିଲେ, ଅସତ୍ ଉପାୟରେ ଅର୍ଜିତ ଧନକୁ ଉପହାର ଭାବରେ ମୁଁ ଗ୍ରହଣ କରିବି ନାହିଁ । ସେମାନେ ମନଦୁଃଖରେ ବସି ପଡ଼ିଲେ । ଆଶ୍ଚର୍ଯ୍ୟ ହୋଇ ସେମାନେ ଚାହିଁ ରହିଥାନ୍ତି ହରିମାଷ୍ଟ୍ରେଙ୍କୁ। ହରିମାଷ୍ଟ୍ରେ କହିଲେ ତୁମମାନଙ୍କ ବ୍ୟବହାର ଚାଲିଚଳଣିରୁ ମୁଁ ଜାଣିପାରିଲି ଯେ, ତୁମେମାନେ ସେହି ବ୍ୟକ୍ତି ଯିଏ ଜଙ୍ଗଲରେ ଚୋରି କରୁଛ । ସେମାନେ ହରିମାଷ୍ଟ୍ରେଙ୍କ ଗୋଡ଼ତଳେ ପଡିଗଲେ। ଚୋରମାନେ ନିଜର ଭୁଲ୍ ବୁଝି ପାରିଲେ । ସେମାନେ ଆଉ ଚୋରି କରିବେ ନାହିଁ ବୋଲି ହରିମାଷ୍ଟ୍ରେଙ୍କୁ କଥା ଦେଲେ ଏବଂ ସେମାନଙ୍କ ଉପହାର ଗ୍ରହଣ କରିବାକୁ କହିଲେ। ହରିମାଷ୍ଟ୍ରେଙ୍କୁ ସେହି ଚୋରମାନେ କହିଲେ ଆମେ ଆଉ ଚୋରି କରିବୁ ନାହିଁ। ହରିମାଷ୍ଟ୍ରେ କହିଲେ, ଏହାହିଁ ମୋର ଗୁରୁଦକ୍ଷିଣା ହେବ। ଏବେ ହରିମାଷ୍ଟ୍ରେ ସବୁ ଉପହାର ଦୁଇ ଗାଁକୁ ବାଣ୍ଟି ଦେଲେ। କହିଲେ ସବୁ ଧନରତ୍ନ ଉପହାର ଗାଁ କାମରେ ଲଗାଇବ। ଉପହାର ସବୁ ଦେଖି କିଛି ଗାଁ ଲୋକ ଆସି କହିଲେ ସାର୍ ଏଥିରେ ଆମ ଚୋରି ହୋଇଥିବା ଜିନିଷଗୁଡ଼ିକ ବି ଅଛି। ଆମେ ତାହା ଚିହ୍ନି ପାରୁଛୁ। ସେ ଧନରତ୍ନ ଆମର ଗାଁ କାମରେ ଲାଗୁ ପଛେ ଆମକୁ କୁହନ୍ତୁ ଏହାକୁ କିଏ ଉପହାର ଦେଇଛି। ସେ ହିଁ ଚୋର, ଜଙ୍ଗଲରେ ରହି ଚୋରି କରୁଛି। ହରିମାଷ୍ଟ୍ରେ କହିଲେ ଆଉ ବ୍ୟସ୍ତ ହୁଅନାହିଁ, ତାହା ମୁଁ ଜାଣି ସାରିଛି। ସେ ଚୋରମାନଙ୍କୁ ମୁଁ କାବୁ କରି ନେଇଛି। ସେମାନେ କାମଧନ୍ଦା ନ ପାଇ ଚୋରି କରୁଥିଲେ। ଗାଁ ଲୋକଙ୍କୁ ହରିମାଷ୍ଟ୍ରେ କହିଲେ ମୁଁ ସେମାନଙ୍କ ତରଫରୁ କଥା ଦେଉଛି, ଜଙ୍ଗଲରେ ଆଉ ଚୋରି ହେବ ନାହିଁ। ଏହା ଶୁଣି ଗ୍ରାମବାସୀ ଆଶ୍ୱସ୍ତ ହେଲେ। ସେହି ଚୋରମାନଙ୍କୁ କାମଧନ୍ଦା ଯୋଗାଇ ଦେଲେ ହରିମାଷ୍ଟ୍ରେ। ସେମାନେ ଘର ସଂସାର କରି ଭଲରେ ରହିଲେ। ଆଉ ସେହି ଜଙ୍ଗଲରେ କେବେ ଚୋରି ହେଲା ନାହିଁ। ଉଭୟ ଗାଁର ଲୋକେ କହୁଥିଲେ ହରିମାଷ୍ଟ୍ରେଙ୍କୁ ମାନିବାକୁ ପଡ଼ିବ। ଜନ୍ମଦିନ ପାଳନ କରି ଚୋର ଧରି ଆଉ ତାଙ୍କୁ ତାଙ୍କ ଚରିତ୍ର ବି ବଦଳାଇ ଦେଲେ। ହରିମାଷ୍ଟ୍ରେ ଜିନ୍ଦାବାଦ ଧ୍ୱନିରେ ଗାଁ କମ୍ପୁଥିଲା ।

ବିଜିପୁର, ବ୍ରହ୍ମଗିରି, ପୁରୀ






ସାଗର ପ୍ରଧାନ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନାଥପୁର
ଭୁବନେଶ୍ୱର





ରିଷିକା କାନୁନ୍‌ଗୋ
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର







ଲକ୍ଷ୍ମୀପ୍ରିୟା ଦାସ
ଚତୁର୍ଥ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ
ପୋଖରୀପୁଟ
ଭୁବନେଶ୍ୱର





ଅଭିଲାଷ ଦାଶ
ଦଶମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର






ତନିଷ୍କା ପାତ୍ର
ଷଷ୍ଠ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

# ଦ୍ୱିତୀୟ ରାଉଣ୍ଡରୁ ଫେଲିକ୍ସ, ଆଲେକ୍ସଙ୍କ ବିଦାୟ

ନ୍ୟୁୟର୍କ,୪।୯ (ଏଜେନ୍ସି)

ରେକର୍ଡ ଅପେକ୍ଷାରେ ଥିବା ଚତୁର୍ଥ ସିଡ୍ ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରୁ ବିଦା ହେବା ପରେ ଯେଉଁ ଧାରା ଆରମ୍ଭ ହୋଇଥିଲା ତାହା ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସର ପୁରୁଷ ବିଭାଗରେ ବଜାୟ ରହିଛି। ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ଖେଳାଯାଇଥିବା ପୁରୁଷ ବିଭାଗ ସିଙ୍ଗଲ୍ସ ମୁକାବିଲାରୁ ତୃତୀୟ ସିଡ୍ ଫେଲିକ୍ସ ଆଗର-ଆଲିଆସିମେ, ଷଷ୍ଠ ସିଡ୍ ଆଲେକ୍ସ ଡି ମିନାଉର ଓ ୧୩ ନମ୍ବର ସିଡ୍ ଲୋରେଞ୍ଜୋ ମୁସେଟୀଙ୍କ ପରି ଖେଳାଳିମାନେ ବିଦାୟ ନେଇଛନ୍ତି। ଏପରିକି ନଂ-୧ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱେରେଭ୍ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ୫ ସେଟ୍ ବିଶିଷ୍ଟ ମ୍ୟାଚ୍‌ରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ବିଭାଗରେ ଟପ୍ ସିଡ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲାବେଳେ ସେପରି କିଛି ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି ହୋଇନାହିଁ।




### ପୁରୁଷ ସିଙ୍ଗଲ୍ସରେ ବିପର୍ଯ୍ୟୟର ଦିନ

ଗୁରୁବାର ରାତିରେ ଖେଳାଯାଇଥିବା ପୁରୁଷ ବିଭାଗ ସିଙ୍ଗଲ୍ସରେ ୩ଜଣ ଶୀର୍ଷ ସିଡେଡ ଖେଳାଳି ବିଦାୟ ନେଇଛନ୍ତି। କାନାଡାର ଅଣସିଡେଡ ଖେଳାଳି କାରେନ ଖାଚାନୋଭ୍ ୩-୧ ସେଟ୍‌ରେ ଫେଲିକ୍ସଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଖାଚାନୋଭ ଏହି ମ୍ୟାଚ୍‌କୁ ୬-୭, ୬-୩, ୬-୩, ୬-୨ ସେଟ୍‌ରେ ଜିତିନେଇଥିଲେ। ଏହା ପରେ ଅଷ୍ଟ୍ରେଲିଆର ଅଣସିଡେଡ ଖେଳାଳି ଡେନ୍ ସ୍ୱିନୀ ମଧ୍ୟ ୪ ସେଟ ବିଶିଷ୍ଟ ମୁକାବିଲାରେ ୧୩ ନମ୍ବର ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ହରାଇଥିଲେ।

### ୪ ଘଣ୍ଟା ୩୩ ମିନିଟ୍‌ରେ ଜିତିଲେ ଜ୍ୱେରେଭ୍

ପୁରୁଷ ବିଭାଗର ଦ୍ୱିତୀୟ ରାଉଣ୍ଡରେ ଟପ୍ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ୩-୨ ସେଟ୍‌ରେ ଫ୍ରାନ୍ସର କ୍ୱେଣ୍ଟିନ୍ ହାଲିସଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍‌ଟି ଶେଷ ହେବାକୁ ୪ ଘଣ୍ଟା ୩୩ ମିନିଟ୍ ସମୟ ଲାଗିଥିଲା। ଏଥିରେ ଜ୍ୱେରେଭ୍ ୬-୪, ୪-୬, ୭-୬, ୬-୭, ୬-୩ରେ ଜିତିଥିଲେ। ପ୍ରଥମ ରାଉଣ୍ଡରେ ମଧ୍ୟ ଜ୍ୱେରେଭ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ହରାଇଥିଲେ। ଟେନିସ କୋର୍ଟରେ ପାଖାପାଖି ୧୦ ଘଣ୍ଟା କଟାଇଥିବା ଜ୍ୱେରେଭ ତୃତୀୟ ରାଉଣ୍ଡରେ ନଂ-୨୫ ସିଡ୍ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ଭେଟିବେ। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ନଂ-୫ ସିଡ୍ ଫ୍ଲାଭିଓ କୋବୋଲି, ନଂ-୯ ଟେଲର ଫ୍ରିଜ୍, ନଂ-୧୭ ତଥା ମିକ୍ସଡ ଡବଲ୍ସ ଚାମ୍ପିଅନ ଜାକୁବ ମେନସିକ୍, ନଂ-୧୪ ଲର୍ଣ୍ଣର ଟିଏନ୍ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ମହିଳାରେ ଇଆଲାଙ୍କ ଚମତ୍କାର ବିଜୟ

ମହିଳା ବିଭାଗ ସିଙ୍ଗଲ୍ସରେ ସିଡେଡ ଖେଳାଳିଙ୍କ ଜୟଯାତ୍ରା ଅବ୍ୟାହତ ରହିଛି। ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ଚତୁର୍ଥ ସିଡ୍ କୋକୋ ଗଫ୍, ୫ମ ସିଡ୍ ମୀରା ଆନ୍ଦ୍ରିଭା ସହଜ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତକାଲି ଇଗା ସ୍ୱିଆଟେକ୍, ନାଓମି ଓସାକା, ଏଲିସେ ମେର୍ଟେନ୍ସ, ଆମାଣ୍ଡା ଆନିସିମୋଭାଙ୍କ ପରି ସିଡେଡ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। କିନ୍ତୁ ନଂ-୧୭ ସିଡ୍ ଆଲେକ୍‌ଜାଣ୍ଡ୍ରା ଇଆଲାଙ୍କ ବିଜୟ ବେଶ ଚମତ୍କାର ହୋଇଥିଲା। ସେ ଦ୍ୱିତୀୟ ରାଉଣ୍ଡରେ ଓଲେକଜାଣ୍ଡ୍ରା ଅଲିନ୍‌ନିକୋଭାଙ୍କୁ ୬-୧, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଭିବଷ୍ୟତର ତାରକା ଭାବେ ବିବେଚିତ ହେଉଥିବା ଫିଲିପାଇନ୍ସର ଇଆଲା ତୃତୀୟ ରାଉଣ୍ଡରେ ନଂ-୧୪ ସିଡ୍ ଆମେରିକାର ଇଭା ଜୋଭିଚ୍‌ଙ୍କୁ ଭେଟିବେ।

■ ମହିଳା ଏସିଆ କପ୍ କ୍ରିକେଟ

## ଭାରତ-ପାକିସ୍ତାନ ମୁକାବିଲା ଆଜି

ଦୁବାଇ,୪।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍ ଆସନ୍ତାକାଲି ଏଠାରେ ଖେଳାଯିବ। ଏହି ମୁକାବିଲା ପୂର୍ବରୁ ଭାରତ ଗ୍ରୁପ୍‌ରେ ଦୁଇଟିଯାକ ଦୁର୍ବଳ ଦଳ ଥାଇଲାଣ୍ଡ ଓ ହଂକଂ ବିପକ୍ଷରେ ବୃହତ୍ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିସାରିଛି। ପାକିସ୍ତାନ ଗୋଟିଏ ମ୍ୟାଚ୍ ଖେଳି ଥାଇଲାଣ୍ଡ ବିପକ୍ଷରେ ବିଜୟୀ ହୋଇଛି। କିନ୍ତୁ ଆସନ୍ତାକାଲି ମୁକାବିଲା ପରେ ଗ୍ରୁପ୍-ଏ'ରେ କେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବ ତାହା ଆପାତତଃ ସ୍ଥିର ହେବ। କାରଣ ପାକିସ୍ତାନ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ହଂକଂକୁ ହରାଇବା ଲାଗି ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଏଣୁ ଭାରତ ବିପକ୍ଷରେ ବିଜୟୀ ହେଲେ ପାକିସ୍ତାନ ସେମିଫାଇନାଲରେ ବାଂଲାଦେଶ ସହ ମୁକାବିଲା କରିବାକୁ ସୁଯୋଗ ପାଇବ। ଶ୍ରୀଲଙ୍କା ଅନ୍ୟ ପୁଲରେ ପ୍ରଥମ ସ୍ଥାନ ହାସଲ କରିବ ବୋଲି ସ୍ପଷ୍ଟ ହୋଇଛି।



ଆସନ୍ତାକାଲି ମ୍ୟାଚ୍‌ର ଫଳାଫଳ ଉପରେ ଗ୍ରୁପ୍ ଟପ୍ପର ସ୍ଥିର ହେବାକୁ ଥିଲେ ମଧ୍ୟ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଏହାକୁ ଏକ ସମ୍ମାନର ସହ ନେଇଛନ୍ତି। ଉଭୟ ଦେଶ ମଧ୍ୟରେ ରାଜନୈତିକ ସମ୍ପର୍କ ଭଲ ନ ଥିଲାବେଳେ ଏହି ମ୍ୟାଚ୍‌ରେ ବିଜୟୀ ଦଳକୁ ଖୁସି ମିଳିବ। ଯଦିଓ ଦକ୍ଷତା ଦୃଷ୍ଟିରୁ ଦେଖିଲେ ପାକିସ୍ତାନ ଅପେକ୍ଷା ଭାରତର ଶକ୍ତି ଢ଼େର ଅଧିକ। କିନ୍ତୁ ଟି-୨୦ ଫର୍ମାଟରେ କୌଣସି ଦଳକୁ ଦୁର୍ବଳ ମନେ କରାଯାଉନାହିଁ। ଭାରତ କ୍ରମାଗତ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରିଥିଲେ ମଧ୍ୟ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିନାହିଁ। ଥାଇଲାଣ୍ଡ ବିପକ୍ଷରେ ଶେଫାଳି ବର୍ମାଙ୍କ ୬୪ରନ୍ ଓ ହଂକଂ ବିପକ୍ଷରେ ସ୍ମୃତି ମନ୍ଧାନାଙ୍କ ୧୨୪ ରନ୍‌କୁ ବାଦ୍ ଦେଲେ ଭାରତୀୟ ବ୍ୟାଟର ବିଶେଷ ସଫଳତା ପାଇ ନାହାନ୍ତି। କିନ୍ତୁ ଦଳର ୩ ସ୍ପିନର ଉଭୟ ମ୍ୟାଚ୍‌ରେ ଦଳକୁ ସହଜ ବିଜୟ ଦେଇଛନ୍ତି। ଫାଷ୍ଟ ବୋଲର ନନ୍ଦିନୀ ଶର୍ମା, ସ୍ପିନର ଦୀପ୍ତି ଶର୍ମା, ଶ୍ରୀ ଚରଣି, ପ୍ରେମା ରାୱତ ଓ କାମଚଳ ଶେଫାଳି ବର୍ମା ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ପାକିସ୍ତାନକୁ ହରାଇବାକୁ ହେଲେ ଭାରତୀୟ ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ।

## ପାକିସ୍ତାନ ଚୟନକର୍ତ୍ତା ପ୍ୟାଣ୍ଟ ପରି ମନ ବଦଳାଇଥାନ୍ତି: ଗିଲେସ୍ପି

ସିଡ୍‌ନୀ,୪।୯ (ଏଜେନ୍ସି): ପାକିସ୍ତାନର ଜାତୀୟ ବରିଷ୍ଠ କ୍ରିକେଟ ଦଳ ଚୟନ କରାଯିବା ବେଳେ ଆକ୍ୱିବ୍ ଜାଭେଦଙ୍କ ନେତୃତ୍ୱରେ ଗଠିତ ଚୟନକର୍ତ୍ତାମାନେ ପ୍ୟାଣ୍ଟ ଭଳି ମନ ବଦଳାଇଥାନ୍ତି। ଯାହା ଫଳରେ ଖେଳାଳିମାନେ ନିଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଓ ଭୟ ମଧ୍ୟରେ ଖେଳିଥାନ୍ତି ବୋଲି ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ହେଡ୍ କୋଚ୍ ଜେସନ ଗିଲେସ୍ପି କହିଛନ୍ତି। ସେ କହନ୍ତି, ଆକ୍ୱିବ ଦର୍ପଣ ସମ୍ମୁଖରେ ଛିଡ଼ା ହୋଇ ନିଜକୁ ଦେଖିବା ଉଚିତ। ଖେଳାଳିମାନେ କିପରି ଭୟଙ୍କର ସ୍ଥିତିରେ ଖେଳୁଛନ୍ତି। ନିକଟରେ ଇଂଲଣ୍ଡଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ପାକିସ୍ତାନ ଟେଷ୍ଟ ଦଳରେ ଆକ୍ୱିବ ୭ଜଣ ଖେଳାଳିଙ୍କୁ ବଦଳାଇଦେଇଥିଲେ। ଏହାକୁ ନେଇ ଗିଲେସ୍ପି ଏପରି ମନ୍ତବ୍ୟ ଦେଇଛନ୍ତି।

● ଆଇସ୍‌ଲାଣ୍ଡ କ୍ରିକେଟର ପ୍ରସ୍ତାବ

## ପିସିବି ଅଧ୍ୟକ୍ଷଙ୍କଠାରୁ ଶିଖିବାକୁ ଗଲେ ସମସ୍ତ ଖର୍ଚ୍ଚ ବହନ କରିବ

ରେକ୍‌ଜାଭିକ୍,୪।୯ (ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକ୍‌ଭୀଙ୍କଠାରୁ ଜାତୀୟ ଟିମ୍ ଲାଗି କିପରି ଖେଳାଳି ଚୟନ କରାଯିବ, ଦଳର ଅସୁବିଧା ସମୟରେ କିପରି ନିୟନ୍ତ୍ରଣ କରାଯିବ ସେ ସମ୍ପର୍କରେ ଶିଖିବାକୁ ଯିଏ ପାକିସ୍ତାନ ଯିବେ ସେମାନଙ୍କର ସମସ୍ତ ଖର୍ଚ୍ଚ ଆଇସ୍‌ଲାଣ୍ଡ କ୍ରିକେଟ ବହନ କରିବ ବୋଲି ଏକ ପ୍ରସ୍ତାବ ବୋର୍ଡ ଦେଇଛି। ଏହାର ଅର୍ଥ ହେଲା ପାକିସ୍ତାନ ଯେପରି ଖେଳାଳି ପରିବର୍ତ୍ତନ କରି ତିଷ୍ଠି ରହୁଛି, ପରାଜିତ ହେଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ପାଇବା ପୂର୍ବରୁ ଯେପରି ନକ୍‌ଭୀ ଏହାକୁ ନିଜ ନିୟନ୍ତ୍ରଣରେ ରଖିପାରୁଛନ୍ତି ଏଭଳି ଦକ୍ଷ ବ୍ୟକ୍ତିଙ୍କଠାରୁ ଜ୍ଞାନ ଆହରଣ କରିବା ଆବଶ୍ୟକ। ଏଣୁ ତାଙ୍କଠାରୁ ଏପରି ଜ୍ଞାନ ଆହରଣ କରିବାକୁ ଆଇସ୍‌ଲାଣ୍ଡରୁ ଯିଏ ପାକିସ୍ତାନ ଯିବାକୁ ଚାହିଁବେ ତାଙ୍କୁ କ୍ରିକେଟ ବୋର୍ଡ ପକ୍ଷରୁ ସମସ୍ତ ଖର୍ଚ୍ଚ ଦିଆଯିବ। ମଜାଦାର ଓ ସମାଲୋଚନାମୂଳକ ମନ୍ତବ୍ୟ ଲାଗି ଆଇସ୍‌ଲ୍ୟାଣ୍ଡ କ୍ରିକେଟ ବୋର୍ଡ ଚର୍ଚ୍ଚାରେ ଥିଲାବେଳେ ଏଭଳି ପ୍ରସ୍ତାବକୁ ସାମାଜିକ ଗଣମାଧ୍ୟମରେ ବେଶ ପ୍ରଶଂସା କରାଯାଇଛି।

## ଶ୍ରୀଲଙ୍କା ଅଧିନାୟକ ମେଣ୍ଡିସ୍ ବାଦ୍ ପଡ଼ିଲେ

କଲମ୍ବୋ,୪।୯ (ଏଜେନ୍ସି): ଇଂଲଣ୍ଡରେ ଖେଳାଯିବାକୁ ଥିବା ସୀମିତ ଓଭର ସିରିଜ୍ ଲାଗି ଶ୍ରୀଲଙ୍କା କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଥିବା କୁଶାଲ ମେଣ୍ଡିସଙ୍କୁ ବାଦ୍ ଦିଆଯାଇଛି। ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ଚାରିତ ଆଶାଲଙ୍କା ତାଙ୍କ ସ୍ଥାନରେ ଟି-୨୦ ସିରିଜ୍ ଲାଗି ଦଳର ନେତୃତ୍ୱ ନେବେ, କିନ୍ତୁ ଦିନିକିଆ ସିରିଜ୍ ସମ୍ପର୍କରେ କିଛି କୁହାଯାଇନାହିଁ। ମେଣ୍ଡିସ୍‌ଙ୍କ ସହ ଫାଷ୍ଟ ବୋଲର ବିନୁରା ଫର୍ଣ୍ଣାଣ୍ଡୋଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଏମାନଙ୍କ ସ୍ଥାନରେ ପବନ ରତନାୟକେ ଓ ଦିଲଶାନ ମଦୁଶଙ୍କାଙ୍କୁ ଦଳରେ ସାମିଲ କରାଯାଇଛି। ସେପ୍ଟେମ୍ବର ୧୫ରୁ ସାଉଥାମ୍ପଟନରୁ ଟି-୨୦ ସିରିଜ୍ ଓ ସେପ୍ଟେମ୍ବର ୨୨ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ।

ଦୁଲିପ ଟ୍ରଫି କ୍ରିକେଟ ଫାଇନାଲ

## ଖେଳି ନ ପାରନ୍ତି ତିଳକ, ଇଶାନ ଓ ବୈଭବ

ଚେନ୍ନଇ,୪।୯ (ଏଜେନ୍ସି): ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତ ଦୁଲୀପ୍ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ଥାନୀୟ ଏମ୍ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଆସନ୍ତା ରବିବାର ଖେଳାଯିବ। ଏହି ଫାଇନାଲ ଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ହେଉଛି ଦୁଇ ଦଳରୁ ୩ଜଣ ପ୍ରମୁଖ ଖେଳାଳି ଏହି ମ୍ୟାଚ୍ ଖେଳିବାକୁ ବଞ୍ଚିତ ହୋଇ ପାରନ୍ତି। ସେମାନେ ହେଲେ ଦକ୍ଷିଣାଞ୍ଚଳ ଅଧିନାୟକ ତିଳକ ବର୍ମା, ପୂର୍ବାଞ୍ଚଳ ଅଧିନାୟକ ଇଶାନ କିଶାନ ଓ ଉପଅଧିନାୟକ ବୈଭବ ସୂର୍ଯ୍ୟବଂଶୀ। ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନେବେ ଭାରତୀୟ ଦଳର ହେଡ କୋଚ୍ ଗୌତମ ଗମ୍ଭୀର। ଏହାର କାରଣ ହେଲା ସେପ୍ଟେମ୍ବର ୧୩ରୁ ଆଫଗାନିସ୍ତାନ ସହ ନୂଆଦିଲ୍ଲୀରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷଟ ଟି-୨୦ ସିରିଜ୍। ଦୁଲୀପ୍ ଟ୍ରଫି ଫାଇନାଲ ସେପ୍ଟେମ୍ବର ୧୦ରେ ଶେଷ ହେବ ଓ ଟି-୨୦ ସିରିଜ୍ ୧୩ରୁ ଖେଳାଯିବ। ଖେଳାଳିମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ଦେବା ଲାଗି ଏଭଳି ନିଷ୍ପତ୍ତି ଗମ୍ଭୀର ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ଫାଇନାଲ ମ୍ୟାଚ୍ ଖେଳିବାକୁ ଭାରତୀୟ ସିନିଅର ଦଳର ୩ଜଣ ବରିଷ୍ଠ ତଥା ନିୟମିତ ଖେଳାଳିଙ୍କୁ ଦକ୍ଷିଣାଞ୍ଚଳ ଦଳରେ ସାମିଲ କରିବାକୁ ବିସିସିଆଇ ନିର୍ଦ୍ଦେଶ ଦେଇଛି। ସେମାନେ ହେଲେ ଫାଷ୍ଟ ବୋଲର ହାଇଦ୍ରାବାଦ୍‌ର ମହମ୍ମଦ୍ ସିରାଜ, କର୍ଣ୍ଣାଟକର ଦୁଇ ବ୍ୟାଟର ଲୋକେଶ ରାହୁଲ ଓ ଦେବଦତ୍ତ ପାଡିକଲ। ଏମାନେ ଖେଳିଲେ ଦକ୍ଷିଣାଞ୍ଚଳକୁ ହରାଇବା ପୂର୍ବାଞ୍ଚଳ ଲାଗି କଷ୍ଟକର ହେବ।



### ମାଗଣାରେ ଖେଳ ଦେଖିବେ ଦର୍ଶକ

ତାମିଲନାଡୁ କ୍ରିକେଟ ସଂଘ ଏହି ଫାଇନାଲ ମ୍ୟାଚ୍ ଦେଖିବା ଲାଗି ଷ୍ଟାଡିୟମ୍‌କୁ ଉନ୍ମୁକ୍ତ ରଖିବ। ଏହାର ଅର୍ଥ ଦର୍ଶକମାନେ ଏହି ଫାଇନାଲ ଖେଳ ମାଗଣାରେ ଦେଖିପାରିବେ। ଦର୍ଶକମାନଙ୍କୁ ଗେଟ ୪ରେ ସକାଳ ୯ଟାରୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଚେପକର ସି' ଡି' ଓ ଇ' ଷ୍ଟାଣ୍ଡର ତଳଭାଗରେ ଦର୍ଶକମାନେ ବସିପାରିବେ। ବେଙ୍ଗାଲୁରୁରେ ୨ଟି କ୍ୱାର୍ଟର ଫାଇନାଲ ଓ ୨ଟି ଯାକ ସେମିଫାଇନାଲ ମୁକାବିଲା ହୋଇଥିଲା। ସେମିଫାଇନାଲରେ ଉତ୍ତରାଞ୍ଚଳକୁ ୭ ୱିକେଟରେ ଦକ୍ଷିଣାଞ୍ଚଳ ଏବଂ କେନ୍ଦ୍ରାଞ୍ଚଳକୁ ୪ ୱିକେଟରେ ହରାଇ ପୂର୍ବାଞ୍ଚଳ ଫାଇନାଲରେ ପ୍ରବେଶ କରିଥିଲା। ଚେନ୍ନଇରେ ଖେଳାଯିବାକୁ ଥିବା ଫାଇନାଲ ସେପ୍ଟେମ୍ବର ୬ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ।

● ଭାରତ-ଜାପାନ ବନ୍ଧୁତ୍ୱର ୭୫ ବର୍ଷର ପୂର୍ତ୍ତି

## ପୁରୁଷ ଦଳ ଖେଳିବେ ଟି-୨୦ ମ୍ୟାଚ୍

ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ବନ୍ଧୁତ୍ୱର ୭୫ ବର୍ଷ ପୂର୍ତ୍ତି ହେଉଛି। ଏହି ୭୫ବର୍ଷ ମଧ୍ୟରେ ଅନେକ ରାଜନୈତିକ ଓ କୂଟନୈତିକ ସ୍ତରରେ ଉଭୟ ଦେଶ ସହଯୋଗର ହାତ ବଢ଼ାଇଛନ୍ତି। ଏହି ବନ୍ଧୁତ୍ୱକୁ ସ୍ମରଣୀୟ କରିବା ଲାଗି ଉଭୟ ଦେଶର ବରିଷ୍ଠ ପୁରୁଷ ଦଳ ଏକ କ୍ରିକେଟ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମ୍ୟାଚ୍‌ଟି ଜାପାନର ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ସେପ୍ଟେମ୍ବର ୨୨ ତାରିଖ ଦିନ ଉଭୟ ଦେଶର ପୁରୁଷ ଦଳ ଏହି ମ୍ୟାଚ୍‌ରେ ପରସ୍ପର ସହ ମୁକାବିଲା କରିବେ। ଏହି ମ୍ୟାଚ୍‌କୁ ସୁଜୁକି କପ୍ ନାମରେ ନାମିତ କରାଯାଇଛି। ଏହା ବ୍ୟତୀତ ଉଭୟ ଦେଶ ମଧ୍ୟରେ କ୍ରୀଡ଼ା ବିନିମୟ କାର୍ଯ୍ୟକ୍ରମ ଲାଗି 'ସ୍ପୋର୍ଟ୍ସ ୭୫' ନାମରେ ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜଣାଯାଇଛି। ନିକଟରେ ଭାରତ ଓ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାପାନରେ ଏହି କ୍ରିକେଟ ମ୍ୟାଚ୍ ଖେଳାଗଲେ ତାହାର ପ୍ରଭାବ ସୁଦୂର ପ୍ରସାରୀ ହେବ ବୋଲି ଏହି ଦେଶର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି କହିଛନ୍ତି।



● ଚାଇନା ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ

## ସାତ୍ୱିକ-ଚିରାଗ ସେମିଫାଇନାଲରେ

ଶେନ୍‌ଝେନ୍,୪।୯ (ଏଜେନ୍ସି): ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ୍‌ରେ ଭାରତର ଶ୍ରେଷ୍ଠ ପୁରୁଷ ଯୁଗଳ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସେମିଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ୭୦ ମିନିଟ୍‌ର ରୋମାଞ୍ଚକ ମୁକାବିଲାରେ ସେମାନେ ଡେନମାର୍କର କିମ୍ ଆଷ୍ଟ୍ରପ୍ ଓ ଆଣ୍ଡର୍ସ ରାସମୁସେନ୍‌ଙ୍କୁ ୨୧-୧୩, ୧୬-୨୧, ୨୧-୧୮ ରେ ହରାଇଛନ୍ତି। ଅନ୍ୟପକ୍ଷରେ ଭାରତର କିଦାମ୍ବି ଶ୍ରୀକାନ୍ତ କ୍ୱାର୍ଟରଫାଇନାଲରେ ହଂକଂର ଲି ଚେକ୍ ୟିଉଙ୍କଠାରୁ ୧୬-୨୧, ୧୬-୨୧ରେ ହାରିଛନ୍ତି। ଏହା ପୂର୍ବରୁ ସେ ବିଶ୍ୱର ୯ ନମ୍ବର ଖେଳାଳି ଭିକ୍ଟର ଲାଇଙ୍କୁ ପରାସ୍ତ କରି ବଡ଼ ବିଜୟ ହାସଲ କରିଥିଲେ। ମହିଳା ଏକକରେ ଯୁବ ଭାରତୀୟ ଖେଳାଳି ତନ୍ୱୀ ଶର୍ମା ଜାପାନର ତୋମୋକା ମିୟାଜାକିଙ୍କଠାରୁ ୧୭-୨୧, ୨୧-୧୮, ୧୬-୨୧ରେ ପରାଜିତ ହୋଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ କପିଲା ଓ ତନିଷା କ୍ରାଷ୍ଟୋ ମଧ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଏବେ ଚାଇନା ମାଷ୍ଟର୍ସରେ ଭାରତର ଏକମାତ୍ର ଆଶା ସାତ୍ୱିକ-ଚିରାଗ ଯୋଡ଼ି।

■ ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଉଜବେକିସ୍ତାନଠାରୁ ହାରିଲା ଭାରତ

ତାସକେଣ୍ଟ,୪।୯ (ଏଜେନ୍ସି): ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଆୟୋଜକ ଉଜବେକିସ୍ତାନଠାରୁ ୦-୪ ଗୋଲ୍‌ରେ ପରାସ୍ତ ହୋଇଛି। ଉଜବେକିସ୍ତାନ ପକ୍ଷରୁ ମାରାଟୋଭ୍ ୨୯ତମ, ଅବ୍ରାଏଭ୍ ୪୫ତମ, ଶୋରାଖମେଦୋଭ୍ ୬୭ତମ ଏବଂ ସେରସେନବାଏଭ୍ ୯୦ତମ ମିନିଟ୍‌ରେ ଗୋଲ୍ କରିଥିଲେ। ପରାଜୟ ସତ୍ତ୍ୱେ ଭାରତ ଗ୍ରୁପ୍ 'ବି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ସିରିଆକୁ ୧-୦ରେ ହରାଇଥିବା ଭାରତ ସେପ୍‌ଟେମ୍ବର ୬ରେ ଶେଷ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ଜିତିଲେ ଏବଂ ସିରିଆ ଉଜବେକିସ୍ତାନକୁ ହରାଇ ନପାରିଲେ, ଭାରତର ଯୋଗ୍ୟତା ଆଶା ଉଜ୍ଜୀବିତ ରହିବ। ଭାରତ ପ୍ରଥମ ମ୍ୟାଚ୍‌ରେ ସିରିଆକୁ ୧-୦ରେ ପରାସ୍ତ କରିଥିବାରୁ ଗ୍ରୁପ୍ 'ବି'ରେ ଏବେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଶେଷ ମ୍ୟାଚ୍‌ରେ ସେପ୍‌ଟେମ୍ବର ୬ରେ ବାଂଲାଦେଶକୁ ହରାଇବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ।

## ମୁମ୍ବାଇ କ୍ରିକେଟ୍‌ର ଘରୋଇ ସିଜନ୍ ଉପରେ ହେବ ୱେବ୍ ସିରିଜ୍

ମୁମ୍ବାଇ,୪।୯ (ଏଜେନ୍ସି): ମୁମ୍ବାଇ କ୍ରିକେଟ୍ ସଂଘ ଆସନ୍ତା ଘରୋଇ କ୍ରିକେଟ୍ ସିଜନ୍‌କୁ ନେଇ ଏକ ଡକ୍ୟୁମେଣ୍ଟାରି କିମ୍ବା ୱେବ୍ ସିରିଜ୍ ତିଆରି କରିବାକୁ ଯୋଜନା କରିଛି। ଏଥିପାଇଁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ଅନୁମତି ଚାହିଁଛି ସଂଘ। ଅଷ୍ଟ୍ରେଲିଆର କ୍ରିକେଟ୍‌କୁ ନେଇ ତିଆରି 'ଦ ଟେଷ୍ଟ' ଧାରାବାହିକର ଢାଞ୍ଚାରେ ଏହା ହେବ। ମୁମ୍ବାଇ କ୍ରିକେଟ୍ ସଂଘର ସଭାପତି ଅଜିଙ୍କ୍ୟ ନାଏକ କହିଛନ୍ତି, ଦଳର ପ୍ରସ୍ତୁତିଠାରୁ ସମଗ୍ର ଘରୋଇ ସିଜନ୍ ପର୍ଯ୍ୟନ୍ତ ପଛପଟର ଘଟଣାଗୁଡ଼ିକୁ ଦର୍ଶାଇବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ସଂଘ ଖ୍ୟାତନାମା ନିର୍ଦ୍ଦେଶକ ପ୍ୟାଟ୍ରିକ୍ ଗ୍ରାହାମ୍‌ଙ୍କୁ ନିଯୁକ୍ତ କରିଛି। ରଣଜୀ ଟ୍ରଫିର ୪୨ ଥରର ଚାମ୍ପିଅନ୍ ମୁମ୍ବାଇ ଦଳର ଐତିହ୍ୟକୁ ବିଶ୍ୱସମ୍ମୁଖରେ ରଖିବାକୁ ସଂଘ ଚାହୁଁଛି।

### ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନରେ ଉତ୍ତରାଖଣ୍ଡକୁ ସମସ୍ତ ଟାଇଟଲ

## ବାଳକ ବିଭାଗରେ ଓଡ଼ିଶା ରନର୍ସଅପ୍




ଭୁବନେଶ୍ୱର,୪।୯ (ସମିସ)

ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ସବ୍‌ଜୁନିଅର ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଉତ୍ତରାଖଣ୍ଡ ସମସ୍ତ ବିଭାଗରେ ଚାମ୍ପିଅନ ହୋଇଛି। ଆଜି ସମସ୍ତ ବିଭାଗରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ଖେଳାଯାଇଥିବା ବାଳିକା ବିଭାଗରେ ଉତ୍ତରାଖଣ୍ଡ ୨-୦ରେ ପଶ୍ଚିମବଙ୍ଗକୁ ଓ ବାଳକ ବିଭାଗରେ ଓଡ଼ିଶାକୁ ମଧ୍ୟ ୨-୦ରେ ହରାଇ ଟାଇଟଲ ଜିତିନେଇଥିଲା। ଓଡ଼ିଶା ପକ୍ଷରୁ ସିଙ୍ଗଲ୍ସରେ ସୌମ୍ୟଜିତ ସାହୁ, ଡବଲ୍ସରେ ଦିବ୍ୟମ କେଜରିୱାଲ ଏବଂ ଶୁଭ୍ରକେତନ ମଲ୍ଲିକଙ୍କ ଯୋଡି ପରାଜିତ ହେବା ପରେ ତୃତୀୟ ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା।

ଏହା ପରେ ସିନିଅର ବିଭାଗର ଫାଇନାଲ ମୁକାବିଲା ହୋଇଥିଲା। ପ୍ରଥମେ ଖେଳାଯାଇଥିବା ମହିଳା ବିଭାଗରେ ଉତ୍ତରାଖଣ୍ଡ ୩-୧ ମୁକାବିଲାରେ ଉତ୍ତରପ୍ରଦେଶକୁ ଓ ପୁରୁଷ ବିଭାଗରେ ବିହାରକୁ ୩-୦ରେ ହରାଇ ଟାଇଟଲ ଜିତିନେଇଥିଲା। ସମସ୍ତ ୪ଟି ଯାକ ବିଭାଗ ଫାଇନାଲରେ ଉତ୍ତରାଖଣ୍ଡ ବିପକ୍ଷରେ ଉତ୍ତରପ୍ରଦେଶର ଦିବ୍ୟାଂଶୀ ଗୌତମ କେବଳ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟକୁମାର ସ୍ୱାଇଁ ମୁଖ୍ୟଅତିଥି, ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଗୀତା ଦାସ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଜିଠାରୁ ବ୍ୟକ୍ତିଗତ ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ୬ ତାରିଖ ବା ରବିବାର ଫାଇନାଲ ମୁକାବିଲା ସହ ପ୍ରତିଯୋଗିତା ଶେଷ ହେବ ବୋଲି କର୍ମକର୍ତ୍ତା ସୁରୁଲାଲ ମଟାରୀ ଜଣାଇଛନ୍ତି।

## ପାରା ଭଲିବଲ ଚାମ୍ପିଅନସିପ୍ ଆରମ୍ଭ




ଭୁବନେଶ୍ୱର,୪।୯ (ସମିସ): ପାରା ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ନୂଆପଲ୍ଲୀସ୍ଥିତ ଇଣ୍ଡୋର ହଲ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ରାଜ୍ୟ ପାରା ଭଲିବଲ ଚାମ୍ପିଅନସିପ୍। ରବିବାର ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆୟୋଜକ ସଂଘ ସଭାପତି କମଳାକାନ୍ତ ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ୩ ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୮ଟି ଜିଲ୍ଲାରୁ ୧୫୦ରୁ ଊର୍ଦ୍ଧ୍ୱ ପାରା ଭଲିବଲ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପୁରୁଷ ବିଭାଗରେ ୧୦ଟି ଓ ମହିଳା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଥମେ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଏହା ପରେ ନକ୍‌ଆଉଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ଜାତୀୟ ପାରା ଭଲିବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ ବୋଲି ଜଣାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS